

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୮ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 MARCH 2022

Vol.No. 33 ■ No. 82 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ : ତାରିଣୀ ବିଦ୍ୟା ଭଣ୍ଡାର ଷ୍ଟେସନ ରୋଡ, ବାଲେଶ୍ୱର-୧

ମୂଲ୍ୟ ଟ୧୫୦/-


# ଆଜି ଭାରତ ବନ୍ଦ

ନୂଆଦିଲ୍ଲୀ, ୨୭/୦୩ : ଆସନ୍ତା କାଲି ଓ ତା'ପର ଦିନ ଭାରତ ବନ୍ଦ। ମାର୍ଚ୍ଚ ୨୮ ଓ ୨୯ରେ ଭାରତ ବନ୍ଦ ଡାକରା ଦେଇଚି ଟ୍ରେଡ୍ ୟୁନିୟନ୍। ଏହି ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ୍ ଏହି ଡାକରା ଦେଇଛି। ଏହି ଆନ୍ଦୋଳନରେ ବ୍ୟାଙ୍କ ୟୁନିୟନ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଭାରତ ବନ୍ଦ ନେଇ ଦିଲ୍ଲୀରେ ଟ୍ରେଡ ୟୁନିୟନମାନଙ୍କ ତରଫରୁ ଏକ ବୈଠକ କରାଯାଇ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରାଯାଇଛି। ଏନେଇ ଟ୍ରେଡ ୟୁନିୟନମାନେ କହିଛନ୍ତି, କେନ୍ଦ୍ର ସରକାରଙ୍କ କୃଷକ ମାରଣ, ଜନ ବିରୋଧୀ ଓ ରାଷ୍ଟ୍ର ବିରୋଧୀ ନୀତି, ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ



ଅହେତୁକ ଦରବୃଦ୍ଧି, ଇପିଏଫଧାରୀଙ୍କୁ ଜମା ଉପରେ ସୁଧହାର ହ୍ରାସ ବିରୋଧରେ ଏହି ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାର ଯେଉଁଭଳି ଭାବେ ନୂତନ ଶ୍ରମକୋଡ୍ ଲାଗୁ କରି ସାଧାରଣ ଶ୍ରମିକମାନଙ୍କୁ ଶୋଷଣ କରିବାକୁ ଚେଷ୍ଟା କରିଛନ୍ତି। ବିଶେଷ ଭାବେ ଏହା ବିରୋଧରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି ଟ୍ରେଡ ୟୁନିୟନ ନେତାମାନେ କହିଛନ୍ତି। ଆନ୍ଦୋଳନକୁ ନିର୍ମାଣ ଶ୍ରମିକ, ବିଜୁଳି କର୍ମଚାରୀ, ଟ୍ରାନ୍ସପୋର୍ଟ କର୍ମଚାରୀ ସଂଘଗୁଡିକ ସମର୍ଥନ ଜଣାଇଛନ୍ତି। ଏହାସହ ବ୍ୟାଙ୍କ ଓ ବୀମା ସହିତ ଜଡିତ କର୍ମଚାରୀ ସଂଘ, କୋଇଲା, ଇସ୍ପାତ, ତୈଳ, ଡାକ କର୍ମଚାରୀ ସଂଘ, ଦୂରସଂଚାର କର୍ମଚାରୀ ସଂଘ, ଆୟକର ବିଭାଗ କର୍ମଚାରୀ ସଂଘଗୁଡିକ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇ ଦୁଇ ଦିନିଆ ଭାରତ ବନ୍ଦରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବନ୍ଦକୁ ନେଇ ଷ୍ଟେଟ ବ୍ୟାଙ୍କ ମାର୍ଚ୍ଚ ୨୮-୨୯ରେ ବ୍ୟାଙ୍କସେବା ପ୍ରଭାବିତ ରହିବ ବୋଲି ନିଜ ଗ୍ରାହକଙ୍କୁ ସୂଚନା ଦେଇଛି। ସେପଟେ ଏହି ଆନ୍ଦୋଳନକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟ ସରକାରମାନେ କଡା ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ଆନ୍ଦୋଳନ ବେଳେ ହିଂସାକୁ ରୋକିବା, ଶାନ୍ତିପୂର୍ଣ୍ଣ ଭାବେ ଭାରତ ବନ୍ଦରେ ସାମିଲ ଥିବା ଲୋକ ଯେପରି ଆନ୍ଦୋଳନ କରିପାରିବେ ତାହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି।

## ଇମ୍ରାନଙ୍କୁ ବଡ ଝଟ୍‌କା, ଶକ୍ତି ପ୍ରଦର୍ଶନ ପୂର୍ବରୁ ୫୦ ମନ୍ତ୍ରୀ ଗାଏବ୍

ଇସଲାମାବାଦ, ୨୭/୦୩ : ପାକିସ୍ତାନରେ ସରକାର ପରିବର୍ତ୍ତନ ପାଇଁ ଆରମ୍ଭ ହୋଇଗଲାଣି ବଳ କଷାକଷି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ । ଅନ୍ୟପଟେ ବିରୋଧୀ ଦଳ। ଇମ୍ରାନଙ୍କୁ ଗାଦିଚ୍ୟୁତ କରିବାକୁ ବିରୋଧୀ ଆଣିଛନ୍ତି ଅନାସ୍ଥା ପ୍ରସ୍ତାବ। ଆଉ ବିରୋଧୀଙ୍କୁ ଚେକ୍ ଦେବାକୁ ଆଜି ଶକ୍ତି ପ୍ରଦର୍ଶନ କରିବେ କ୍ରିକେଟରୁ ପ୍ରଧାନମନ୍ତ୍ରୀ ବନିଥିବା ଇମ୍ରାନ ଖାନ। ୧୦ ଲକ୍ଷରୁ ଅଧିକ ସମର୍ଥକଙ୍କୁ ନେଇ ଦମ୍ ଦେଖାଇବେ ବୋଲି ଦାବି କରିଛନ୍ତି ଇମ୍ରାନ୍। ତେବେ ଏହା ପୂର୍ବରୁ ଲାଗିଛି ତାଙ୍କୁ ଜୋରଦାର ଝଟ୍‌କା। ଇମ୍ରାନ ବାରମ୍ବାର କହି ଆସିଛନ୍ତି ଯେତେ ଚାପ ପଡିଲେ



ମଧ୍ୟ ସେ ଇସ୍ତଫା ଦେବେ ନାହିଁ। ତେବେ ଏହାରି ଭିତରେ ତାଙ୍କ ଅସୁବିଧା ଆହୁରି ବଢ଼ିଛି। ନିଜ ଦଳ ତେହେରିକ-ଏ-ଇନ୍‌ସାଫର ପ୍ରାୟ ୫୦ରୁ ଅଧିକ ସଂଘୀୟ ଓ ପ୍ରାଦେଶିକ ମନ୍ତ୍ରୀ ଗାଏବ ହୋଇଯାଇଛନ୍ତି। ଇମ୍ରାନଙ୍କ ବିରୋଧରେ ଆନାସ୍ଥା ପ୍ରସ୍ତାବ ଅଣାଯିବା ପ୍ରସଙ୍ଗ ଉଠିବା ପରେ ଏହି ମନ୍ତ୍ରୀଙ୍କର ଆଉ ଦେଖାନାହିଁ। ସେମାନଙ୍କ ମଧ୍ୟରୁ ୨୫ ଜଣ ଇମ୍ରାନଙ୍କ କ୍ୟାବିନେଟର ମନ୍ତ୍ରୀ ହୋଇଥିଲା ବେଳେ ୪ ଜଣ ରାଷ୍ଟ୍ରମନ୍ତ୍ରୀ ଏବଂ ଅନ୍ୟ ୨୩ ଜଣ ପ୍ରାଦେଶିକ ମନ୍ତ୍ରୀ ଅଛନ୍ତି। ଚର୍ଚ୍ଚା ହେଉଛି କି ଏମାନେ ବିରୋଧୀ ଦଳ ସହ ମିଶି ଇମ୍ରାନଙ୍କ ବିରୋଧରେ ଭୋଟ ଦେଇପାରନ୍ତି। ସେପଟେ ପାକିସ୍ତାନ ସୁପ୍ରିମକୋର୍ଟ କହିଛନ୍ତି, ଶାସକ ଦଳର ମନ୍ତ୍ରୀ କିମ୍ବା ସାଂସଦମାନେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦେଇପାରିବେ। ଏଭଳି କ୍ଷେତ୍ରରେ ସେମାନଙ୍କ ବିରୋଧରେ ଦଳବଦଳ ନିରୋଧ ଆଇନ ଲାଗୁ ହୋଇପାରିବ ନାହିଁ। ରବିବାର ଇସ୍‌ଲାମାବାଦରେ ପିଟିଆଇର ଏକ ବିଶାଳ ରାଲି ଆୟୋଜିତ ହେଉଛି। ଏହି ରାଲିକୁ ସମ୍ବୋଧନ କରିବା ଅବସରରେ ଇମ୍ରାନ ଇସ୍ତଫା ବିଷୟ ଘୋଷଣା କରିବାର ସମ୍ଭାବନା ରହିଛି। ଏଭଳି ସଙ୍କେତ ଦେଇଛନ୍ତି ▶▶ପୃଷ୍ଠା ୭

## ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ୨ ମହାଠକଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଆର୍ଥିକ ଅପରାଧ ଶାଖା ଦୁଇ ଜଣ ମହାଠକଙ୍କୁ ଗିରଫ କରିଛି । ସେମାନଙ୍କ ଉପରେ ସରକାରୀ ଅର୍ଥ ହଡ଼ପ ଅଭିଯୋଗର ଥିଲା । ଏମାନଙ୍କ ମଧ୍ୟରୁ ଜଣଙ୍କର ନାମ ସୁବାସ ଘିସିଂ ଗିରି । ପଶ୍ଚିମବଙ୍ଗରୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା । ତାକୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବଡ଼ବିଲ କୋର୍ଟରେ ହାଜର କରାଯାଇଛି । ସେହିପରି ଦ୍ୱିତୀୟ ଅଭିକ୍ତ ସୟଦ ସହବଜା ନକଭିକୁ ଛତିଶଗଡ଼ରୁ ଗିରଫ କରାଯାଇଛି ସେଠାରୁ ଆଣି ସୟଦକୁ ମଧ୍ୟ ବଡ଼ବିଲ କୋର୍ଟରେ ହାଜର କରାଯାଇଛି । ବଡ଼ବିଲ ପୌରପାଳିକାର କାର୍ଯ୍ୟ ନିର୍ବାହୀଙ୍କ ଅଭିଯୋଗ ଆଧାରରେ ଉଭୟଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ । ନକଲି ଚେକ୍ ଓ ଜାଲ୍ ଦସ୍ତଖତ ଜରିଆରେ ଏମାନେ ୨ କୋଟି ୪୪ ଲକ୍ଷ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଥିଲା ।

## ଏ ଲଢ଼େଇ ଲମ୍ୱା ଚାଲିବ : ବାଇଡେନ

ୱାଶିଂଟନ, ୨୭/୦୩ (ନି.ପ୍ର): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଜଣେ ନରହନ୍ତା। ପୋଲାଣ୍ଡ ଗସ୍ତରେ ଯାଇ ପୁଟିନଙ୍କ ବିରୋଧରେ ଏଭଳି କଡ଼ା ଶବ୍ଦର ବ୍ୟବହାର କରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ସେ କହିଛନ୍ତି, ୟୁକ୍ରେନ ଉପରେ ରୁଷ ଆକ୍ରମଣ କରିବାର କୌଣସି ଯଥାର୍ଥ କାରଣ ନାହିଁ। ଏଥିସହ ଏଣିକି ଲମ୍ୱା ଲଢେଇ ପାଇଁ ପ୍ରସ୍ତୁତ ରହିବାକୁ ପଡିବ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି। ୟୁକ୍ରେନକୁ ନେଇ ରୁଷ୍ ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ନାଟୋରେ ବିଭାଜନ ପାଇଁ ପୁଟିନଙ୍କ ପ୍ରୟାସ ପଣ୍ଡ ହୋଇଯାଇଛି। ୟୁକ୍ରେନ ବିରୋଧୀ ଯୁଦ୍ଧରେ ରୁଷର ରଣନୀତି ଫେଲ ମାରିଥିବା କହିଛନ୍ତି ବାଇଡେନ୍ । ପୋଲାଣ୍ଡର ୱାର୍ସାରେ ବାଇଡେନ୍ ୟୁକ୍ରେନର ୨ ପ୍ରମୁଖ ମନ୍ତ୍ରୀ ଏବଂ ଶୀର୍ଷ କିଭ୍ ଅଧିକାରୀଙ୍କ ସହ



ବୈଠକ କରିଥିଲେ। ଗସ୍ତର ଦ୍ୱିତୀୟ ଦିନରେ ୱାର୍ସାର ମାରିଅଟ୍ ହୋଟେଲରେ ବାଇଡେନ୍ ଏବଂ ୟୁକ୍ରେନ୍‌ର ୨ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ପ୍ରଥମ ଦିନରେ ସେ ପୋଲାଣ୍ଡ ସୀମାରେ ମୁତୟନ ହୋଇଥିବା ଆମେରିକା ସୈନିକଙ୍କୁ ଭେଟିଥିଲେ। ବୈଠକ ପରେ ବାଇଡେନ୍ ୟୁକ୍ରେନକୁ ଆର୍ଥିକ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡା ସାମରିକ ସହାୟତା ପାଇଁ ଆମେରିକୀୟ ସୈନ୍ୟ ପୋଲାଣ୍ଡରେ ରହିବେ ବୋଲି କହିଛନ୍ତି ବାଇଡେନ। ସେପଟେ ବାଇଡେନଙ୍କ ବୟାନକୁ ନେଇ ଆପତି ଜାହିର କରିଛି ରୁଷ । କହିଛି, ବାଇଡେନ୍ ଦୁଇ ଦେଶ ମଧ୍ୟରେ ଦୂରତାକୁ ବଢାଉଛନ୍ତି। ସେପଟେ ୟୁକ୍ରେନରେ ରୁଷର ପ୍ରଥମ ପର୍ଯ୍ୟାୟ ଅପରେସନ୍ ପ୍ରାୟ ଶେଷ ହୋଇଛି। ରୁଷ୍ ସୈନ୍ୟ ବାହିନୀ ୟୁକ୍ରେନ୍‌ର ▶▶ପୃଷ୍ଠା ୭

## ବିହାର ମୁଖ୍ୟମନ୍ତ୍ରୀ ନୀତିଶଙ୍କୁ ଚାପୁଡା ମାରିବାକୁ ଯୁବକଙ୍କ ଉଦ୍ୟମ

ନୂଆଦିଲ୍ଲୀ, ୨୭/୦୩ : ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସୁରକ୍ଷା ବ୍ୟବସ୍ଥାରେ ବଡ ଧରଣର ତ୍ରୁଟି । ରବିବାର ପାଟଣାର ବଖତିଆରପୁରରେ ନୀତିଶଙ୍କୁ ଚାପୁଡା ମାରିବାକୁ ଉଦ୍ୟମ କରି ଗିରଫ ହେଲେ ଯୁବକ । ମିଳିଥିବା ସୂଚନା ମୁତାବକ, ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ କାରକେଡ ବଖତିଆରପୁର ବଜାର ଦେଇ ଯାଉଥିଲା। ଏହି ସମୟରେ ରାସ୍ତା କଡ଼ରେ ଉପସ୍ଥିତ ଥିବା ଲୋକମାନେ ନୀତିଶ କୁମାରଙ୍କ ସମର୍ଥନରେ ସ୍ଲୋଗାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କାରକୁ ଅଟକାଇ ତଳକୁ ଓହ୍ଲାଇ ଲୋକମାନଙ୍କୁ ଭେଟୁଥିବାବେଳେ ଜଣେ ଯୁବକ ତାଙ୍କ ଆଡକୁ ମାଡିଆସିଥିଲେ । ଆଉ ମୁଖ୍ୟମନ୍ତ୍ରୀଙ୍କଠାରୁ ଅଳ୍ପ କିଛି ଦୂରରେ ଥାଇ ସେ ମୁଥ ମାରିବାକୁ ହାତ ଉଠାଇଥିଲେ । ଆଉ ଏହା ଦେଖି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକର୍ମୀ ଯୁବକଙ୍କୁ ଅଟକାଇ ସ୍ଥାନୀୟ ପୁଲିସର ଜିମା ଦେଇଥିଲେ । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଉପରେ ଆକ୍ରମଣ କରିଥିବା ଯୁବକ ଜଣକ ହେଉଛନ୍ତି ମହମ୍ମଦପୁରର ଶଙ୍କର କୁମାର । ଉକ୍ତ ଯୁବକ ଜଣକ ବଖତିଆରପୁରରେ ସୁନା ଦୋକାନ ଚଳାଉଥିବା ବେଳେ ତାଙ୍କୁ ହେପାଜତକୁ ନେଇ ପଚରାଉଚରା କରିଛି ପୋଲିସ । ଏହାପୂର୍ବରୁ ବିହାର ବିଧାନସଭା ନିର୍ବାଚନ ସମୟରେ ମଧ ନୀତିଶଙ୍କ ଉପରେ ଆକ୍ରମଣ ଉଦ୍ୟମ ହୋଇଥିଲା ।

## 'ଏମଆରଏସଏଏମ'ର ସଫଳ ପରୀକ୍ଷା

ବାଲେଶ୍ୱର,୨୭/୦୩ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ମଧ୍ୟମ ଦୂରଗାମୀ ନମୁନା କ୍ଷେପଣାସ୍ତ୍ର (ଏମଆରଏସଏଏମ)ର ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ର ୩ ନଂ ଲଞ୍ଚ କମ୍ପ୍ଲେକ୍ସରୁ ଏହା ପରୀକ୍ଷା କରାଯାଇଥିଲା। ଡିଆରଡିଓ ଓ ଭାରତ ଡାଇନାମିକ ଲିମିଟେଡର ମିଳିତ ସହଯୋଗରେ ନିର୍ମିତ ଏହି 'ଏମଆରଏସଏଏମ'ର ଓଜନ ୧୫୪ କିଲୋଗ୍ରାମ, ଲମ୍ବ ୩.୮୪ ମିଟର ଓ ମୋଟେଇ ୧୭୮ ମିଲିମିଟର ଅଟେ। ୨୫ରୁ ୩୦ କିଲୋମିଟର ଦୂରରୁ ଲକ୍ଷଭେଦ



କରିବାର କ୍ଷମତା ରହିଛି ଏହାର। ଏହା ବାୟୁମଣ୍ଡଳର ୧୨ କିଲୋମିଟର ଉପରେ ଶବ୍ଦର ଗତିଠାରୁ ୪.୫ଗୁଣ ଅଧିକ ବେଗର ଗତି କରିଥାଏ। ତେବେ ଆଜିର ଏମଆରଏସଏଏମ ପରୀକ୍ଷା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇଟିଆର ଲଞ୍ଚ କମ୍ପ୍ଲେକ୍ସ-୩ର ଅଢ଼େଇ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ଥିବା ୫ ଗୋଟି ପଞ୍ଚାୟତରୁ ୭ହଜାର ଗ୍ରାମବାସୀଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର କରାଯାଇଛି।

## ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କ ପରଲୋକ



ବରଗଡ଼, ୨୭/୦୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ରିପୁନାଥ ସେଠଙ୍କ ରବିବାର ଦିନ ପରଲୋକ ହୋଇଯାଇଛି। ତାଙ୍କର ବିୟୋଗରେ ଅନେକ ଗଣ୍ୟମାନ୍ୟ ଲୋକ ମାନେ ଶୋକ ପ୍ରକାଶ କରିଛନ୍ତି । ହୃଦଘାତରେ ତାଙ୍କର ପରଲୋକ ହୋଇଥିବା ଜଣାଯାଇଛି। ବରଗଡ଼ ଜିଲ୍ଲା ବରପାଲି ନିବାସୀ ସ୍ୱର୍ଗତ ସେଠ୍ କଂଗ୍ରେସରୁ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ ଏବଂ ୧୯୯୫ ବିଧାନସଭା ନିର୍ବାଚନରେ ବିଜେପୁର ଆସନରୁ ନିର୍ବାଚିତ ହେବା ସହିତ ତତ୍କାଳୀନ ରାଜ୍ୟ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ପାଇଥିଲେ।

## ଆଇଆଇସିଙ୍କ ରହସ୍ୟମୟ ମୃତ୍ୟୁରେ ନୂଆମୋଡ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଭଞ୍ଜନଗର ଗାଙ୍ଗପୁର ଥାନା ଆଇଆଇସି ଦେବ କୁମାର ଗମାଙ୍ଗଙ୍କ ମୃତ୍ୟୁକୁ ନେଇ ବଢୁଛି ରହସ୍ୟ । ଗୁଳି ଫୁଟିବା ସମୟରେ କେବଳ ଦୁଇ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତି ସନ୍ଦେହକୁ ଆହୁରି ବଢାଉଥିବା ବେଳେ ଇତିମଧ୍ୟରେ ଘଟଣାରେ ଆସିଛି ନୂଆମୋଡ । ଗଞ୍ଜାମ ଏସପି ବ୍ରିଜେଶ ରାୟ ଏହି ଘଟଣାରେ ନୂଆ ମୋଡ ଆଣିଛନ୍ତି । ସେ କହିଛନ୍ତି, ମୃତ ଆଇଆଇସି ଦେବ କୁମାର ଗମାଙ୍ଗଙ୍କ ଭଉଣୀ ପୁଲିସ ନିକଟକୁ ଫୋନ କରିଥିଲେ । ଭଉଣୀ ପୁଲିସକୁ ଫୋନରେ କହିଥିଲେ, ଆଇଆଇସି ଗମାଙ୍ଗଙ୍କ ମାନସିକ ସନ୍ତୁଳନ ଠିକ ନାହିଁ । ସେ ଆତ୍ମହତ୍ୟା ବି କରିପାରନ୍ତି । ତାପରେ ଏସଡିପିଓ ଓ ଭଞ୍ଜନଗର ଆଇଆଇସି, ଘଟଣା ଦିନ ତାଙ୍କ ଘରକୁ ଯାଇଥିଲେ । ଏହା ପରବର୍ତ୍ତୀ ଘଟଣା କଣ ହେଲା ତାଉପରେ ତଦନ୍ତ ଚାଲିଛି ବୋଲି ଏସପି କହିଛନ୍ତି । ତେବେ ମୃତ୍ୟୁ ଘଟଣା ରହସ୍ୟ ଘେରରେ ରହୁଥିବା ବେଳେ ପ୍ରଥମ ଥର ପାଇଁ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ଆଇଆଇସିଙ୍କ ପତ୍ନୀ । କହିଛନ୍ତି ଦେବ କୁମାର ଗମାଙ୍ଗଙ୍କ ଉପରେ ଅଫିସରୁ ଚାପ ପଡୁଥିଲା, ସେ କୌଣସି ମାନସିକ ଦୁଶ୍ଚିନ୍ତାରେ ନଥିଲେ । ତେଣୁ ଏହା ସୁଚିନ୍ତିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ଅନ୍ୟପଟେ ଆଇଆଇସିଙ୍କ ମୃତ୍ୟୁ ମାମଲାରେ ପୋଷ୍ଟ ମର୍ଟମ ରିପୋର୍ଟ ଆଧାରରେ ତଦନ୍ତ ହେବା ନେଇ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ । ଏଚଆରପିସିର ଛତ୍ରପୁର ଅଧିକାରୀଙ୍କୁ ତଦନ୍ତ ଭାର । ଏଚଆରପିସିର ଡିଏସପି ସାମୁଏଲ ପ୍ରଧାନଙ୍କ ଉପରେ ତଦନ୍ତ ଭାର ଦିଆଯାଇଛି । ସହଯୋଗ କରିବେ ଜଣେ ଅତିରିକ୍ତ ଏସପି ପାହ୍ୟାର ଅଧିକାରୀ । ଘଟଣା ବେଳେ ୨ ଅଧିକାରୀ ଉପସ୍ଥିତ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହା ତଦନ୍ତ ପରେ ଜଣାପଡିବ କହିଛନ୍ତି ଏସପି ।

## ପ୍ରମିଳା ପଣ୍ଡା ଉଦଳା ଏନ୍.ଏ.ସି.ର ନଗରପାଳ ଭାବେ ନିର୍ବାଚିତ

ଉଦଳା, ୨୭/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପଦ ପାଇଁ ମୋଟ ୬ ଜଣ ପ୍ରାର୍ଥିନୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ । ସେମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପ୍ରାର୍ଥିନୀ ଅନୀତା ଦାଶ ମୋଟ ୨୫୦ ଖଣ୍ଡ, ଭାରତୀୟ ଜନତା ପାର୍ଟିର ପାର୍ଥିନୀ ପ୍ରମିଳା ପଣ୍ଡା ମୋଟ ୩୯୮୩ ଖଣ୍ଡ, ସ୍ୱାଧୀନ ପ୍ରାର୍ଥିନୀ ଯଶୋଦା ସାହୁ (ଫଳନ୍ତି ନଡ଼ିଆଗଛ ଚିହ୍ନ) ମୋ ୬୨



ଖଣ୍ଡ, ବିଜୁ ଜନତା ଦଳର ପ୍ରାର୍ଥିନୀ ରଞ୍ଜିତା ବାନାର୍ଜି ମୋଟ ୩୧୧୭ ଖଣ୍ଡ, ସ୍ୱାଧିନ ପ୍ରାର୍ଥିନୀ (ସାଇକଲ ଚିହ୍ନ) ୫୬ ଖଣ୍ଡ, କଂଗ୍ରେସ ଦଳର ପ୍ରାର୍ଥିନୀ ସୁନିତା ଲେଙ୍କା ୮୫ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୯୧ ଖଣ୍ଡ ଭୋଟ ପଡ଼ିଥିଲା । ସମୁଦାୟ ୭୬୪୪ ଜଣ ଭୋଟର ଭୋଟ ଦେଇଥିଲେ । ଭାରତୀୟ ଜନତା ପାର୍ଟିର ପ୍ରାର୍ଥିନୀ ପ୍ରମିଳା ପଣ୍ଡା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ବିଜୁ ଜନତା ଦଳର ପ୍ରାର୍ଥିନୀ ରଞ୍ଜିତା ବାନାର୍ଜିଙ୍କ ଠାରୁ ମୋଟ ୮୬୬ ଖଣ୍ଡ ଭୋଟ ଅଧିକ ପାଇ ନଗରପାଳ ଭାବେ ନିର୍ବାଚିତ ହେଲେ ।

## ଘାଇକୁ ଖସିଲା ଯାତ୍ରୀବାହୀ ବସ୍, ୭ ମୃତ

ହାଇଦ୍ରାବାଦ, ୨୭/୦୩ (ନି.ପ୍ର): ଘାଇକୁ ଖସି ପଡିଲା ଯାତ୍ରୀବାହୀ ବସ୍। ଏଥିରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୫ ଗୁରୁତର ହୋଇଛନ୍ତି। ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ଆନ୍ଧ୍ରପ୍ରେଦଶର ଚିତ୍ତୋର ଜିଲ୍ଲାର ଭାକରାପେଟ ଠାରେ। ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ଘରୋଇ ବସ୍‌ଟି ବିବାହ ଉତ୍ସବରେ ଯୋଗ ଦେଇଥିବା୬୩ ଜଣଙ୍କୁ ନେଇ ଅନନ୍ତପୁର ଜିଲ୍ଲା ଧର୍ମଭରମରୁ ଚିତ୍ତୋର ନାଗରି ନିକଟସ୍ଥ ଏକ ଗାଁକୁ ଯାଉଥିଲା। ବସ୍‌ଟି ଘାଟି ରୋଡ୍ ଦେଇ ଯାଉଥିବା ବେଳେ ଅଉଡୁପୁଟସ୍ପ ଘାଟିରେ ଖସିପଡ଼ିଥିଲା। ଖବର ପାଇ ପୁଲିସ, ଉଦ୍ଧାରକାରୀ ଦଳ ଓ ଅଗ୍ନିଶମ ବାହିନୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ବସ୍‌ଟି ୫୦ ଫିଟ ତଳକୁ ଖସିପଡ଼ିଥିବାରୁ ଅନ୍ଧାର ଯୋଗୁ ଉଦ୍ଧାର କାର୍ଯ୍ୟରେ



ବାଧା ସୃଷ୍ଟି ହୋଇଥିଲା। ତେଣୁ ସକାଳ ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ପୀଡ଼ିତମାନଙ୍କୁ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ତିରୁପିତ ଏସ୍‌ପି କହିଛନ୍ତି 'ଡ୍ରାଇଭର ଅବହେଳା ଯୋଗୁ ବସ୍‌ଟି ଘାଇ ଭିତରକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତଦନ୍ତ ଜାରି ରହିଛି।' ସେପଟେ ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ଆନ୍ଧ୍ରପ୍ରନେଶ ମୁଖ୍ୟମନ୍ତ୍ରୀ ଜଗନ୍ମୋହନ ରେଡ୍ଡୀ। ସେ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏଁ ଓ ଗୁରୁତରଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଏଥିସହ ଦୁର୍ଘଟଣାରେ ଗୁରୁତର ଥିବା ଲୋକଙ୍କୁ ଯେଭଳି ଉତ୍ତମ ଚିକିତ୍ସା ମିଳିପାରିବ ସେ ନେଇ ସେ ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

## ମାନସ ସ୍ୱାଇଁ ହତ୍ୟା ମାମଲା : ଦୟାଲ ଆଶ୍ରମ ସିଲ୍ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ମାନସ ସ୍ୱାଇଁ ହତ୍ୟା ମାମଲାରେ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ଆଶ୍ରମକୁ ସିଲ କରିଛି କ୍ରାଇମବ୍ରାଞ୍ଚ । ଫଟୋଗ୍ରାଫର ମାନସ ସ୍ୱାଇଁ ହତ୍ୟା ମାମଲାରେ ଆଜି ଦୟାଲ ଆଶ୍ରମରେ ୨ ଘଣ୍ଟା କାଳ ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଛାନଭିନ କରିଛନ୍ତି । ଫରେନସିକ୍ ଟିମଙ୍କୁ ସାଙ୍ଗରେ ନେଇ ପୁରା ଆଶ୍ରମର ଭିଡିଓଗ୍ରାଫି ମଧ କରାଯାଇଛି । ଆଶ୍ରମ ନିକଟ ପଡିଆରୁ ଏକ ବାଡି ଓ ଆଶ୍ରମରୁ ଭିଜିଟର୍ସ ଡାଏରୀକୁ ଜବତ କରିଛି ତଦନ୍ତକାରୀ ଦଳ ।





ବହୁଚର୍ଚ୍ଚିତ ମାନସ ସ୍ୱାଇଁ ହତ୍ୟାକାଣ୍ଡ ଉପରୁ ପରଦା ହଟାଇବା ପାଇଁ ଭୁବନେଶ୍ୱର ସ୍ଥିତ ଦୟାଲ ଆଶ୍ରମରେ ଛାନଭିନ୍ କରିଛି କ୍ରାଇମବ୍ରାଞ୍ଚ ଟିମ୍ । କ୍ରାଇମବ୍ରାଞ୍ଚ ଡିଏସପି କଳ୍ପନା ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ୫ଜଣିଆ ଟିମ୍ ଖୋଳତାଡ କରିଛନ୍ତି । ଆଶ୍ରମର ମହିଳା କେୟାର ଟେକରଙ୍କୁ ପଚରା ଉଚରା କରିବା ସହ ତାଙ୍କୁ ତଦନ୍ତକାରୀ ଦଳ ନିଜ ହେପାଜତକୁ ନେଇଯାଇଛନ୍ତି । ଏଥିସହ ଆଶ୍ରମକୁ ସିଲ କରି ଦେଇଛି କ୍ରାଇମବ୍ରାଂଚ । କ୍ରାଇମବ୍ରାଞ୍ଚ ଟିମ୍ ସାଙ୍ଗରେ ଫରେନସିକ ଟିମକୁ ଆଶ୍ରମ ଭିତରକୁ ନେଇ ପ୍ରମାଣ ସଂଗ୍ରହ କରିଛି । ଏଥିସହ ଦୟାଲ ଆଶ୍ରମର ଭିତର ଓ ବାହାରର ଥ୍ରୀଡି କ୍ୟାମେରାରେ ଭିଡିଓଗ୍ରାଫି କରାଯାଇଛି । ସେପଟେ କ୍ରାଇମବ୍ରାଞ୍ଚ ଅଧିକାରୀ ଏକ ବାଡିକୁ ଘୋଡେଇ ନେଉଥିବା କ୍ୟାମେରାରେ ▶▶ପୃଷ୍ଠା ୭

# ଆଇଟିସି ମିଶନ ସହଯୋଗରେ ମମତା ଓଡିଶା ପକ୍ଷରୁ କର୍ମଶାଳା

ମାଲକାନଗିରି,୨୭/୦୩(ନି.ପ୍ର): ଗ୍ରାମାଂଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ବିକାଶ ପାଇଁ ଗତ ପ୍ରାୟ ଏକ ବର୍ଷ ଧରି ମାଲକାନଗିରି ଜିଲ୍ଲା କାଲିମେଳା ଓ ପଡିଆ ବ୍ଲକରେ ଆଇଟିସି ମିଶନ ସୁନେହରାକଲ କାର୍ଯ୍ୟକ୍ରମ ଅବସରରେ ମମତା ଓଡିଶା ପକ୍ଷରୁ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିପାଇଁ ଆଜି କାଲିମେଳା ବ୍ଲକ କାର୍ଯ୍ୟାଳୟ ପରିସରରେ ମମତା ଓଡିଶା ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ କରାଯାଇଥିଲା । ଏହି କର୍ମଶାଳା ରେ ଗତ ବର୍ଷ ଗ୍ରାମାଂଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଅୟୋଜିତ ପିୟର ଲିଡର ଟ୍ରେନିଂ, ଆଶା ଓ ଅଙ୍ଗନବାଡି କର୍ମୀ ଙ୍କ ତାଲିମ, ଗାଁ କଲ୍ୟାଣ ସମିତି ଅନ୍ତର୍ଗତ କର୍ମୀଙ୍କ ତାଲିମ,ଗୋଷ୍ଠୀ ସମୂହ ତାଲିମ ଓ ଗ୍ରାମ ସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବାବଦରେ ଆଲୋଚନା ହେବା ସହ ଚଳିତ ବର୍ଷ ପ୍ରାୟ ଏକ ହଜାର ଆଠ ଶହ କର୍ମୀ ଏହି ତାଲିମ ରେ ଯୋଗ ଦେଇଥିବା କୁହାଯାଇଥିଲା। ସେହିପରି ପ୍ରାୟ ୧୨ ହଜାର ୪ ଶହ ୮୦ କିଶୋର ବାଳକ ବାଳିକା, ୧୭୮୦ ଗର୍ଭବତୀ ଓ ପ୍ରସୂତୀ ମହିଳା, ୫ ହଜାର ବିବାହିତ ଦମ୍ପତି ଓ ଏକ ହଜାର ୭୨ ଜଣ ୦-୬ ବର୍ଷ ଶିଶୁ ଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା ବାବଦରେ ତାଲିମ ଦିଆଯାଇଥିବା ଜଣାପଡିଛି । କାର୍ଯ୍ୟକ୍ରମ ଆରମ୍ଭରେ ମମତା ଓଡିଶା ଶାଖା ମୁଖ୍ୟ ଡଃ ସୁରେନ୍ଦ୍ର ଜେନା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ କହିବା ସହ ପ୍ରୋଜେକ୍ଟର ମାଧ୍ୟମରେ ସ୍କ୍ରିନିଂ କରାଇଥିଲେ। ଏହି ଅବସରରେ ପଡିଆ ଓ କାଲିମେଳା ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଆଶା ଦିଦି, ଗର୍ଭବତୀ ପ୍ରସୂତୀ ମହିଳା ସହ କିଶୋର ଓ କିଶୋରୀ ମାନେ ଆଇଟିସି ମିଶନ ସୁନେହରାକଲ ସହଯୋଗରେ ମମତା ଓଡିଶା ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ବେଶ ପ୍ରସଂଶା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମା ଶଙ୍କର ଦଳେଇ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏବିଡିଓ ବସନ୍ତ କୁମାର ବେହେରା, ଆଇଟିସି ମିଶନ ର ପ୍ରୋଗ୍ରାମ୍ ମ୍ୟାନେଜର ଜୟ ପ୍ରକାଶ ରାମାସ୍ୱାମୀ, ପ୍ରୋଗ୍ରାମ ଅଫିସର କେ କୃଷ୍ଣ ଓ ଡଃ ଅନୁପ ପାଢି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହର୍ଷ ଟ୍ରଷ୍ଟ ରୁ ରାକେଶ ହୋତା, ପ୍ରଥମ ଓଡିଶାରୁ ଶଙ୍କର କ୍ଷିତି, ସୁଷ୍ଟି ଓଡିଶାରୁ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ରାଜେଶ ଓଝା, ନୟାମୀ ଖରା, ଭୁବନ ବିଶି, ପୂଜା ଚକ୍ରବର୍ତ୍ତୀ, ଝିଲି ସିଲ୍ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ ପାଇଁ ଚତୁଃପାର୍ଶ୍ୱରେ ବ୍ୟାପକ ଖନନକୁ ଆପ୍ର ବିରୋଧ

ପୁରୀ,୨୭/୦୩ (ନି.ପ୍ର): ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରକୁ ବିଶ୍ୱ ଐତିହସ୍ଥଳ ଭାବେ ରୂପାନ୍ତରିତ କରିବା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ନିଷ୍ଠାପର ଏବଂ ନିରନ୍ତର ପ୍ରୟାସକୁ ଆପ ଦଳ ସ୍ୱାଗତ କରିଛି । ଏହି ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଯେଉଁ ବ୍ୟାପକ ଖନନ କାର୍ଯ୍ୟ ଚାଲିଛି ସେଥିରେ ବୈଧ ପ୍ରକ୍ରିୟା ଅବଲମ୍ୱନ କରାଯାଇନାହିଁ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ଏବଂ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକାରଣ ର ବିନା ଅନୁମତି ଏବଂ ସହମତିରେ ଚାଲିଥିବା ଏହି ଗଭୀର ଖନନ କାର୍ଯ୍ୟ ଶ୍ରୀମନ୍ଦିରର ନିରାପତା ଓ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଦୀର୍ଘ ହଜାରେ ବର୍ଷର ଏହି ପ୍ରାଚୀନ ସ୍ମାରକୀର ଗଢ଼ଣ ସଋଚନା କୁ ଦୃବଳ କରିବ ବୋଲି ସାଧାରଣରେ ଆଶଙ୍କା ଏବଂ ଅସନ୍ତୋଷ ଦେଖାଦେଇଛି ।ପ୍ରାଚୀନ ସ୍ମାରକୀ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ଓ ଭଗ୍ନାବଶେଷ (ସଂଶୋଧନ ଓ ବୈଧିକରଣ)ଅଧିନିୟମ ୨୦୧୦ ମୁତାବକ, ପ୍ରାଚୀନ ସ୍ମାରକୀର ୧୦୦ ମିଟର ଚତୁର୍ପାର୍ଶ୍ୱରେ ନିଷେଧାଞ୍ଚଳରେ ଯେ କୌଣସି ନିର୍ମାଣ କାର୍ଯ୍ୟ ନେଷେଧ ଅଟେ। ଯଦି ଏହି ନେଷେଧାଞ୍ଚଳ କିମ୍ବା ନିୟନ୍ତ୍ରିତ ଅଞ୍ଚଳରେ କୌଣସି ନିର୍ମାଣ କିମ୍ବା ପୁନରୁଦ୍ଧାର କାର୍ଯ୍ୟ କରାଯାଏ, ତେବେ ଉପରୋକ୍ତ ସକ୍ଷମ ପ୍ରାଧିକାରୀ(ଏ ଏସ ଆଇ ଓ ଏନ ଏମ ଏ )ଙ୍କ ଅନୁମତି ଏବଂ ସହମତି ଅତ୍ୟନ୍ତ ଜରୁରୀ ଅଟେ। ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ସଂସ୍କୃତିର ପ୍ରାଣକେନ୍ଦ୍ର। ପ୍ରଭୁ ଜଗନ୍ନାଥ ଏବଂ ଶ୍ରୀମନ୍ଦିର ଦେଶରେ ଏବଂ ଦେଶ ବାହାରେ ଥିବା କୋଟି କୋଟି ଭକ୍ତ,ଶ୍ରଦ୍ଧାଳୁ, ସେବକ,ସେବାୟତ ଏବଂ ହିନ୍ଦୁ ମାନଙ୍କ ଆସ୍ଥା,ବିଶ୍ୱାସ ଓ ଧାର୍ମିକ ଭାବନାର ଉତ୍ସ। କିଛିଦିନ ତଳେ ମିଡ଼ିଆ ମାଧ୍ୟମରେ ଜାଣିବାକୁ ପାଇଲୁ ଯେ ଶ୍ରୀମନ୍ଦିର ନାଟମଣ୍ଡପ ରେ ଦୁଇ ଫୁଟ ଲମ୍ବା ଦେଢ଼ ଇଞ୍ଚ ପ୍ରସ୍ଥ ର ଫାଟ ସୃଷ୍ଟି ହୋଇଛି । ଖୋଳା ହେବା ଆରମ୍ଭରୁ ଆମ୍ ଆଦ୍ ?ମୀ ପାର୍ଟି ଶ୍ରୀମନ୍ଦିର ଛତିଶା ନିଯୋଗ , ପୁରୀ ଓକିଲ ସଂଘ ଏବଂ ବିଭିନ୍ନ ସଂଘକୁ ଚିଠି ଲଖିକି ଘଟଣା ସମ୍ୱାଧରେ ତଦାରଖ କରି ମନ୍ଦିର ସୁରକ୍ଷା ଦାବି କରି ପ୍ରଶାସନ ସହ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲା । ଜିଲ୍ଲାପାଳ ମହୋଦୟ ନିୟମ ନମାନି କାର୍ଯ୍ୟକୁ ଜାରିରଖିଛନ୍ତି । ପାର୍ଟି ତରଫରୁ ତିନିଜଣିଆ କମିଟି ମଧ ସ୍ଥିତି ଅନୁଧ୍ୟାନ କରି ରାଜ୍ୟ ଆବାହକ ଙ୍କୁ ରେପୋର୍ଟ ଦେଇଥିଲା । ରିପୋର୍ଟ ର ଅନୁଧ୍ୟାନ ପରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀମନ୍ଦିର ସୁରକ୍ଷା ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛି । ଏହାପରେ ମନ୍ଦିର ଚାରିପାଖ ପଦ ଯାତ୍ରା କରି ନିଜର ବିରୋଧ ପ୍ରଦର୍ଶନ କରିବା ସହ ମନ୍ଦିର ସୁରକ୍ଷା ପାଇଁ ଜନ ସାଧାରଣଙ୍କୁ ଆଗକୁ ଆସିବା ପାଇଁ ଆହ୍ୱାନ କରାଯାଇଛି । ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି ଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ ବଶିଷ୍ଠ ରଥ , ମୁଖପାତ୍ର ସତ୍ୟଜିତ ମହାନ୍ତି ,ସତ୍ୟବାଦୀ ଆବାହକ ଦେବ ଲୋଚନ , ଚିନ୍ମୟୀ ରଥ , ପାର୍ବତୀ ପ୍ରଧାନ ,ଦୁଃଖିନୀ ବେହେରା , ରାଜେଶ ପଣ୍ଡା , ପ୍ରକାଶ ପ୍ରଧାନ , ବିରଜା ପ୍ରସାଦ ନାଥ , ଯୁଲ୍ଫୁକର୍ ଅଲ୍ଲୀ , ବାଦଲ ଖାନ୍ , ରମେଶ ଚନ୍ଦ୍ର ମଲ୍ଲିକ , ଶ୍ରୀକାନ୍ତ ସାମଲ ,ସୁକାନ୍ତ ଘଡ଼େଇ , ସୌମ୍ୟକାନ୍ତ ବେହେରା , ସ୍ୟାମଲେନ୍ଦୁ ପ୍ରଧାନ , ଯୁଧିଷ୍ଠିର ବାରିକ୍ , ଶୋଭନ ବାରିକ୍ , ଦେବାଶିଷ ମିଶ୍ର ଏବଂ ଦେବ ପଧାନ ଆଦି ପ୍ରମୁଖ ସଦସ୍ୟଙ୍କ ସହ ପାର୍ଟିର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

# ବିଦ୍ୟୁତ ବିଭାଗ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେଲେ ଯୁବ ଆଇନଜୀବି

ସାଲେପୁର ,୨୭/୦୩(ନି.ପ୍ର): ବିଦ୍ୟୁତ ବିଭାଗର ଜନସାଧାରଣଙ୍କୁ ବିଭିନ୍ନ ନୀତି ଅବଲମ୍ୱନ କରି ଶୋଷଣ କରୁଥିବା ନଜିର ରହିଛି । ଏହାର ପ୍ରତିବାଦରେ ନିର୍ଶ୍ଚିନ୍ତକୋଇଲିର ଯୁବ ଆଇନଜୀବୀ ପ୍ରମୋଦ କୁମାର ରାଉତ ବିଦ୍ୟୁତ ସେସୁଠାରୁ ଦାୟିତ୍ୱ ନେଇଥିବା ଟିପିସିଓଡିଏଲ୍ (ଟାଟା ପାୱାର କଂପାନୀ) ହିତାଧିକାରୀଙ୍କ ଘରେ ତ୍ରୁଟି ପୂର୍ଣ୍ଣ ମିଟର ବସାଇବା ସାଙ୍ଗକୁ ତ୍ରୁଟିପୂର୍ଣ୍ଣ ବିଲ୍ ଦେବା ଦ୍ୱାରା ଉପଭୋକ୍ତାମାନେ ହତୋତ୍ସାହିତ ହୋଇପଡିଥିଲେ । ଏହାକୁ ପାଥେୟ କରି ଯୁବ ଆଇନଜୀବୀ ମାନ୍ୟବର ଅଦାଲତର ଆଶ୍ରୟ ନେଇଛନ୍ତି । ଶ୍ରୀ ରାଉତଙ୍କ ଅଭିଯୋଗ ମୁତାବକ ବିଦ୍ୟୁତ ବିତରଣକାରୀ ସଂସ୍ଥା ଚଞ୍ଚକତା ଉପାୟ ଅବଲମ୍ୱନ କରି ଏକ ବେଆଇନ ବିଲିଂ ଲେଜର ଯାହାର ଉପଭୋକ୍ତା ନମ୍ବର ଏସ୍ ଏନ୍ ଡି ୩୧୬୭ । ଏହି ଉପଭୋକ୍ତା ନମ୍ବରକୁ ଭିତ୍ତି କରି ଶ୍ରୀ ରାଉତ ଏକ ପିଟିସନ୍ ମାଧ୍ୟମରେ ବିଦ୍ୟୁତ ବିଭାଗର ବିଚାର ବିଭାଗ ଯଥା ରେଡ୍ ରେସାଲ ଫୋରମ୍ କଟକ ଏବଂ ଆମ୍ବୁସମ୍ୟାନ୍ ଓ ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ବିଦ୍ୟୁତ ବିଭାଗର ବିଚାର ବିଭାଗ ଇଲେକ୍ଟ୍ରି ଡିପାର୍ଟମେଣ୍ଟକୁ ସପୋଟ କରି ରାୟ ପ୍ରଦାନର ଘଟଣାକୁ ଚ୍ୟାଲେଞ୍ଜ କରି ଶ୍ରୀ ରାଉତ ଏକ ରିଟ୍ ପିଟିସନ୍ ଯାହାର ନମ୍ବର ଡବ୍ଲୁପିସି ୪୩୫୫/ ୨୨ମହାମାନ୍ୟ ହାଇକୋର୍ଟରେ ଦାଖଲ କଲେ । ଶ୍ରୀ ରାଉତ ଇଲେକ୍ଟ୍ରିକ୍ ବିଭାଗର ପକ୍ଷପାତିତାକୁ ଅନୁଭବ କରି ବିଭାଗ ବିରୁଦ୍ଧରେ ସିବିଆଇ କିମ୍ବା କ୍ରାଇମ୍ବ୍ରାଞ୍ଚ ତଦନ୍ତ ପାଇଁ ପ୍ରାର୍ଥନା କରିଛନ୍ତି । ମାତ୍ର ଉକ୍ତ ମାମଲାର ଶୁଣାଣୀ ଗତ ତା. ୧୫.୩.୨୦୨୨ ରିଖରେ ମହାମାନ୍ୟ ହାଇକୋର୍ଟର ଡିଭିଜନ ବେଞ୍ଚର ବିଚାରପତି ଜଷ୍ଟିସ୍ ସି.ଆର. ଦାସ ଓ ଏସ୍. ମିଶ୍ରା ଟିପିସିଓଡିଏଲ୍ , ଏ.ଜି.ଏମ୍. ଇଲେକ୍ଟ୍ରିକାଲ ସାଲେପୁର, ଏସ୍ ଡିପିଓ ଇଲେକ୍ଟ୍ରିକାଲ ନିର୍ଶ୍ଚିନ୍ତକୋଇଲି, ଜୁନିୟର ଇଞ୍ଜିନିୟର ନିର୍ଶ୍ଚିନ୍ତକୋଇଲିଙ୍କୁ ନୋଟିସ କରାଯାଇଛି ଯେ କାହିଁକି ସେମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାନଯିବ । ତାହାର ଜବାବ ଦିଅନ୍ତୁ । ଏଠାରେ ଉଲ୍ଲେଖଯୋଗ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କରେ ରାଜ୍ୟ ସରକାରମାନେ ବିଦ୍ୟୁତ କିଣି କମ୍ ଦରରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେଉଥିଲା ବେଳେ ଆମ ରାଜ୍ୟରୁ ବିଦ୍ୟୁତ ଉତ୍ପାଦନ ହେଉଥିଲେ ମଧ ଓଡିଶାର ଜନସାଧାରଣ ମାନଙ୍କଠାରୁ ଚଢା ଦରରେ ବିଦ୍ୟୁତ ଶୁଳ୍କ ଆଦାୟ କରାଯାଉଛି । ଶ୍ରୀ ରାଉତ ମଧ ଭିଜିଲାନ୍ସ କରିଥିବା ରିଟିନ୍ ରିପୋର୍ଟକୁ ମଧ ମହାମାନ୍ୟ ହାଇକୋର୍ଟରେ ଦାଖଲ କରିଛନ୍ତି । ଶ୍ରୀ ରାଉତଙ୍କ ସମେତ ସ୍ଥାନୀୟ ଅଂଚଳର ସମାଜସେବୀ ଜ୍ଞାନରଂଜନ ରାଉତ, ଚିନ୍ତାମଣି ପୁହାଣ, ପ୍ରଶାନ୍ତ କୁମାର ମିଶ୍ର, ରାମଚନ୍ଦ୍ର ମଲିକ, କପିଳ ଚରଣ ରାଉତ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଟାଟା କଂପାନୀର ଠକାମୀରୁ ଉଦ୍ଧାର କରି ସଠିକ୍ ସେବା ଦେବା ସହିତ ସାଧାରଣ ଉପଭୋକ୍ତାଙ୍କୁ ବିଭିନ୍ନ ଅସାଧୁ ଉପାୟ ଅବଲମ୍ୱନ କରି ନ ଠକିବା ପାଇଁ ସରକାରଙ୍କ ନିକଟରେଦାବି କରିଛନ୍ତି ।

## ଚିତ୍ରକୋଣ୍ଡାଠାରେ ଅଲ ଓଡିଶା ମାର୍ସଲ ଆର୍ଟ ଏକାଡେମୀର ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ

ମାଲକାନଗିରି,୨୭/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ଅଲ ଓଡିଶା ମାର୍ସଲ ଆର୍ଟ ଏକାଡେମୀରେ ତାଲିମ ନେଇ ଜିଲ୍ଲାର ବହୁ ଯୁବକ ଯୁବତୀ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର କଳା କୌଶଳ ପ୍ରଦର୍ଶନ କରି ବହୁ ପଦକ ଜିତି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାଓ ପ୍ରବଣ ଆଦିବାସୀ ବହୁଳ ଚିତ୍ରକୋଣ୍ଡା ବ୍ଲକ ସଦର ମହାକୁମାରେ ସ୍ଥାନିୟ ଅଂଚଳର ଯୁବକ ଯୁବତୀ ମାନଙ୍କୁ ମାର୍ସଲ ଆର୍ଟ ସମ୍ପର୍କରେ ତାଲିମ ଦେବା ପାଇଁ ଅଲ ଓଡିଶା ମାର୍ସଲ ଆର୍ଟ ଏକାଡେମୀ ରାଜ୍ୟ ମୁଖ୍ୟ ଯାଦୁଗର ବିନାଶ କୁମାର ମିଶ୍ର ଙ୍କ ଉଦ୍ୟମରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଆଜି ଠାରୁ ଆରମ୍ଭ କରାଯାଇଛି। ରାଜ୍ୟ ମୁଖ୍ୟ ଶ୍ରୀ ମିଶ୍ର ଉପସ୍ଥିତ ରହି ଏହି ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଥିଲେ।

ସ୍ଥାନୀୟ ଅଂଚଳରୁ ୧୫ ଜଣ ଯୁବକ ପ୍ରଥମ ଦିନରେ ମାର୍ସଲ ଆର୍ଟ ର ବିଭିନ୍ନ କଳା କୌଶଳ ବିଷୟରେ ତାଲିମ ନେଇଥିଲେ। ସେମାନଙ୍କୁ ଇନ୍ଦ୍ର ଲାମା ଓ ବାବୁଗୌଡ଼ ପ୍ରଶିକ୍ଷକ ଭାବେ ଯୋଗଦେଇ ନିୟମିତ ତାଲିମ ପ୍ରଦାନ କରିବେ।

# ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ଓ ମରଣାନ୍ତକ ଆକ୍ରମଣ ଅଭିଯୋଗ

କୋରେଇ,୨୭/୦୩ (ନି.ପ୍ର): କନ୍ୟା ସନ୍ତାନ ଜନ୍ମ ପରେ ମହିଳାଙ୍କୁ ଅଧିକ ଯୌତୁକ ଦାବିରେ ଶାରୀରୀକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି ପାଣିକୋଇଲି ଥାନାରେ। ଏନେଇ ଏକ ମାମଲା ୬୪/୨୨ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଦାମୋଦର ପୁର ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ସ୍ତ୍ରୀ ଲିପିଙ୍କ ଅଭିଯୋଗ ମୁତାବକ, ୪ ବର୍ଷ ତଳେ ସେ ବୈଦିକ ରୀତିରେ ଦାମୋଦରପୁର ଗ୍ରାମର ମଧୁସୂଦନ ସ୍ୱାଇଁଙ୍କ ପୁଅ ଧନେଶ୍ୱରଙ୍କୁ ବିବାହ କରିଥିଲେ । ବିବାହ ସମୟରେ ନଗଦ ୧ ଲକ୍ଷ ଟଙ୍କା ସହ ୫୦ ଗ୍ରାମର ସୁନା ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା । ବିବାହର ପ୍ରଥମ ଦୁଇ ବର୍ଷ ଭଲରେ କଟିଥିଲା । ୨ ବର୍ଷ ପରେ ଲିପି ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ତା ପର ଠାରୁ ଶ୍ୱଶୁର ମଧୁସୂଦନ, ଶାଶୁ ସତ୍ୟଭାମ ଓ ସ୍ୱାମୀ ଧନେଶ୍ୱର ପକ୍ଷରୁ ବିଭିନ୍ନ ସମୟରେ ତାଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ ହୋଇଥିଲା । ବ୍ୟବସାୟ ପାଇଁ ୨ ଲକ୍ଷ ଟଙ୍କା ବାପଘରୁ ଆଣିବାକୁ ତାଙ୍କ ଉପରେ ଚାପ ପକାଯାଉଥିଲା । ଏଥି ସହିତ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଚାଲୁ ରହିଥିଲା । ଗତ ୨୦ ତାରିଖରେ ଯୌତୁକ ଦାବିରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଫଳରେ ଚେତାଶୂନ୍ୟ ହୋଇପଡିଥିଲେ ଲିପି । ଖବର ପାଇ ବାପା ଚକ୍ରଧର ସେଠାରେ ପହଂଚିବାରୁ ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରାଯାଇଥିଲା । ଗୁରୁତର ଆହତ ଅବସ୍ଥାରେ ସେ ସେଠାରୁ ଖସି ଆସି ପାଣିକୋଇଲି ପୁଲିସ ଜରିଆରେ ନିଜ ଝିଅକୁ ଦାମୋଦରପୁରରୁ ଉଦ୍ଧାର କରି ଚିକତ୍ସା କରିଥିଲେ । ଏନେଇ ଲିପି ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଯୁବ ସଂସଦ କାର୍ଯ୍ୟକ୍ରମ

ମାଲକାନଗିରି,୨୭/୦୩ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଯୁବ ସଂସଦ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଏସଏଫ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଯୋଗଦାନ କରି ୪୦୦ ରୁ ଉର୍ଦ୍ଧ ଯୁବଗୋଷ୍ଠୀକୁ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରି ଦେଶର ପ୍ରଗତିରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥିଭାବେ କମାଣ୍ଡେଣ୍ଟ ୧୬୦ ବାଟାଲିୟନ ସୀମା ସୁରକ୍ଷା ବଳର ତୀରଥ ଆଚାର୍ଯ୍ୟ ଯୋଗଦେଇ କଠିନ ପରିଶ୍ରମ କରି ଦେଶର ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀ ମନସି ସେଠି ନିଯୁକ୍ତି କିପରି ହୋଇପାରିବ ଏବଂ ତାହାର ସୁଯୋଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସ୍ୱଚ୍ଛତା ପରାମର୍ଶଦାତା ସଦାନନ୍ଦ ଷଡ଼ଙ୍ଗୀ ଜଳ ସଂରକ୍ଷଣ ଏବଂ ବର୍ଷା ଜଳର ବ୍ୟବହାର ଉପରେ କହିଥିଲେ। ସୃଷ୍ଟି ଏନଜିଓ ର ଜିଲ୍ଲା ସଂଯୋଜକ କିଶୋର କୁମାର ପାଠିକା ଜଙ୍ଗଲ ପରିବେଶଏବଂ ଜଳବାୟୁ ପରିବର୍ତ୍ତନ ଉପରେ କହିଥିଲେ। ନେହୁରୁ ଯୁବ କେନ୍ଦ୍ର ମାଲକାନଗିରି ଶାଖା ଅଧିକାରୀ ହରିଶ ରୁପାଲ ସଭା ଆରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ କରିବାସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସିନ୍ହା କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ସମ୍ପାଦକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ନମିତା ଦଣ୍ଡସେନା ଏଥିରେ ସହଯୋଗ କରିଥିଲେ। ସଭା ଶେଷରେ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୬୦ତମ ଚଅପୋଇ ମେଳଣ ମହାସମାରୋହରେ ପାଳିତ

ଧର୍ମଶାଳା,୨୭/୦୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ଚଅପୋଇ ଠାରେ ୬୦ତମ ଚଅପୋଇ ମେଳଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଶୁକ୍ରବାର ଦିନ ବିଳମ୍ବିତ ରାତିରେ ଏହି ମେଳଣ ଆରମ୍ଭ ହୋଇ ଆଜି ପୂର୍ବାହ୍ନରେ ସମାପନ ହୋଇଥିଲା । ଏହି ମେଳଣରେ ସ୍ଥାନୀୟ ଅଂଚଳରୁ ୩୦ରୁ ଉର୍ଦ୍ଧ ବିମାନ ଯୋଗ ଦେଇଥିଲେ । ବିମାନ ନିକଟରେ ଭଜନ କିର୍ତନ,ଘୋଡାନାଚ, ଓ ନାମସଂକିର୍ତ୍ତନ ପରିବେଷଣ ହୋଇଥିଲା । ବଡଚଅପୋଇର ରାଧାଗୋପିନାଥ ଜୀଉ ଥାନପତି ଆସନରେ ଅବସ୍ଥାନ କରିଥିଲେ । ଅନ୍ତର୍ଯ୍ୟାମୀ ନାରାୟଣ ଜୀଉ ମହାରଣା ସାହି, ଗୋପିନାଥ ଜୀଉ ଚଣ୍ଡିବାଙ୍କ,ଶ୍ରୀଶ୍ରୀ ଗୋପିନାଥ ଜୀଉ ଖୋସାଲିପୁର, ଶ୍ରୀ ରାଧାଗୋବିନ୍ଦ ଜୀଉ ମନ୍ଦାରପୁର, ମଦନମୋହନ ଜୀଉ ନୂଆ ମିର୍ଜାପୁର, ଶ୍ରୀ ଗୋପିନାଥ ଜୀଉ ଜଗନ୍ନାଥ ମଠ ହରିପୁର, ଶ୍ରୀ ଗୋପିନାଥ ଜୀଉ ବାଲିଗରୀ, ଶ୍ରୀ ଗୋପିନାଥ ଜୀଉ ଶ୍ରୀବନ୍ତପୁର,ଶ୍ରୀ ଦଧିବାମନ ଜୀଉ ଉତରପ୍ରତାପ,ଶ୍ରୀ ଗୋପିନାଥ ଜୀଉ ସ୍ୱାଇଁ ସାହି, ବୃନ୍ଦାବନ ଜୀଉ ବନ୍ଧଡିହ, ଶ୍ରୀ ଗୋପିନାଥ ଜୀଉ ବ୍ରହ୍ମବରଦା, ଶ୍ରୀ ଗୋପିନାଥ ଜୀଉ ଚାନ୍ଦପୁର, ଶ୍ରୀ ମଦନ ମୋହନ ଜୀଉ ପ୍ରଥମଖଣ୍ଡି, ବୃନ୍ଦାବନ ଚନ୍ଦ୍ର ଜୀଉ କୁଣ୍ଡପାଟଣା ଓ ଶ୍ରୀ ଗୋପିନାଥ ଜୀଉ ଚକ ଗୋପାଳପୁର ସମେତ ସ୍ଥାନୀୟ ଅଂଚଳରୁ ୧୦ରୁ ଉର୍ଦ୍ଧ ଛୋଟ ବିମାନ ଯୋଗ ଦେଇଥିଲେ । ଶେଷରେ ଠାକୁରବାଡିଆ ଅବିର ଖେଳିଥିଲେ। ଚଅପୋଇ ମଳନ କମିଟି ପକ୍ଷରୁ ଭୋଗ ଲାଗି କରିବା ପରେ ବିମାନଗୁଡିକୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଚଅପୋଇ ମେଳଣ କମିଟିର ସଭାପତି ବାବାଜୀ ଚରଣ ବେହେରା, ଉପ-ସଭାପତି ଅନିରୁଦ୍ଧ ପାଢୀ, ସମ୍ପାଦକ ଇନ୍ଦ୍ରମଣୀ ସୂତାର, ସହ-ସମ୍ପାଦକ ଶ୍ୟାମସୁନ୍ଦର ରଥ, କୋଷାଧକ୍ଷ ଯୁଧିଷ୍ଠିର ନାୟକ, କାର୍ତ୍ତିକ ଚନ୍ଦ୍ର ମହାଳିକ, ସୁନାକର ପାଢୀ, ପ୍ରକାଶ ଚନ୍ଦ୍ର ବାରିକ, ବନମାଳି ବେହେରା, ଶଙ୍କର୍ଷଣ ବେହେରା, ଜନାର୍ଦ୍ଦନ ଷଡଙ୍ଗୀ, ମହେଶ୍ୱର ଦଳାଇ, ମଙ୍ଗରାଜପୁର ପଂଚାୟତର ପୂର୍ବତନ ସରପଂଚ ଜଗବନ୍ଧୁ ବାରିକ, ମଙ୍ଗରାଜପୁର ସରପଂଚ ଜୟନ୍ତୀ ସାହୁଙ୍କ ସମେତ ସ୍ଥାନୀୟ ବରିଷ୍ଠ ମୁରବୀ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ସୁରକ୍ଷା ନିମନ୍ତେ ଯାଜପୁର ସଦର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଟିକରପଡା ଷ୍ଟୋନ କ୍ୱାରୀ-୧ ରେ ଅତ୍ୟଧିକ ଖଣିଖନନ : ବ୍ୟାପକ ରାଜସ୍ୱ ହାନୀ

କେନ୍ଦୁଝର ,୨୭/୦୩ (ନି.ପ୍ର): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଟିକରପଡା ମୌଜାରେ ଚାଲିଥିବା ଟିକରପଡା ଷ୍ଟୋନ କ୍ୱାରୀ-୧ ରେ ବ୍ୟାପକ ନୀତିନିୟମ ଉଲ୍ଲଙ୍ଘନ ହୋଇ ଖଣି ଖନନ ହେଉଥିବାରୁ ଅସନ୍ତୋଷ ବଢୁଛି। ୪.୮୫ ହେକ୍ଟର ପରିମିତ ଏହି କ୍ୱାରୀରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ତାର କୁପରିଣାମ ସ୍ଥାନୀୟଙ୍କୁ ଭୋଗିବାକୁ ପଡିବା ସହ ପରିବେଶ ଉପରେ ତାହାର କୁପ୍ରଭାବ ମଧ୍ୟ ପଡୁଛି। ଓଭର ବର୍ଡନ ପାଇଁ ସ୍ଥାନ ନିରୁପିତ ହୋଇନଥିବାରୁ ବ୍ୟାପକ ପରିବେଶ ପ୍ରଦୂଷଣ ହେବା ସହ ଖଣିପରିସର ଅସୁରକ୍ଷିତ ହୋଇପଡିଛି। ସଠିକ୍ ପରିଚାଳନା ଅଭାବରୁ ବଡବଡ ପଥର ଖଣ୍ଡ ତଳକୁ ଖସି ପଡୁଥିବାରୁ ଗୃହପାଳିତ ପଶୁ ଓ ମଣିଷଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଧୂଳିଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉନଥିବାରୁ ଧୂଳିଉଡି ଆଖପାଖ ଗ୍ରାମ ଓ ଚାଷ ଜମିରେ ପଡୁଛି। ବର୍ଷା ଦିନରେ ଖଣିର ମଇଳା ପାଣି ନିକଟସ୍ଥ ଚାଷ ଜମି ଓ ନାଳରେ ପଡି ଜଳ ଓ ମୃର୍ତ୍ତିକା ପ୍ରଦୂଷିତ କରୁଛି। ରାସ୍ତାଘାଟ ତଥା ଖଣି ପରିସରରେ ଜଳସିଂଚନ ହେଉନଥିବାରୁ ଉଡୁଥିବା ଧୂଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପାଡିବା ଲୋକେ ଚକ୍ଷୁରୋଗରୋ ପୀଡିତ ହେଉଛନ୍ତି । ଏପରିକି ବୃକ୍ଷରୋପଣକୁ ଅଣଦେଖା କରାଯାଉଛି । ନିୟମିତ ଯାଂଚ ହେଉନଥିବାରୁ ପରିବହନ ହେଉଥିବା ପଥରର ସଠିକ୍ ହିସାବ କାହାପାଖରେ ରହୁନାହିଁ। ନିୟମ ଅନୁସାରେ ଖନନ ପରେ ପଥର ଖଣ୍ଡକୁ ନିର୍ଦ୍ଦିଷ୍ଟ ଜାଗାରେ ଷ୍ଟକ କରାଯାଇ ମାପଚୁପ ପରେ ପରିବହନ କରାଯିବାକଥା। ବାର୍ଷିକ ୮୧୪୫କ୍ୟୁବିକ ମିଟର ରୋଡ ମେଟାଲ ଏବଂ ଗ୍ରାନାଇଟ ଷ୍ଟୋନ ଉତୋଳନ ଅନୁମତିପ୍ରାପ୍ତ ଏହି ଖଣିରୁ ଅଦ୍ୟାବଧି କେତେ ପଥର ଉତୋଳନ ହୋଇ ଚାଲାଣ ହୋଇଛି ତାହାର ସଠିକ୍ ତଥ୍ୟ ରାଜସ୍ୱବିଭାଗ ପାଖରେ ନାହିଁ। ମାତ୍ରାଧିକ ଖନନ, ପରିବହନ ଯୋଗୁଁ ରାଜସ୍ୱହାନୀ ସତ୍ୱେ ରାଜସ୍ୱ ବିଭାଗର ନୀରବତା ରହସ୍ୟପୁର୍ଣ୍ଣ ହୋଇପଡିଛି। ଲିଜ୍‌ଧାରୀ ସ୍ଥାନୀୟ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ କୌଣସି ସୂଚନା ଦେଉନଥିବା କଥା କହି ଆରଆଇ ଯୁଗଳ କିଶୋର ପାତ୍ର ନିଜ ଦାୟିତ୍ୱ ଖସାଇବା ଉଦ୍ୟମ କରିଛନ୍ତି। ପଥର କ୍ୱାରୀରେ ପଥର ଫଟାଇବା ପାଇଁ ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରକ ସାମଗ୍ରୀ ବ୍ୟବହାର ହେଉଥିବାରୁ ଅନେକ ସମୟରେ ପଥରଖଣ୍ଡ ଛିଟିକି ନିକଟସ୍ଥ ଚାଷ ଜମିରେ କାମ କରୁଥିବା ଚାଷୀଓଗୃହପାଳିତ ପଶୁ ଚରାଳିଙ୍କ ପାଇଁ ବିପଦର କାରଣ ହୋଇଥିବା କହିଛନ୍ତି ମହାଦେଇଯୋଡା ଗ୍ରାମର ନାଣ୍ଟୁ ମୁଣ୍ଡା। ପୂର୍ବରୁ ଉକ୍ତ ସ୍ଥାନରେ ପୂର୍ବରୁ ଥିବା ଅନେକ ଗଛ ଏବେ ନଥିବା ବେଳେ ରହିଯାଇଥିବା ଗଛର ପତ୍ର ଉପତ୍ରେ ଉଡୁଥିବା ଧୂଳି ପଡୁଥିବାରୁ ତାହା ଗୃହପାଳିତ ପଶୁଙ୍କ ଜୀବନ ପାଇଁ ବିପଦ ହୋଇଥିବା ମହାଦେଇଯୋଡାର ଗାଇଚରାଳୀ ମଖମଲ ମୁଣ୍ଡା କହିଛନ୍ତି। ମାଇନିଂ ପ୍ଲାନ ଅନୁସାରେ କାମ ନକରି ଲିଜ୍‌ଧାରୀ ନିଜ ଇଚ୍ଛାରେ କାମ କରୁଥିବା ଅଭିଯୋଗ ହେଉଛି। ଲଘୁ ଖଣିଜ ସମ୍ପଦ ଚୋରୀ ଏବଂ ଲିଜଖଣିରୁ ମାତ୍ରାଧିକ ଖଣିଖନନ ଯୋଗୁଁ କୋଟିକୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି। ଲଘୁଖଣିଜ ସମ୍ପଦ ଚୋରୀ ରୋକିବା ପାଇଁ ଗଠିତ ସ୍କାର୍ଡ ଦ୍ୱାରା ଠିକଭାବେ ଯାଂଚ କରାଯାଉନାହିଁ । ଫଳରେ ଜିଲ୍ଲାରେ ଗଚ୍ଛିତ ମୂଲ୍ୟବାନ ଲଘୁଖଣିଜ ସମ୍ପଦ ଅଳ୍ପ କିଛି ବର୍ଷରେ ସରିଯିବାର ଆଶଙ୍କା ଅସ୍ୱଭାବିକ ନୁହେଁ। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ନୀରିକ୍ଷକ କେହି ମଧ୍ୟ ସୌରାତ ଯାଂଚ କରୁନଥିବାରୁ ଜିଲ୍ଲାରେ ବେଧଡକ ଖଣିଜ ସମ୍ପଦ ଉଚୋଳନ ହେଉଛି। ଏପରିକି ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରାଗଲେ ବହୁ କୋଟିର ମହାଦୁର୍ନୀତି ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି। କେନ୍ଦୁଝର ଜିଲ୍ଲାରେ ଅଧିକାଂଶ କ୍ୱାରୀରେ ୱାଇ ଫର୍ମ କେଳେଙ୍କାରୀ ହେଉଛି। ଗୋଟିଏ ୱାଇ ଫର୍ମରେ ଏକାଧିକ ଥର ପରିବହନ ହେଉଛି। ଏହାର ଯାଂଚ କରାଯାଉ ନାହିଁ । ମାଇନିଂ ପ୍ଲାନ ଉଲ୍ଲଙ୍ଘନ କରାଯାଇ ବ୍ୟାପକ ପରିମାଣର ଲଘୁ ଖଣିଜ ସଂପଦ ଉତୋଳନ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହା ଉପରେ ଅଙ୍କୁଶ ଲଗାଯାଉନଥିବା ଏବଂ ସ୍କାର୍ଡ ଗଠନ କରି ମାପଚୁପ କରାଯାଉନଥିବାରୁ ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି।

# ପ୍ରଧାନମନ୍ତ୍ରୀ ସଡକ ନିର୍ମାଣରେ ଅନିୟମିତତା: ସ୍ଥାୟିତ୍ୱ ନେଇ ସନ୍ଦେହ

ସାଲେପୁର ,୨୭/୦୩ (ନି.ପ୍ର): ନିର୍ଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ପାଳଦାଠାରୁ ଅରେଇ ଭାୟା ଓରିକଣ୍ଠା ନାମକ ଏକ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାସ୍ତା ନିର୍ମାଣରେ ଠିକାଦାର ସମସ୍ତ ସରକାରୀ ନୀତି ନିୟମକୁ ଉଲଘଂନ କରି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବା ସ୍ଥାନୀୟ ଅଂଚଳର ବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ଠିକାଦାର ଜଣକ ନିଜ ମର୍ଜିରେ ରାସ୍ତାକାମ କରୁଥିଲେ ମଧ ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ କାର୍ଯ୍ୟ ତଦାରଖରେ ଅବହେଳା କରୁଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି । ରାସ୍ତା ଆରମ୍ଭରୁ ମାଟି ପକାଇବା କାର୍ଯ୍ୟ, କଳାଗ୍ରାନାଇଟ୍ ଓ ମେଣ୍ଟାଲ କାର୍ଯ୍ୟ, ପିଚୁ କାର୍ଯ୍ୟ, ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ପୋଲ କାର୍ଯ୍ୟରେ ବହୁ ଅନୀୟମିତତା ଦେଖାଯାଇଛି । ଏହି ରାସ୍ତାର କିଛି ଅଂଶରେ ବିଗତ ୧୫ ଦିନ ହେବ ପିଚୁ କାର୍ଯ୍ୟ ହୋଇଥିଲା ବେଳେ ତାହା ଫରା ଫରା ହୋଇ ଉଠିଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି । ଯୋଜନା ମୁତାବକ ୬.୪୯୦ କିମି ରାସ୍ତା ପାଇଁ ୨ କୋଟି ୯୧ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ସଠିକ୍ ଅର୍ଥ ଖର୍ଚ୍ଚ କରାଯାଉନଥିବା ଲୋକମାନେ ଅଭିଯୋଗ କରିଛନ୍ତି । ରାସ୍ତାକାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଏଥିରେ ବିନିଯୋଗ ହୋଇଥିବା ଅର୍ଥ ବାଟମାରଣା ହେଉଥିବା ଯୋଗୁ ଲୋକମାନେ ରାସ୍ତା ଅବସ୍ଥା ସୁଧୁରିବ ବୋଲି ଯେଉଁ ଆଶା ରଖିଛନ୍ତି ତାହା ପାଣି ଫୋଟକା ପରି ମଉଳି ଯିବ ବୋଲି ବହୁ ଲୋକ ପ୍ରକାଶ କରିଛନ୍ତି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସଠିକ୍ ନୀତି ନିୟମ ଅନୁଯାୟୀ ରାସ୍ତା କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏହି ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଉଦ୍ୟମ କରାଯାଇଥିଲେ ମଧ ସେ କିଛି କହିପାରିବେ ନାହିଁ ବୋଲି ରୋକ୍ ଠୋକ୍ ମନା କରିଛନ୍ତି ।

# ବଲାଙ୍ଗିର ବାର ଆସୋସିଏସନର ନୂତନ କର୍ମକର୍ତ୍ତା : ଅମ୍ବରିଶ ତ୍ରିପାଠୀ ସଭାପତି ନିର୍ବାଚିତ

ବଲାଙ୍ଗିର ,୨୭/୦୩ (ନି.ପ୍ର): ଚଳିତ୨୦୨୨-୨୩ ବର୍ଷ ପାଇଁ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ଆଜି ସିଭିଲ କୋର୍ଟ ବାର୍ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ଭାବରେ ଅମ୍ବରିଶ ତ୍ରିପାଠୀ ନିଜର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରବୀଣ ମିଶ୍ରଙ୍କୁ ୬୯ ଭୋଟରେ ପରାସ୍ତ କରିଛନ୍ତି । ସଂପାଦକ ପଦ ପାଇଁ ଅଧିକାରୀ ଦନ୍ତା ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବରେ ସରୋଜ ଗୁପ୍ତା, କୋଷାଧକ୍ଷ ଭାବରେ ରୁଦ୍ର ଥନାପତି, ଯୁଗ୍ମ ସଂପାଦକ ଭାବରେ ସୁମିତ ଖୁଆସ ନିର୍ବାଚିତ ହୋଇଛନ୍ତି । ଅଡିଟର ଭାବରେ ସନ୍ଦିପନ ମିଶ୍ର ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟକୁଜୟରାମ ମିଶ୍ର, ବୀରେନ ମିଶ୍ର, ଶଙ୍କର ମିଶ୍ର, ରବି ବହିଦାର, ଦୀନେଶ ନାଗ, ସମୀର ମିଶ୍ର(ବୁନୁ) ଚନ୍ଦ୍ରଶେଖର ମିଶ୍ର, ଶ୍ରୀନିବାସ ରାଓ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

## ମହୁ - ରସୁଣର ଚମତ୍କାରିତା



ପୂର୍ବରୁ ଘରୋଇ ଉପାୟରେ ଅନେକ ସମସ୍ୟାର ସମାଧାନ ସମ୍ପର୍କରେ ଜାଣିସାରିଛନ୍ତି । କିନ୍ତୁ ମହୁ ଏବଂ ରସୁଣର ମିଶ୍ରଣରେ ପ୍ରସ୍ତୁତ ଉପାଦାନର ଚମତ୍କାରିତା ବିଷୟରେ ପୂର୍ବରୁ କେବେ ଶୁଣିନଥିବେ । ଶୁଣିଲେ ଅସହଜ ମନେହେଉଥିବ; କିନ୍ତୁ ଏହା ସମ୍ପୂର୍ଣ୍ଣ ସତ । ଏହାକୁ ସର୍ବଶ୍ରେଷ୍ଠ ଘରୋଇ ଉପଚାର ବୋଲି କୁହାଯାଉଛି । ମହୁ ଓ ରସୁଣର ମିଶ୍ରଣ ସମ୍ପର୍କରେ ଆଜିକାଲିର ଯୁବପିଢ଼ି ଆଦୌ ଶୁଣିନଥିବେ । ଜାଣନ୍ତି, ଏହି ମିଶ୍ରଣକୁ ଦୈନନ୍ଦିନ ସେବକ କଲେ ଶରୀର ସୁସ୍ଥସବଳ ରହିବା ସାଙ୍ଗକୁ ସଂକ୍ରମଣ ଭୟ ହ୍ରାସ ହୋଇଥାଏ । ରସୁଣରେ ଆଲିସିନ୍ ରହିଛି । ଯାହା କୋଲେଷ୍ଟ୍ରରଲ ହ୍ରାସ କରିବାରେ ସହାୟ ହୁଏ । ରକ୍ତ ଜମାଟ ବାନ୍ଧିବାକୁ ବି ରକ୍ଷାକରେ । ଏଥିରେ କର୍କଟ ନିରୋଧୀ ଗୁଣ ମଧ ରହିଛି । ଭିଟାମିନ୍ ବି ୬, ଭିଟାମିନ୍ ସି, ସେଲେନିୟମ ଏବଂ ଫାଇବର ଆଦି ଥିବା ହେତୁ ଶରୀରର ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ହୋଇଥାଏ । ସେହିପରି ମହୁରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଥାଏ । ଏହାସହ ଏଥିରେ ପଟାସିୟମ, କ୍ୟାଲସିୟମ, ଫସଫରସ୍, ମ୍ୟାଗ୍ନେସିୟମ ଏବଂ ମେଗ୍ନେସିୟମ ରହିଛି । ତା'ସାଙ୍ଗକୁ ଭିଟାମିନ, ଥିୟାମିନ୍ ଏବଂ ନିୟାସିନ୍ ବି ରହିଛି । ଏହା ହଜମ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଦୈନନ୍ଦିନ ମହୁ ଓ ରସୁଣ ରସ ମିଶାଇ ପିଇଲେ ଅଶାତୀତ ଫଳ ପ୍ରାପ୍ତ ହୋଇଥାଏ ।

## ସମୁଦ୍ର ଭିତରେ ରେଷ୍ଟୁରାଣ୍ଟ

ଦକ୍ଷିଣ ନରୱେର ଲିଣ୍ଡେସ୍ନସ ଠାରେ ଥିବା ଏକ ରେଷ୍ଟୁରାଣ୍ଟ ଏବେ ବଡ଼ ଚର୍ଚ୍ଚାରେ । ଏହାର ସ୍ୱତନ୍ତ୍ରତା ହେଉଛି ଏହି ରେଷ୍ଟୁରାଣ୍ଟଟି ସମୁଦ୍ରରେ ଅଧାବୁଡ଼ି ରହିଛି । ଅଣ୍ଡର ନାମକ ଏହି ରେଷ୍ଟୁରାଣ୍ଟଟି ବିଶ୍ୱର ପ୍ରଥମ ପାଣିରେ ବୁଡ଼ି ରହିଥିବା ରେଷ୍ଟୁରାଣ୍ଟ । ଏହି ରେଷ୍ଟୁରାଣ୍ଟରେ ଏକାଥରେ ୧୦୦ ଲୋକ ରହିପାରିବେ । ସାମୁଦ୍ରିକ ବୈଜ୍ଞାନିକମାନଙ୍କ ପରାମର୍ଶ ସହଯୋଗରେ ଏହି ନିଆରା ରେଷ୍ଟୁରାଣ୍ଟକୁ ତିଆରି କରାଯାଇଛି । ଏଥିରେ ଲେକେ ରେଷ୍ଟୁରାଣ୍ଟର ମଜା ନେବା ସହ ସାମୁଦ୍ରିକ ଜୀବଜଗତକୁ ମଧ ଅତି ନିକଟରୁ ଉପଭୋଗ କରିପାରିବେ । ରେଷ୍ଟୁରାଣ୍ଟରେ ମୋଟାକାଚ ଲଗାଯାଇଛି । ଯାହା ଫଳରେ ଅଗଭୀର ସମୁଦ୍ରର ବିଭିନ୍ନ ଦୃଶ୍ୟ ସୁନ୍ଦର ଭାବେ ଦେଖାଯାଇପାରୁଛି । ବର୍ତ୍ତମାନ ଲୋକଙ୍କ ଭିତରେ ପ୍ରକୃତିର ମଜା ନେବା ପାଇଁ ଆଗ୍ରହ ବଢୁଥିବାରୁ ଖାଲି ନରୱେ ନୁହେଁ ବରଂ ଅନ୍ୟ ଦେଶର ଲୋକମାନଙ୍କର ଆଗ୍ରହ ଏହି ରେଷ୍ଟୁରାଣ୍ଟ ଉପରେ ବଢ଼ିବାରେ ଲାଗିଛି ।



## ବିନା କାମରେ ମାସକୁ ବେତନ ୧.୬୨ଲକ୍ଷ

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ହେଉଥିବେ । କାରଣ ବର୍ତ୍ତମାନ ସମୟରେ ଅଫିସରେ ସାମାନ୍ୟ ଭୁଲ ପାଇଁ ଦଣ୍ଡିତ ହେବାରୁ ପଡ଼ିଥାଏ । ହୋଇପାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପରିସ୍ଥ ଅଧିକାରୀଙ୍କ କ୍ରୋଧର ଶିକାର ହୋଇପାରନ୍ତି ନେଚେତ୍ ବେତନରୁ କିଛି ଅର୍ଥ କାଟିଦିଆଯାଏ । ଯଦି ଏସବୁ ଆପଣଙ୍କୁ ବି ସହିବାକୁ ପଡୁଛି ତେବେ ଖୁସି ହୋଇଯାନ୍ତୁ । କାରଣ ଏଭଳି ଏକ ଚାକିରି ରହିଛି, ଯେଉଁଠାରେ ଆପଣଙ୍କୁ 'କିଛି ନ କରିବାକୁ' ମାସକୁ ବେତନ ମିଳିବ ପ୍ରାୟ ୧.୬୨ ଲକ୍ଷ ଟଙ୍କା । ଏହାବ୍ୟତୀତ ଛୁଟି ଏବଂ ଚାକିରି ସହ ସମ୍ବନ୍ଧିତ ଅନ୍ୟ ସୁବିଧା ମଧ ପାଇପାରିବେ । ଅବିଶ୍ୱାସନୀୟ ଲାଗୁଥିଲେ ମଧ ଏହା ସତ । ପ୍ରକୃତରେ ସ୍ୱିଡେନର ଗୋଥନବର୍ଗ ସହରରେ ଗୋଟିଏ ଏକ୍ସପାରିମେଣ୍ଟାଲ ଆର୍ଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି ।

## ଘରକୁ ନେଇ ଅନ୍ଧବିଶ୍ୱାସ

କୁହାଯାଇଉଛି ଯେ, ଏକବିଂଶ ଶତାବ୍ଦୀରେ ଅନ୍ଧବିଶ୍ୱାସର ଆଉ ସ୍ଥାନ ନାହିଁ । ଲୋକମାନେ ଆଧୁନିକତା ଆଡ଼କୁ ମୁହାଁଇଲେଣି । କିନ୍ତୁ ଏପରି କିଛି ସ୍ଥାନ ଅଛି ଯେଉଁଠାରେ ଅନ୍ଧବିଶ୍ୱାସ ବସାବାନ୍ଧି ରହିଛି । ସେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଛନ୍ତି ରାଜସ୍ଥାନର ଆଜମେର ଜିଲ୍ଲାସ୍ଥିତ ଦେବମାଳୀ ଗାଁର ଲୋକମାନେ । ଏହି ଗାଁରେ ଗୋଟିଏ ବି ପକ୍କାଘର ଦେଖିବାକୁ ମିଳେ ନାହିଁ । ଏଠାକାର ଲୋକମାନେ ଝାଟିମାଟି ଘରେ ବସବାସ କରନ୍ତି । ଆପଣ ଭାବୁଥିବେ ଏହି ଗାଁର ଲୋକମାନେ ଦଳିତ, ନିଷ୍ପେଷିତ ଓ ଦୁର୍ବଳ ଶ୍ରେଣୀର । କିନ୍ତୁ ଏଠାର ଲୋକମାନଙ୍କ ମନରେ ଅନ୍ଧିବିଶ୍ୱାସ ରହିଛି ଯେ, ଯେଉଁ ବ୍ୟକ୍ତି ପକ୍କା ଘର ବନାଇବ ବିପତ୍ତି ସେମାନଙ୍କ ପିଛା ଛାଡ଼ିବ ନାହିଁ । ଅନ୍ୟପଟେ ଆଉ ଏକ ଧାରଣା ରହିଛି ଯଦି ବିବାହ ସମବୟରେ ବର ଘୋଡ଼ାରେ ବସି ଆସେ ତେବେ ବିହ ପରେ ଉଭୟ ପରିବାର ଓ ଦମ୍ପତିଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ।

## ୭ହଜାର ସୂକ୍ଷ୍ମ ସମୁଦ୍ର ପ୍ରଜାତି

ହଂକଂ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଗବେଷଜଗ୍ଣମାନେ ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ୍ ଓ ଭାରତ ମହାସାଗର, ଆଟଲାଣ୍ଟିକ୍ ଓ ଭାରତ ମହାସାଗରରୁ ୭ହଜାର ନୂଆ ସୂକ୍ଷ୍ମ ପ୍ରଜାତି ଏବଂ ୧୦ ନୂଆ ବ୍ୟାକ୍ଟେରିଆଲ ଫିଲିଆ ଆବିଷ୍କାର କରିଛନ୍ତି । ସମୁଦ୍ର ଜଗତରେ ସମୁଦାୟ ୩୫ହଜାର ସୂକ୍ଷ୍ମ ପ୍ରଜାତି ଓ ୮୦ ବ୍ୟାକ୍ଟେରିଆଲ ଫିଲିଆ ରହିଥିବା ଧାରଣାକୁ ସଦ୍ୟ ଆବିଷ୍କାର ମାଧ୍ୟମରେ ଗବେଷକମାନେ ଭୁଲ ପ୍ରମାଣିତ କରିଛନ୍ତି । ବିଶ୍ୱ ସମୁଦ୍ରର ଜୈବବିଧତା ବିଷୟରେ ଉକ୍ତ ଆବିଷ୍କାର ଅଧିକ ତଥ୍ୟ ଦେବ ବୋଲି ସେମାନେ କହିଛନ୍ତି । ଆବିଷ୍କୃତ ନୂଆ ପ୍ରଜାତି ମଧ୍ୟରେ ଏସିଡୋବ୍ୟାକ୍ଟେରିଆ ସାମିଲ । କ୍ରିସ୍ପର ଜିନ୍ ସମ୍ପାଦିତ ପ୍ରଣାଳିବିଶିଷ୍ଟ ଏହା ଏକ ପ୍ରାକୃତିକ ଔଷଧୀୟ ଫାଇଲମ୍ । ନୂଆ ଔଷଧ ବିକାଶରେ ଏହା ଆଶା ସଂଚାର କରିପାରିବ ।

## ସ୍ମାର୍ଟ ବେଡ୍




କାନାଡ଼ାରେ ଏକ ଏପରି ସ୍ମାର୍ଟ ବେଡ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଆପଣଙ୍କୁ ବେଡ୍ ସେଟ୍ କରିବା ଆବଶ୍ୟକ ପଡ଼ିବନାହିଁ । କାହିଁକି ନା ଏହି ବେଡ୍ ସ୍ୱତଃପ୍ରବୃତ ଭାବେ ସଜାଡ଼ି ହୋଇଯାଇଥାଏ । ପ୍ରକୃତ କଥା ହେଉଛି ବେଡ୍ ମଧ୍ୟରେ ଏକ ଟ୍ୟୁବ୍ ରହିଛି ଯାହାକୁ ପମ୍ପ ସହିତ ଯୋଡ଼ାଯାଇଛି । ଏହି ଟ୍ୟୁବରେ ପବନ ଭର୍ତ୍ତି କଲେ ବେଡ୍ ଆପେ ଆପେ ସଜାଡ଼ି ହୋଇଯାଏ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆପ୍ ମଧ ରହିଛି ।

## ଭିଟିଲିଗୋ କଣ୍ଢେଇ

ଆଜିକାଲି ଶାରୀରିକ ଉପସ୍ଥିତି ଉପରେ ସମସ୍ତେ ଧ୍ୟାନ ଦେଉଛନ୍ତି । ଦାଗରହିତ ତ୍ୱଚାକୁ ଲୋକେ ପସନ୍ଦ କରୁଥିବାବେଳେ ତ୍ୱଚା ରୋଗରେ ପୀଡ଼ିତ ବ୍ୟକ୍ତି ନିଜ ଦକ୍ଷତା ଓ ସାମର୍ଥ୍ୟ ଜାହିର କରିବାରେ ପଛେଇ ଯାଉଛନ୍ତି । ଏଭଳି ତ୍ୱଚା ରୋଗ ମଧ୍ୟରେ ଭିଟିଲିଗୋ ଅନ୍ୟତମ । ଏହା ସାଧାରଣତଃ ଧଳା ଛଉ ଭାବେ ପରିଚିତ । ଏହି ରୋଗରେ ତ୍ୱଚାରେ ତାଳି ପଡ଼ିବା ଭଳି ଧଳା ଚିହ୍ନ ସୃଷ୍ଟିହୁଏ । କେବଳ ବୟସ୍କ କାହିଁକି, ଛୋଟ ପିଲା ବି ଏହାର ଶିକାର ହୋଇଥାନ୍ତି । ଫଳରେ ବାହ୍ୟ ଦୁନିଆ ସହ ତାଳ ଦେଇ ଚାଲିବାରେ ସଙ୍କୋଚ କରନ୍ତି । ଆତ୍ମବିଶ୍ୱାସ ହରାଇ ଦିଅନ୍ତି । ଏ କ୍ଷେତ୍ରରେ ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପୀଡ଼ିତଙ୍କ ପାଇଁ କଳାକାର କେ ବ୍ଲାକ ଭିଟିଲିଗୋ କଣ୍ଢେଇ ପ୍ରସ୍ତୁତ କରିଛନ୍ତି । ଭିଟିଲିଗୋ ପୀଡ଼ିତଙ୍କ ଭଳି ଦିଶିବା ଲାଗି କେ କଣ୍ଢେଇକୁ ରଙ୍ଗ ଲେପ ଦେଇଛନ୍ତି । ପିଗମେଣ୍ଟ ଉତ୍ପନ୍ନକାରୀ କୋଷିକା ମୃତ ବା କାର୍ଯ୍ୟକଳାପ ବନ୍ଦ କରିବା ପରେ ଭିଟିଲିଗୋ ରୋଗ ଦେଖାଯାଏ, ଯାହାଦ୍ୱାରା ତ୍ୱଚାରେ ଧଳା ବା ହାଲକା ରଙ୍ଗର ତାଳି ପଡ଼ିଯାଏ । ଫଳରେ ବ୍ୟକ୍ତି ନିଜର ପ୍ରାକୃତିକ ତ୍ୱଚା ରଙ୍ଗ ହରାଇଦିଏ । ଭିଟିଲିଗୋ ପୀଡ଼ିତ କାନାଡାର ମଡେଲ ୱିନି ହାରଲୋଙ୍କ ଦ୍ୱାରା କେ ପ୍ରେରିତ ହୋଇଥିଲେ । ହାରଲୋ ଆମେରିକାର ଶୀର୍ଷ ମଡେଲଙ୍କ ମଧ୍ୟରେ ସ୍ପଟଲାଇଟକୁ ଆସିଥିଲେ । ଭିଟିଲିଗୋ ପୀଡ଼ିତା ହୋଇ ମଧ ନିଜ ସ୍ୱପ୍ନ ପୂରଣ ରାସ୍ତାରେ ଏହି ରୋଗକୁ ସେ ବାଧକ ହେବାକୁ ଦେଇନଥିଲେ । କେ ଜଣେ ନଖ ଓ କେଶ କଳାକାର । କିନ୍ତୁ ଲୋକଙ୍କଠାରୁ ସେ ପ୍ରେରଣା ସାଉଁଟିଥାନ୍ତି । ସୃଜନଶୀଳତା ଓ ନୂଆ କରିବାର ଇଚ୍ଛା ଭିଟିଲିଗୋ କଣ୍ଢେଇ ପ୍ରସ୍ତୁତି ପାଇଁ ତାଙ୍କୁ ପ୍ରେରିତ କରିଥିଲା । ଏହି ପ୍ରୟାସ ପାଇଁ ସୋସିଆଲ ମିଡିଆରେ ସେ ବେଶ ପ୍ରଶଂସିତ ହେଉଛନ୍ତି ।




## ଆନିମିଆ

ଶରୀରରେ ପ୍ରବାହିତ ରକ୍ତ ଅନେକ ଉପାଦାନରେ ଗଢ଼ା । ରକ୍ତରେ ଲୋହିତ ରକ୍ତ କଣିକାର ପରିମାଣ କମିଗଲେ କୁହାଯାଏ ଯେ ରୋଗୀକୁ ଆନିମିଆ ହୋଇଛି । ଆନିମିଆ ରୋଗୀଙ୍କ ଶରୀରରେ ରକ୍ତର ପରିମାଣ ଆବଶ୍ୟକତା ଅନୁସାରେ କମ ଥାଏ । ତେବେ ଏ ରୋଗ ସାଧାରଣଭାବେ ମହିଳା ବା ଯୁବତୀମାନଙ୍କଠାରେ ଦେଖାଯାଏ । ମହିଳାମାନେ ଗର୍ଭବତୀ ଥିବାବେଳେ ଓ ଝିଅମାନଙ୍କର ଋତୁସ୍ରାବ ସମୟରେ ଆନିମିଆ ହେବାର ଆଶଙ୍କା ଥାଏ । ତେବେ








ଚାଲନ୍ତୁ ଜାଣିବା ଡାକ୍ତରଙ୍କ କଥା ମାନିବା ସହ ଆମେ ଘରେ କିପରି ଏ ରୋଗର ନିକରାକରଣ କରିପାରିବା ! ଖାଦ୍ୟରେ ଆଇରନର ମାତ୍ରା କବିଯିବା ଫଳରେ ରକ୍ତରେ ଆରବିସିର ପରିମାଣ ମଧ କମିଯାଏ ଯାହା ଫଳରେ ଆନିମିଆ ହେବାର ଆଶଙ୍କା ଦେଖାଯାଏ । ଗ୍ରୀନ୍ ଭେଜିଟେବୁଲରେ ଆଇରନର ପରିମାଣ ଅଧିକଥାଏ ତେବେ ଯେଉଁ ମହିଳାମାନଙ୍କ ଆନିମିଆ ହେବାର ଆଶଙ୍କା ରହିଛି ସେମାନେ ପ୍ରଚୁର ପରିମାଣର ପନିପାରିବା ସେବନ କରିବା ଆବଶ୍ୟକ । କେବଳ ପରିବା ନୁହେଁ କ୍ଷୀର ଓ ଫଳରେ ମଧ ଆଇରନର ପରିମାଣ ଅଧିକ ରହିଥାଏ ଯାହା ଆପଣଙ୍କ ଶରୀରରେ ଲୋହିତ ରକ୍ତ କୋଷିକାର ପରିମାଣକୁ ବଢ଼ାଇବାରେ ସାହାଯ୍ୟ କରେ । ଯେଉଁ ମହିଳାମାନଙ୍କର ଋତୁସ୍ରାବ ସମୟରେ ଅଧିକ ରକ୍ତ ସ୍ରାବ ହୁଏ ତେବେ, ସେମାନଙ୍କ କ୍ଷେତ୍ରରେ ଆନିମିଆ ଦେଖାଯିବା ସାଧାରଣ । ତେବେ ଶରୀରରେ ଆଇରନର ମାତ୍ରା କମିଲେ ରୋଗୀର ବ୍ୟବହାରରେ ମଧ ପରିବର୍ତ୍ତନ ପରିଲକ୍ଷିତ ହୁଏ ଯେମିତି ସ୍ମରଣଶକ୍ତିରେ ପରିବର୍ତ୍ତନ ସାଙ୍ଗକୁ ଶାରୀରିକ ବୃଦ୍ଧିରେ ଅନେକ ଅନିୟମିତତା ଦେଖାଯାଏ ।

## ୮ବର୍ଷର ଝିଅ ପେଟରୁ ବାହାରିଲା ଦେଢ଼ କିଲୋର ଚୁଟି

ବାପା-ମାଆ ସବୁବେଳେ ନିଜ ପିଲାଙ୍କ ଉପରେ ନଜର ରଖିଥାନ୍ତି । ହେଲେ ଅନେକ ସମୟରେ ପିଲାମାନଙ୍କର ଛୋଟ ଛୋଟ ଭୁଲ ପରିବାକୁ ହିଁ ଭୋଗିବାକୁ ପଡ଼ିଥାଏ । ଏପରି ଏକ ଘଟଣା ଚୀବନରେ ଦେଖିବାକୁ ମିଳିଛି । ଚୀନର ଏକ ୮ବର୍ଷୀୟ ଝିଅର ପେଟରେ ଭୟଙ୍କର ଯନ୍ତ୍ରଣା ହେଉଥିଲା । ନିୟମିତ ବାନ୍ତି ମଧ ହେଉଥିଲା । ଯେତେବେଳେ ମେଡିକାଲ ରିପୋର୍ଯ ଆସିଲା ସେତେବଳେ ସମସ୍ତେ ଚକିତ ହୋଇପଡ଼ିଥିଲେ । କାରଣ ପେଟ ଭିତରେ ଥିଲା ଚୁଟିର ଏକ ଗୋଲାକାର ବଳ । ଅପରେସନ ପରେ ଏହାକୁ କଢ଼ାଯିବାରୁ ଜଣାପଡ଼ିଥିଲା ଯେ, ଏହି ଚୁଟି ଗୋଛାର ଓଜନ ଦେଢ଼ କିଲୋଗ୍ରମ ।

## ରୋବର୍ଟ ଚୌକିଦାର

ଭାରତରେ ବର୍ତ୍ତମାନ ଚୌକିଦାର ଅଭିଯାନକୁ ନେଇ ଲାଗିଛି ଜୋରଦାର ଚର୍ଚ୍ଚା । ଆଉ ଏହି ଅବସରରେ ଚୀନରେ ରୋବଟ ମାଧ୍ୟମରେ ଘରର ସୁରକ୍ଷାକୁ ନେଇ ଆରମ୍ଭ ହୋଇଛି ବଡ଼ ଅଭିଯାନ । ଚୀନର ବୈଜ୍ଞାନିକମାନେ ଏକ ନିଆରା ରୋବର୍ଟ ତିଆରି କରିବାରେ ସକ୍ଷମ ହୋଇଛନ୍ତି କିଛିଦିନ ତଳେ ଜଣେ ବ୍ୟକ୍ତିଙ୍କ ଘର ଆଗରେ ଏହି ରୋବର୍ଟ ଚୌକିଦାରକୁ ନିଯୁକ୍ତି ଦିଆଯାଇଥିବା ବିଷୟ ଚର୍ଚ୍ଚାକୁ ଆସିଥିଲା । ଏହି ରୋବର୍ଟ ଚୌକିଦାର ଦିନରାତି ୨୪ଘଣ୍ଟା ଘରର ସୁରକ୍ଷା କାର୍ଯ୍ୟରେ ନିୟୋଜିତ ରହୁଛି । ଘରକୁ ଆସୁଥିବା ଲୋକଙ୍କ ଫଟୋ ସହ ଏହି ରୋବର୍ଟ ଲୋକଙ୍କ ସହ କଥା ମଧ ହୋଇଛି । ରିପୋର୍ଟ ଅନୁସାରେ ବେଜିଂ ଏରୋସ୍ପେସ୍ ଅଟୋମେଟିକ୍ କଣ୍ଟ୍ରୋଲ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଗାଙ୍ଗଜୁନ୍ ନିକଟରେ ଏହି ରୋବର୍ଟ ଚୌକିଦାର ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଚାଇନା ଏକାଡେମୀ ଅଫ୍ ଲଞ୍ଚ ଭେଇକିଲ ଟେକ୍ନୋଲୋଜି ସହଯୋଗରେ ଏହି ରୋବର୍ଟ ବନାଯାଇଛି । ଏହି ରୋବର୍ଟ ଖାଲି ଯେ, ଭିନ୍ନ ତ୍ରୁଟିବିଚ୍ୟୁତି ଓ ଅସୁବିଧାକୁ ନଜର ରଖିଥାଏ ତାହା ନୁହେଁ ବରଂ ଏହା ଲୋକଙ୍କ ଠାରୁ ବିଭିନ୍ନ ତଥ୍ୟ ମଧ ସଂଗ୍ରହ କରିବାରେ ସଫଳ ଅଟେ । ଏହି ରୋବର୍ଟର ନାମ ଦିଆଯାଇଛି 'ରୋବର୍ଟ ମିବାଓ' । ଏହି ରୋବର୍ଟକୁ ଯଦି କୌଣସି ବିଷୟ ସନ୍ଦିଗ୍ଧ ଲାଗେ ତେବେ ତୁରନ୍ତ ଆଲାରାମ ବାଜିଥାଏ । ଇଣ୍ଟେଲିଜେଣ୍ଟ ହୋମ



ନାମକ ଏକ ପ୍ରୋଜେକ୍ଟ ଅର୍ନ୍ତଗତ ଏହି ରୋବର୍ଟକୁ ବନାଯାଇଛି ।

## ଅନଲାଇନ୍ ଟ୍ୟୁସନ୍

ଯଦି ଆପଣଙ୍କର କୌଣସି ବିଷୟ ଉପରେ ଭଲ ଜ୍ଞାନ ଅଛି, ତା' ହେଲେ ଆପଣ ଅନଲାଇନ ଟ୍ୟୁସନ୍ ଦେଇ କିଛି ଅର୍ଥ ରୋଜଗାର କରିପାରିବେ । ଆପଣ ଘରେ ବସି ଦୁନିଆରେ ଯେକୌଣସି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇପାରିବେ । ଅନଲାଇନ ଟ୍ୟୁଟୋରିଂ ନଲେଜ୍ ପ୍ରୋସେସ୍ ଆଉଟ୍ ସୋର୍ସିଂ ମାଧ୍ୟମରେ ଦୂରରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ ଠିକ୍ ହୋଇପାରିବ । ଏଥିରେ ପିଲାମାନେ ଶିକ୍ଷକଙ୍କ ସହିତ ସମ୍ପର୍କ କରିପାରିବେ ଓ ସହଜରେ ପାଠ ପଢ଼ିପାରିବେ । ଲାଇଭ-ଇ- ଟ୍ୟୁଟରିଂ ଭଳି ଏକ ଭର୍ଚୁଆଲ କ୍ଲାସରୁମ ଥାଏ, ଯେଉଁଠାରେ ଭର୍ଚୁଆଲ ଟୁଲ, ହ୍ୱାଇଟ୍ ବୋର୍ଡ ଓ ଚାଟିଂରେ ସୁବିଧା ହୋଇଥାଏ । ତା'ସହିତ ଅନଲାଇନ୍ ରାଇଟିଂ ଲ୍ୟାବ ସାହାଯ୍ୟରେ ପିଲାମାନେ ତାଙ୍କ ଅସୁବିଧାକୁ ଲେଖି ଟ୍ୟୁଟର ପାଖକୁ ପଠାଇପାରିବେ । ମେସେଜ ପାଇବା ମାତ୍ରେ ହିଁ ଟ୍ୟୁଟରକୁ ଉତ୍ତର ଦେବାକୁ ହେବ । କ୍ରିଏଟିଭ ପିଲାଙ୍କ ପାଇଁ ଅନଲାଇନ ଟ୍ୟୁସନ ଏକ ବେଷ୍ଟ ଅପସନ । ଯଦି କିଛି ଟିଚିଂ ଏକ୍ସପିରିଏନ୍ସ ରହିଛି ତା'ହେଲେ ତ ବହୁତ ଭଲ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ମାର୍ଚ୍ଚ ୨୦୨୨, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏବେ ସ୍ୱାଧୀନ ମଣିଷ...

ଏକଥା ବର୍ତ୍ତମାନ ସରକାରୀ ଭାବରେ ସ୍ୱୀକାର କରାଯାଇଛି: ଭାରତ ଏବେ ଭୟଙ୍କର ଭୂତାଣୁ କରୋନା ବା କୋଭିଡ-୧୯ର କବଳରୁ ମୁକ୍ତି ପାଇ ଚାଲିଛି, ଯାହା ଚାରିକୋଟିରୁ ଅଧିକ ସଂଖ୍ୟକ ଲୋକଙ୍କ ସଂକ୍ରମିତ କରିଥିଲା; ସରକାରୀ ଭାବରେ ପାଞ୍ଚ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇଛି (ବେସରକାରୀ ଭାବରେ କିନ୍ତୁ ଏହି ସଂଖ୍ୟାଠୁ ଢେର୍ ଅଧିକ ବୋଲି କୁହାଯାଉଛି); ଏବଂ ବିଗତ ଦୁଇ ବର୍ଷ ଭିତରେ ଦେଶର ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଓ ଜୀବିକାକୁ ବିଭିନ୍ନ ମାତ୍ରାରେ ପ୍ରଭାବିତ କରିଛି । ମାର୍ଚ୍ଚ ୨୪,୨୦୨୦ର କଥାକୁ ମନେ ପକାନ୍ତୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଯିଏ ଯୋଉଠି ଅଛନ୍ତି, ସେମାନେ ସେଠି ଘର ଭିତରେ ରୁହନ୍ତୁ; ପଦାକୁ ବାହାରନ୍ତୁ ନାହିଁ- ଏମିତି ଏକ ଘୋଷଣା କରିବା ସହିତ ଜାରି କଲେ ଦେଶବ୍ୟାପି ତାଲାବନ୍ଦୀ ବା ଲକ୍‌ଡାଉନ୍ । ମହାମାରୀ କବଳରୁ ଦେଶବାସୀଙ୍କୁ ରକ୍ଷା କରିବାର, ଅନ୍ତତଃପକ୍ଷେ ମହାମାରୀର ସଂକ୍ରମଣର ହାରକୁ ଧୀମା କରିବାର ଉଦ୍ୟମ ସ୍ୱରୂପ ସମ୍ବିଧାନରେ ଥାଉ କି ନଥାଉ, ସରକାର ବାଧ୍ୟ ହେଲେ ସମସ୍ତଙ୍କର ସବୁ ପ୍ରକାରର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବାକୁ । ଆଜି ଦୁଇବର୍ଷ ଏବଂ ମହାମାରୀର ତିନିଗୋଟି ଲହର ପରେ ମହାମାରୀ ଆରମ୍ଭରେ ଯେଉଁ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ପାଖାପାଖି ଚାରି ଲକ୍ଷ ରହୁଥିଲା, ତାହା ୨ ହଜାର ତଳକୁ ଖସି ଆସିଛି । କମ୍ ସଂଖ୍ୟା, ଟିକାକରଣ ପ୍ରକଳ୍ପର ସଫଳତା ମହାମାରୀର ପରିଚାଳନା କରିବା ପାଇଁ ଉଲ୍ଲେଖନୀୟ ଭାବରେ ସାମର୍ଥ୍ୟରେ ବୃଦ୍ଧି ଏବଂ ବିଶ୍ୱ ସ୍ତରେ ମହାମାରୀର ସାମ୍ପ୍ରତିକ ସ୍ଥିତି କେନ୍ଦ୍ର ସରକାରଙ୍କୁ ଗତ ବୁଧବାର ଦିନ ଅନୁପ୍ରେରିତ କରିଛି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ଜଣାଇ ଦେବାକୁ କି, ଭୂତାଣୁର ପ୍ରସାରକୁ ରୋକିବାକୁ ଏହା ଆଉ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅନୁସାରେ କଟକଣା ଜାରି କରିବା ଉଦ୍ଦେଶ୍ୟରେ ଆଦେଶପତ୍ର ଜାରି କରିବାକୁ ଯାଉ ନାହାନ୍ତି । ତେବେ କେନ୍ଦ୍ର ସରକାରଙ୍କର ଏହି ସୂଚନାର ଅର୍ଥ ନୁହେଁ ଯେ ମହାମାରୀ ସମ୍ପୂର୍ଣ୍ଣ ରୂପେ ଦେଶରୁ ଚାଲି ଯାଇଛି ଏବଂ ସେଥିପାଇଁ ସବୁ ପ୍ରକାରର ନୀତି ନିୟମକୁ ଉଲ୍ଲଙ୍ଘନ କରାଯିବ । କାରଣ, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍ ଏବଂ ଦକ୍ଷିଣ କୋରିଆକୁ ମିଶାଇ ବିଶ୍ୱର କେତେକ ଅଂଶରେ କୋଭିଡ୍ ପୁନଃ-ସଂକ୍ରମଣ ଦେଖିବାକୁ ମିଳିଛି । ଭାରତର ନାଗରିକ ସଚେତନତା ସଂସ୍କୃତି ଯେହେତୁ ସେତେ ବ୍ୟାପକ ନୁହେଁ, ତେଣୁ ଏବେ ମଧ୍ୟ ଏହି ମାରାତ୍ମକ ଭୂତାଣୁର ଏକ ସମ୍ଭାବ୍ୟ ଲକ୍ଷ୍ୟସ୍ଥଳ ଭାବରେ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିପାଇଁ ସରକାର ବାସ୍ତବବାଦୀ ହୋଇ ତଥା ଯଥେଷ୍ଟ ସତର୍କତା ଅବଲମ୍ବନ କରି ଭୂତାଣୁର ଭୟ ଆଦୌ ନାହିଁ ବୋଲି ଘୋଷଣା କରି ନାହାନ୍ତି । ତା' ପରିବର୍ତ୍ତେ ଏହାର ସଂକ୍ରମଣ କବଳରୁ ରକ୍ଷା ପାଇବାର ସର୍ବାଧିକ ଆବଶ୍ୟକତା- ବରଂ ଅପରିହାର୍ଯ୍ୟତା ବୋଲି କହିଲେ ଠିକ୍ ହେବ- ମାସ୍କ ପରିଧାନ କରିବା ଏବଂ ସାମାଜିକ ଦୂରତା ରକ୍ଷା କରିବା କଥା କହିଛନ୍ତି । ସଙ୍ଗେ ସଙ୍ଗେ ଜୀବନଧାରଣର ପ୍ରଣାଳୀକୁ ସ୍ୱାଭାବିକ କରିବାକୁ, ଦୈନନ୍ଦିନ କାର୍ଯ୍ୟକଳାପ ପ୍ରାକ୍-ମହାମାରୀ ଅବସ୍ଥା ଭଳି କରିବା ସହିତ ଅର୍ଥନୀତିକୁ କାର୍ଯ୍ୟକଳାପଗୁଡ଼ିକର ପଥରେ ଯେପରି କୌଣସି ପ୍ରକାରର ପ୍ରତିବନ୍ଧକ ଦେଖା ନଦିଏ, ତାହା ସୁନିଶ୍ଚିତ କରିବାକୁ କହିଛନ୍ତି । ପୁନଶ୍ଚ, ସରକାର ମଧ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରମାନଙ୍କୁ ସତର୍କ ରହିବା ସହିତ କୌଣସି ସ୍ଥାନରେ ଯଦି କେତେବେଳେ ବି ମହାମାରୀ ସଂକ୍ରମିତଙ୍କ ସଂଖ୍ୟାରେ ଯଥେଷ୍ଟ ପରିମାଣରେ ବୃଦ୍ଧି ପରିଚାଳିତ କରନ୍ତି, ତା' ହେଲେ ତୁରନ୍ତ ରୋଗର ପ୍ରସାରକୁ ରୋକିବା ପାଇଁ ପଦକ୍ଷେପ ନେବାକୁ କହିଛନ୍ତି । ମହାମାରୀ ଆରମ୍ଭ ହେବା ସମୟରେ ଦେଶରେ ଏହାର ପରିଚାଳନାକୁ ନେଇ ଯେଉଁ ଅବସ୍ଥା ରହିଥିଲା, ତା' ତୁଳନାରେ ବର୍ତ୍ତମାନ ଏକ ଯଥେଷ୍ଟ ଉନ୍ନତ ବ୍ୟବସ୍ଥା ବିକଶିତ ହୋଇଥିବା କଥା ଯାହା ସରକାର କହୁଛନ୍ତି, ତାହା ଠିକ୍ ହୋଇଥିଲେ ସୁଦ୍ଧା ଏଥିରୁ ସରକାର ଶିକ୍ଷାଲାଭ କରିବା ଉଚିତ ଯେ ହଠାତ୍ ଦ୍ରୁତଗତିରେ ସଂକ୍ରମଣ ବ୍ୟାପିବା ସମସ୍ତଙ୍କୁ ହତଚକିତ କରିଦେବା ସହିତ ଆମର ସାମାଜିକ ଓ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ଦୁର୍ବଳତାକୁ ପଦାରେ ପକାଇ ଦେଇଥିଲା । ଅତୀତରୁ ଶିକ୍ଷାଲାଭ କରି କିପରି ଭବିଷ୍ୟତକୁ ସଜାଡ଼ି ନିଆଯାଇପାରେ, ତାହା ଏହି ମହାମାରୀର ଦ୍ୱିତୀୟ ଲହର କାଳରେ ଭାରତବର୍ଷ ଶିକ୍ଷା କରିସାରିଛି । ଯେଉଁଥିପାଇଁ ତୃତୀୟ ଲହର ଏତେ ଭୟାବହ ହୋଇପାରି ନଥିଲା ।

# କିଛି ସତ କିଛି ମିଛର କାହାଣୀ....



ଗୋପାଳ ମହାପାତ୍ର

ଏବେ ସାରା ଦେଶରେ 'ଦି କାଶ୍ମୀର ଫାଇଲ୍ସ' ନାମକ ଏକ ଚଳଚ୍ଚିତ୍ରକୁ ନେଇ ମାହୋଲ ସରଗରମ ହେବାରେ ଲାଗିଛି । ଏହି ଚଳଚ୍ଚିତ୍ରଟି ଇଣ୍ଟରନେଟରେ ମଧ୍ୟ ଉପଲବ୍ଧ । ଚଳଚ୍ଚିତ୍ରକୁ ନେଇ ଅନେକ ଆଲୋଚନା ସମାଲୋଚନା ବିଭିନ୍ନ ସମ୍ବାଦପତ୍ର, ଟିଭି ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି । ଚଳଚ୍ଚିତ୍ରରେ କାଶ୍ମୀର ପଣ୍ଡିତମାନଙ୍କର ଦୁର୍ଦ୍ଦଶା ଉପସ୍ଥାପିତ କରାଯାଇଛି । ଅନେକ ରାଜ୍ୟରେ ଚଳଚ୍ଚିତ୍ରକୁ ଟିକସମୁକ୍ତ କରାଯାଇଛି । ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯିବା ପଛର ଉଦ୍ଦେଶ୍ୟ କ'ଣ ? କ'ଣ ପ୍ରକୃତରେ ସତ୍ୟକଥାକୁ ଲୋକଙ୍କ ସମ୍ମୁଖକୁ ଅଣାଯିବା ପାଇଁ ଏହାର ନିର୍ମାଣ କରାଯାଇଛି ? କ'ଣ କାଶ୍ମୀର ପଣ୍ଡିତମାନଙ୍କୁ ପ୍ରକୃତପକ୍ଷେ ସହାୟତା କରିବା ଏହାର ଉଦ୍ଦେଶ୍ୟ ? ଏଭଳି ଅନେକ ପ୍ରଶ୍ନ ଚଳଚ୍ଚିତ୍ରଟିକୁ ଦେଖିଥିବା ଅନେକ ବୁଦ୍ଧିଜୀବୀଙ୍କ ମନରେ ଆସୁଛି । କିନ୍ତୁ ଚଳଚ୍ଚିତ୍ରଟି ବେଶ୍ ରୋଜଗାର କରୁଛି । ନିର୍ମାତାଙ୍କୁ ସରକାର ପ୍ରୋତ୍ସାହିତ କରୁଛନ୍ତି । ଖୋଦ ପ୍ରଧାନମନ୍ତ୍ରୀ ଚଳଚ୍ଚିତ୍ରର ନିର୍ମାତା, ବିଷୟବସ୍ତୁ ଓ କଳାକାରମାନଙ୍କର ପ୍ରଶଂସା କରିଛନ୍ତି । ବିଶ୍ୱରେ ଏଭଳି ଉଦାହରଣ କେବେ ଦେଖାଯାଇନାହିଁ ଯେ କୌଣସି ନିର୍ବାଚିତ ସରକାର ଜନସାଧାରଣଙ୍କ ମନରେ ବିଦ୍ୱେଷଭାବ ସୃଷ୍ଟି କଲାଭଳି ଚଳଚ୍ଚିତ୍ର ଦେଖିବା ପାଇଁ ପ୍ରୋତ୍ସାହିତ କରିବ, କେତେକ ରାଜ୍ୟରେ ଏହି ଚଳଚ୍ଚିତ୍ର ଦେଖିବା ପାଇଁ ସରକାରୀ କର୍ମଚାରୀମାନଙ୍କୁ ଛୁଟି ମଧ୍ୟ ଦିଆଯାଉଛି । ଜର୍ମାନୀରେ ହିଟଲରଙ୍କ ଶାସନ ଅମଳରେ ଏଭଳି ହୋଇଥିବା କଥା ଇତିହାସ କହୁଛି । ହିଟଲରଙ୍କର ବିଶ୍ୱସ୍ତ ସହଯୋଗୀ ହେନେରିକ୍ ହିମଲର ପୋଲିସ କର୍ମଚାରୀଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କୁ ଇହୁଦୀ ବିରୋଧୀ ଚଳଚ୍ଚିତ୍ର ଦେଖିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ । 'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ପାଇଁ ସରକାରୀ କର୍ମଚାରୀଙ୍କୁ ଛୁଟି ଦିଆଯିବା ଘଟଣା ନାଜି ଜର୍ମାନୀ ହିଟଲରଙ୍କ ସହଯୋଗୀ ହେନେରିକ୍‌ଙ୍କ ନିର୍ଦ୍ଦେଶ ଭଳି ନୁହେଁ ତ ?

'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ମାଧ୍ୟମରେ ୩୨ ବର୍ଷ ତଳର ପୁରୁଣା କାଶ୍ମୀର ପଣ୍ଡିତମାନଙ୍କର ବିସ୍ଥାପନର କାହାଣୀ ଚର୍ଚ୍ଚାକୁ ଆସିଛି । ଚଳଚ୍ଚିତ୍ରରେ କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟ ନଥିବା ଭଳି ଜଣାପଡୁଛି । କାରଣ ଜଣେ ସେନା ଅଧିକାରୀଙ୍କ ପତ୍ନୀ ତାଙ୍କ ଶହୀଦ ସ୍ୱାମୀଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ଚିତ୍ରଣ କରାଯାଇଛି ବୋଲି ଅଭିଯୋଗ କରି ଅଦାଲତର ଆଶ୍ରୟ ନେଇଛନ୍ତି । କାଶ୍ମୀର ପଣ୍ଡିତମାନଙ୍କର ବିସ୍ଥାପନ ଏବଂ ସଂହାର ଏକ ରାଷ୍ଟ୍ରୀୟ ବିପତ୍ତି ନିଶ୍ଚୟ । ଏପରିକି ଏହାକୁ ମାନବତା ଉପରେ ବର୍ବର ଆକ୍ରମଣ ବୋଲି କୁହାଯିବ । କିନ୍ତୁ ଏହି ଘଟଣା ପାଇଁ ଦାୟୀ କିଏ ? ସେମାନଙ୍କର ପ୍ରକୃତ ପରିଚୟ କ'ଣ ? କାଶ୍ମୀରରେ ୧୯୮୯ରେ ଟିକାଲାଲ ଟପଲୁଙ୍କ ହତ୍ୟା ପରେ ଏଭଳି ଅମାନବୀୟ ଘଟଣା ଆରମ୍ଭ ହୋଇଥିଲା । ସେତେବେଳେ କେନ୍ଦ୍ରରେ ବିଜେପି ସମର୍ଥିତ ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାର ଥିଲା ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଥିଲେ ମୁଫତି ମହମ୍ମଦ ସଇଦ । ମୁଫତି ହେଉଛନ୍ତି କାଶ୍ମୀରର ଅଧିବାସୀ । ଯେତେବେଳେ କାଶ୍ମୀର ପ୍ରସଙ୍ଗକୁ ନେଇ ଚର୍ଚ୍ଚା ହୁଏ ସେତେବେଳେ କୁଟୀଳ ବୁଦ୍ଧିଜୀବୀମାନେ ଏ ଘଟଣାକୁ ଚପାଇ ଦେବାର ଅପଚେଷ୍ଟା କରନ୍ତି । ସେମାନେ ବାସ୍ତବିକ ଘଟଣାକୁ ଲୋକ ଲୋଚନକୁ ଆଣିବାକୁ ଚାହାଁନ୍ତି ନାହିଁ । କାଶ୍ମୀର ପଣ୍ଡିତମାନଙ୍କର ବିସ୍ଥାପନ ସମୟରେ ଯେଉଁମାନେ ସାମ୍ବିଧାନିକ ପଦପଦବୀରେ ଅବସ୍ଥାପିତ ଥିଷଲ ଏବଂ ଆଇନ ବ୍ୟବସ୍ଥାର ଦାୟିତ୍ୱରେ ଥିଲେ ସେମାନଙ୍କ ବାବଦରେ ଚର୍ଚ୍ଚା କରାଯାଉନାହିଁ ।

କାଶ୍ମୀରରେ ସବୁଠାରୁ ଜଘନ୍ୟ ଘଟଣା ୧୯୯୦ ମସିହା ଜାନୁଆରୀ ୧୯ ତାରିଖରେ ଘଟିଥିଲା । ସେତେବେଳେ କାଶ୍ମୀର ପଣ୍ଡିତମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା । ସେମାନଙ୍କୁ କାଶ୍ମୀର ଛାଡ଼ି ଚାଲିଯିବା ପାଇଁ ବାଧ କରାଯାଇଥିଲା । ଯେତେବେଳେ ଏଭଳି ଜଘନ୍ୟ ଘଟଣା ଘଟୁଥିଲା ସେତେବେଳେ ଘଟଣାକୁ ସମ୍ଭାଳିବାରେ ଅସଫଳ ହୋଇଥିଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ମୁଫତି ମହମ୍ମଦ ସଇଦ୍ ଓ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା । ଜଗମୋହନ ଥିଲେ କାଶ୍ମୀରର ରାଜ୍ୟପାଳ । ସେଇ ଜଗମୋହନ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମନ୍ତ୍ରୀ ହୋଇଥିଲେ । ଘଟଣାକୁ ସେତେବେଳେ ଯେଉଁମାନେ ରୋକିପାରିଥାନ୍ତେ ସେମାନେ ହେଉଛନ୍ତି ତତ୍କାଳୀନ ରାଜ୍ୟପାଳ ଜଗମୋହନ ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ମୁଫତି ମହମ୍ମଦ । କିନ୍ତୁ ସେମାନେ ରୋକିପାରିନଥିଲେ । କାହିଁକି ? ପରେ ଆତଙ୍କବାଦୀମାନେ ମୁଫତିଙ୍କ କନ୍ୟା ରୁବିୟାକୁ ଅପହରଣ କରି ନେଇଥିଲେ । ରୁବିୟାଙ୍କ ପାଇଁ କେତେକ ଆତଙ୍କୀଙ୍କୁ ସରକାର ଛାଡ଼ିବାକୁ ବାଧ ହୋଇଥିଲେ । ରାଜ୍ୟପାଳ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ କାଶ୍ମୀର ପଣ୍ଡିତମାନଙ୍କୁ ସୁରକ୍ଷା ଦେବାରେ ଅସଫଳ ହେଲେ କାହିଁକି ? ଆଉ ଏକ କଥା ହେଉଛି କାଶ୍ମୀର ପରିସ୍ଥିତିକୁ ସମ୍ଭାଳିବା ପରିବର୍ତ୍ତେ ମୁଫତି ମହମ୍ମଦ ଆତଙ୍କବାଦୀମାନଙ୍କୁ ସମର୍ଥନ କରିଥିଲେ, କିନ୍ତୁ ସେଇ ମୁଫତି ମହମ୍ମଦଙ୍କ ଦଳ ସହ ବିଜେପି ମେଣ୍ଟ କରିବାରୁ ୨୦୧୬ରେ ମେହେବୁବା ମୁଫତି ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ହୋଇଥିଲେ । ବିଜେପି କାହିଁକି ଏବଂ କେଉଁ ପରିସ୍ଥିତିରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ସହ ମେଣ୍ଟ କରିଥିଲା ସେ ବାବଦରେ ସ୍ପଷ୍ଟ କହୁନାହିଁ ? କାଶ୍ମୀର ନରସଂହାର ପାଇଁ ଦାୟୀ ସେତେବେଳର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଦଳ ସହ ମେଣ୍ଟ କଲା କାହିଁକି ? ନରସଂହାର ପାଇଁ ଦାୟୀମାନଙ୍କ ସହ ମେଣ୍ଟ ସରକାର ଗଠନ କ'ଣ କାଶ୍ମୀର ପଣ୍ଡିତମାନଙ୍କ ପାଇଁ ଉପହାସ ନୁହେଁ କି ?

ଇତିହାସର ତଥ୍ୟ ଅନୁସାରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ମଧ୍ୟ ୧୯୩୧ ମସିହାରେ ଡୋଗ୍ରା ହିନ୍ଦୁମାନଙ୍କ ଉପରେ କାଶ୍ମୀରରେ ଆକ୍ରମଣ ହୋଇଥିଲା । ସେତେବେଳେ ଡୋଗ୍ରା ରାଜା ହରି ସିଂହଙ୍କର ରାଜୁତି ଥିଲା ? ଏହାପରେ ୧୯୪୭ରେ ମଧ୍ୟ ଆକ୍ରମଣ ହୋଇଥିଲା । ସେତେବେଳେ କାଶ୍ମୀର ଜନସଂଖ୍ୟାର ୧୫ ପ୍ରତିଶତ ଥିଲେ ଡୋଗ୍ରା । ଏମାନଙ୍କ ମଧ୍ୟରୁ ଅନେକ ପାକିସ୍ଥାନୀ ସେନାରେ ଥିଲେ । ରାଜା ହରି ସିଂହ ପାକିସ୍ଥାନରେ ମିଶିବେ ବୋଲି ସ୍ଥିର କରିନେଇଥିଲେ, କିନ୍ତୁ ସେତିକିବେଳେ ପାକିସ୍ଥାନୀ ସେନା କାଶ୍ମୀର ଉପରେ ଆକ୍ରମଣ କରିଥିଲେ ତେଣୁ ବାଧ ହୋଇ ହରି ସିଂହ ଭାରତ ସହ ମିଶ୍ରଣ ପାଇଁ ବିଲୟପତ୍ରରେ ସ୍ୱାକ୍ଷର କରିଥିଲେ । ଭାରତ ସରକାର ସେନା ପଠାଇ ପାକ୍ ସେନାକୁ ଘଉଡ଼ାଇ ଦେଇଥିଲେ । ଏ ହେଉଛି ଇତିହାସର କଥା । ସେବେଠାରୁ କାଶ୍ମୀରକୁ ନେଇ ପାକିସ୍ଥାନ ବିଭିନ୍ନ ସମୟରେ ଅଶାନ୍ତି ସୃଷ୍ଟି କରି ଚାଲିଛି ।

୧୯୯୦ ପରେ ମଧ୍ୟ କାଶ୍ମୀର ପଣ୍ଡିତଙ୍କ ଉପରେ ଆକ୍ରମଣ ହୋଇଥିଲା। ସଂଗ୍ରାମପୁରାଠାରେ ୭ ଜଣ ପଣ୍ଡିତଙ୍କୁ ହତ୍ୟା କରାଯାଇଥିଲା । ସେତେବେଳେ କେନ୍ଦ୍ରରେ ଦେବେଗୌଡ଼ାଙ୍କ ସରକାର ଥିଲା କମ୍ୟୁନିଷ୍ଟ ନେତା ଇନ୍ଦ୍ରଜିତ ଗୁପ୍ତା ସ୍ୱରାଷ୍ଟ୍ରମନ୍ତ୍ରୀ ଥିଲେ । ୧୯୯୮ରୁ ୨୦୦୩ ମଧ୍ୟରେ ୨ଥର କାଶ୍ମୀର ପଣ୍ଡିତଙ୍କ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି ଓ ଥରେ ୨୩ ଓ ୨ୟ ଥର ୨୪ ପଣ୍ଡିତଙ୍କୁ ହତ୍ୟା କରାଯାଇଛି । ଏହି ସମୟରେ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କର ସରକାର ଥିଲା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଥିଲେ ଲାଲକୃଷ୍ଣ ଆଡଭାନୀ । ଏ ସବୁରୁ ସ୍ପଷ୍ଟ ଯେ କାଶ୍ମୀର ପଣ୍ଡିତଙ୍କ ଉପରେ ହୋଇଥିବା ବଡ଼ ଧରଣର ଆକ୍ରମଣ ଯେଉଁଥିପାଇଁ ୩ ଲକ୍ଷ କାଶ୍ମୀର ପଣ୍ଡିତ ବିସ୍ଥାପିତ ହୋଇଥିଲେ ଓ ୩୦୦ ଙ୍କର ମୃତ୍ୟୁ ହୋଇଥିଲା ଓ ୧୯୯୮ରୁ ୨୦୦୩ ମଧ୍ୟରେ ୨ଥର ଆକ୍ରମଣରେ ଯଥାକ୍ରମେ ୨୩ ଓ ୨୪ ପଣ୍ଡିତଙ୍କର ମୃତ୍ୟୁ ହୋଇଥିଲା ସେତେବେଳେ ବିଜେପି ସରକାର ବା ବିଜେପି ସମର୍ଥିତ ସରକାର ଥିଲା । କିନ୍ତୁ କାଶ୍ମୀର ନରସଂହାର ପାଇଁ କଂଗ୍ରେସକୁ ସବୁବେଳେ ଦାୟୀ କରାଯାଉଛି । କାଶ୍ମୀର ନରସଂହାର ପାଇଁ ଲାଲକୃଷ୍ଣ ଆଡଭାନୀ, ଅଟଳ ବିହାରୀ ବାଜପେୟୀ, ଜଗମୋହନ ଏବଂ ମୁଫତି ମହମ୍ମଦ ସଇଦଙ୍କୁ ଦାୟୀ କରାଯିବ ନାହିଁ କାହିଁକି ? ଏମାନେ କାଶ୍ମୀର ଘଟଣା ବେଳେ ଶାସନରେ ଥିଲେ ଓ ଶାନ୍ତି ରକ୍ଷା କରିବା ଏମାନଙ୍କର ଦାୟିତ୍ୱ ଥିଲା ।

ସମ୍ବେଦନଶୀଳ ଘଟଣା ହେଉଛି ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଲାଲକୃଷ୍ଣ ଆଡଭାନୀ ସ୍ୱରାଷ୍ଟ୍ରମନ୍ତ୍ରୀ ଥିବାବେଳେ ୧୯୯୯ ମସିହା ଜୁନ ମାସରେ ରାଷ୍ଟ୍ରୀୟ ମାନବାଧିକାର କମିଶନଙ୍କୁ କାଶ୍ମୀର ଗସ୍ତ କରିଥିଲେ ଓ ତାଙ୍କ ରିପୋର୍ଟ ବାଜପେୟୀ ସରକାରଙ୍କୁ ଦେଇଥିଲେ । କମିଶନ ତାଙ୍କ ରିପୋର୍ଟରେ କହିଥିଲେ 'କାଶ୍ମୀର ପଣ୍ଡିତମାନଙ୍କ ଉପରେ ଅତ୍ୟାଚାର ହୋଇଛି ଓ ଏହାର ମାତ୍ରା ଅଧିକ, ଏହାକୁ ଜନସଂହାର (ଜେନୋସାଇଡ୍) କୁହାଯାଇପାରିବ ନାହିଁ ।' ଦେଶର ଜନସାଧାରଣ ବିଶେଷକରି କାଶ୍ମୀର ପଣ୍ଡିତମାନେ ଏ କଥା କେବେ ଭାବିଛନ୍ତି କି ମାନବାଧିକାର କମିଶନଙ୍କ ଏହି ରିପୋର୍ଟ ଯିକାଲାଲ ଟପଲୁ, ବିଚାରପତି ନୀଳକାନ୍ତ ଗଞ୍ଜୁ, କବି ସର୍ବାନନ୍ଦ କୌଲ, ଓକିଲ ପ୍ରେମନାଥ ଭଟ୍ଟ ତଥା ଲାସା କୌଲଙ୍କ ବଳିଦାନକୁ ଉପହାସ କଲା ଭଳି ରିପୋର୍ଟ । ମାନବାଧିକାର କମିଶନଙ୍କ ଏହି ରିପୋର୍ଟ ଉପରେ ବାଜପେୟୀ ସରକାର ପ୍ରଶ୍ନ ଉଠାଇଲେନି ବା ଆପତ୍ତି କଲେ ନାହିଁ କାହିଁକି ? ରାଜ୍ୟପାଳ ଜଗମୋହନ କାଶ୍ମୀରରେ ୨୧୯ ଜଣ ପଣ୍ଡିତଙ୍କୁ ହତ୍ୟା କରାଯାଇଛି ବୋଲି ସରକାରୀ ଭାବେ କହିଥିଲେ କିନ୍ତୁ କାଶ୍ମୀର ପଣ୍ଡିତ ସଂଘର୍ଷ ସମିତି ୩୯୯ ପଣ୍ଡିତଙ୍କୁ ହତ୍ୟା କରାଯାଇଥିବା ଦାବି କରିଥିଲେ । ଏଣୁ ଏବେ ଘଟଣାକୁ ଯେଉଁଭଳି ଭାବେ ପ୍ରଚାର କରାଯାଉଛି ତାହା କେବଳ ରାଜନୈତିକ ଉଦ୍ଦେଶ୍ୟ ନେଇ କରାଯାଉଛି ବୋଲି କହିବାକୁ ହେବ ।

କଥାରେ ଅଛି ତିନିତୁଣ୍ଡରେ ଛେଳି କୁକୁର, ମିଛକୁ ବାରମ୍ବାର କୁହାଗଲେ ଲୋକେ ତାକୁ ସତ ବୋଲି ଗ୍ରହଣ କରିନେଇଥାନ୍ତି । ଏବେର ଅବସ୍ଥା ମଧ୍ୟ ଠିକ୍ ଏହିପରି । ଏ କଥା ସତ୍ୟ ଯେ ବର୍ତ୍ତମାନର କେନ୍ଦ୍ର ସରକାର କାଶ୍ମୀରରୁ ଧାରା ୩୭୦ ହଟାଇ ଦେଇଛନ୍ତି ଯାହା ଦେଶ ପାଇଁ ମଙ୍ଗଳକର ଓ ଏହା ଏକ ବଡ଼ ଉପଲବ୍ଧି । କିନ୍ତୁ ତା'ର ଅର୍ଥ ନୁହେଁ ଯେ କାଶ୍ମୀର ଘଟଣା ସମ୍ପର୍କିତ ତଥ୍ୟକୁ ତ୍ରୁଟିପୂର୍ଣ୍ଣ ଭାବେ ଉପସ୍ଥାପନ କରାଯିବ । ଶାସନ ଗାଦି ଅକ୍ତିଆର କରିବା ପାଇଁ ରାଜନୈତିକ ଦଳମାନେ ଯେ ଏମିତି କାର୍ଯ୍ୟ ସବୁ କରନ୍ତି । ମେହେବୁବା ମୁଫତି ଓ ବିଜେପି ମେଣ୍ଟ ସରକାର ଜାମ୍ମୁ-କାଶ୍ମୀରରେ ଆସିବା ପୂର୍ବରୁ ଯେଉଁମାନଙ୍କୁ ପୂର୍ବ ସରକାର ଜେଲ୍‌ରେ ରଖିଥିଲେ ସେମାନଙ୍କୁ ମେଣ୍ଟ ସରକାର ଜେଲକୁ ଛାଡ଼ି ଦେଇଥିଲେ । ଏଣୁ ସେମାନଙ୍କୁ ପୁନଃ ସଂଗଠିତ ହେବାର ସୁଯୋଗ ମିଳିଥିଲା । ଏମାନେ ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ସଂଗଠିତ ହୋଇଥିଲେ ଓ ବୁରହାନ ବାନିର ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ । ଜେଲରୁ ମୁକୁଳିଥିବା ଏହି ବିଚ୍ଛିନ୍ନତାବାଦୀମାନେ ସ୍ୱଳ୍ପ ସମୟ ମଧ୍ୟରେ ଏତେ ଶକ୍ତିଶାଳୀ ହେଲେ କିପରି ? ଏ ବାବଦରେ କ'ଣ ତଦନ୍ତ କରାଯିବା ଉଚିତ ନୁହେଁ କି ? ଏ ସବୁ ହେଉଛି ସଂପୂର୍ଣ୍ଣ ସତ୍ୟ । ଇତିହାସ ବାବଦରେ ସମ୍ୟକ ଧାରଣା ଥିବା ସାଧାରଣ ବ୍ୟକ୍ତି ମଧ୍ୟ ଏ କଥା ବୁଝିପାରିବେ । କିନ୍ତୁ କେହି ବୁଝିବାକୁ ରାଜି ନୁହନ୍ତି । କଟା ଘା'ରେ ଲୁଣ ଛିଞ୍ଚାଡ଼ିବା ବି ଠିକ୍ ନୁହେଁ । କାଶ୍ମୀର ପଣ୍ଡିତମାନଙ୍କ ବିସ୍ଥାପନ ଦୁଃଖ ଦୂର କରିବା ପାଇଁ ଏବଂ ସେମାନଙ୍କୁ କାଶ୍ମୀର ଘାଟିରେ ପୁନଃ ଅବସ୍ଥାନ କରିବା ପାଇଁ ସରକାର ଉତ୍ତମ ବାତାବରଣ ସୃଷ୍ଟି କରନ୍ତୁ । ରାଜନୈତିକ ଫାଇଦା ପାଇଁ ଏମିତି କିଛି କରାନଯାଉ ଯେଉଁଥିପାଇଁ ଦେଶର ଜନତାଙ୍କ ମଧ୍ୟରେ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ କ୍ଷୁର୍ଣ୍ଣ ହେବ ଓ ଦୁଇ ସଂପ୍ରଦାୟ ମଧ୍ୟରେ ଅଧିକ ତିକ୍ତତା ସୃଷ୍ଟି ହେବ ।

ଏବେ ବିଚାର କରିବାର କଥା ହେଉଛି ଦେଶରେ ଯେଉଁଭଳି ବାତାବରଣ ସୃଷ୍ଟି କରାଯାଉଛି ତାହା ଦେଶର ଓ ସମାଜର ଅବସ୍ଥାକୁ ବିଗାଡ଼ିବନି ତ ? ଚଳଚ୍ଚିତ୍ର ମାଧ୍ୟମରେ ଭୋଟବ୍ୟାଙ୍କ ସୃଷ୍ଟି ପାଇଁ ଉଦ୍ୟମ କରାଯାଉନାହିଁ ତ ? ସରକାର ଏହି ଚଳଚ୍ଚିତ୍ରକୁ ଯେଉଁଭଳି ପ୍ରୋତ୍ସାହିତ କରୁଛନ୍ତି ତା ଫଳରେ ଅନ୍ୟ ଦଙ୍ଗାକୁ ନେଇ ଚଳଚ୍ଚିତ୍ର ନିର୍ମାଣ ହେବ ନାହିଁ ତ ? କ'ଣ ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା ପରେ ଘଟିଥିବା ଶିଖ୍ ଦଙ୍ଗା ଉପରେ ଚଳଚ୍ଚିତ୍ର ନିର୍ମାଣ ହେବ ? କ'ଣ ୧୯୮୯ରେ ଭାଗଲପୁର (ବିହାର) ଦଙ୍ଗା, ଗୁଜରାଟର ଗୋଧ୍ରାକାଣ୍ଡ ଘଟଣା ଉପରେ ଚଳଚ୍ଚିତ୍ର ନିର୍ମାଣ ହେବ ? ୨୦୧୩ରେ ମୁଜାଫରପୁର ନଗର ଦଙ୍ଗା ଉପରେ କ'ଣ ଚଳଚ୍ଚିତ୍ର ନିର୍ମାଣ ହେବ ? ସରକାର ଦି କାଶ୍ମୀର ଫାଇଲ୍ସ ଚଳଚ୍ଚିତ୍ରକୁ ଯେଉଁଭଳି ପ୍ରୋତ୍ସାହିତ କରୁଛନ୍ତି ସେଭଳି ଦଙ୍ଗା ଘଟଣାକୁ ନେଇ ଯଦି ଚଳଚ୍ଚିତ୍ର ନିର୍ମାଣ ହୁଏ ତେବେ ଦେଶ ଓ ସମାଜର ଗତି କୁଆଡ଼କୁ ଯିବ ?


♥ ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪


# ଖାଲି କୃତଜ୍ଞତା ଜଣେଇଲେ ହେବ ନାହିଁ ଜନତାଙ୍କୁ ଫେରସ୍ତ କରିବାକୁ ପଡ଼ିବ



ସୁବ୍ରତ କର

ଏବେ କିନ୍ତୁ ଦଳ ମୁଖିଆଙ୍କୁ ଭାରି ପଡ଼ିବ । ଭାରି ମତ ପାଇଁ ଭାରି କାର୍ଯ୍ୟକ୍ରମର ଖସଡ଼ା ତିଆରି ଏବେଠୁ କରିବାକୁ ପଡ଼ିବ । ଜନତାଙ୍କ ଛୁରୀର ଦୁଇପଟ ଧାର କାରଣ ଆଉ ଦୁଇବର୍ଷ ପରେ ଛୁରୀର ଧାର ପାଲଟି ନ ଖାଇଲେ ହେଲା । ଏହା ପାଇଁ ଦଳର ମୁଖୀଆ କାର୍ଯ୍ୟ ଆରମ୍ଭ କରି ସାରିଲେଣି ଏବଂ କାର୍ଯ୍ୟ କରି ଫଳ ମଧ୍ୟ ଦେଇ ସାରିଛନ୍ତି । ମାସିକିଆ ବିଦ୍ୟୁତ୍ ବିଲ୍ ସମାନ ରହିବ ନା ୟୁନିଟ୍ ପିଛା ଦୂ ବଢ଼ିବା ଏ ନେଇ ବେଶ କିଛିଦିନ ତର୍ଜମା ହେଲା । ସରକାରଙ୍କ ଉପରେ ଚାପ ପଡ଼ିଲା କାରଣ ୟୁନିଟ ପିଛା ବଢ଼ିବ ବୋଲି ସବୁ ଠିକ୍‌ଠାକ୍ ଥିଲା କିନ୍ତୁ ସରକାରଙ୍କ ହସ୍ତକ୍ଷେପ ଫଳରେ ଦର ସମାନ ରହିଲା ଏବଂ ଜନତା ଆଶ୍ୱସ୍ତି ପ୍ରକାଶ କରିଲେ । ଆମ ରାଜ୍ୟ ବିଦ୍ୟୁତ୍ ତିଆରି କରିବାରେ ବଳକା ରାଜ୍ୟ ଭାବରେ ଗଣା ହେଉଛି ଏବଂ ଏହା ମଧ୍ୟ ଆସେମ୍ବ୍ଲିରେ ରାଜ୍ୟପାଳ ମହାଦୟ ଆମକୁ ସରକାରଙ୍କ ଦ୍ୱାରା ଲେଖା ହୋଇଥିବା ଲେଖାକୁ ପଢ଼େଇ ଶୁଣେଇଲେ । ୟୁନିଟ ପିଛା ଦର ନିଶ୍ଚିତ ଆସନ୍ତା ଦୁଇବର୍ଷ ମଧ୍ୟରେ ବଢ଼ିବାର ନାହିଁ କାରଣ ୨୦୨୪ରେ ଜନତା ତାଙ୍କର ମତ ପୁଣି ଦେବେ । ନିଶ୍ଚିତ ସରକାର ଅନେକ ଭଲ କାମ କରିଛନ୍ତି ତା ନହେଲେ ସରକାରଙ୍କୁ ଏକତରଫା ଭୋଟ ମିଳିନଥାଆନ୍ତା । ଏଇଟା ନିଶ୍ଚୟ ଶିକ୍ଷିତ ଲୋକ ବା ସହରିଆ ଲୋକମାନେ ସରକାରଙ୍କ ଅନେକ କାମ ପସନ୍ଦ କରୁ ନଥିବେ ଯେଉଁଥି ପାଇଁ ସେମାନେ ଭୋଟ ଦାନରୁ ବିରତ ରହିଛନ୍ତି ।

ଏମାନଙ୍କ ମତ ଉପରେ ଜିତିବା ବା ହାରିବା ନିର୍ଭର କଣ ନାହିଁ । ଆଉ ଏକ କ୍ଷେତ୍ରରେ ସରକାର ବାଜିମାତ୍ କରିଛନ୍ତି ଏବଂ ସେଇଟା ହେଲା ବେକାରିତ୍ୱ । ଆମ ରାଜ୍ୟରେ ବେକାର ହାର ବହୁତ କମ୍ ଅନ୍ୟ ରାଜ୍ୟ ତୁଳନାରେ ବା ଦେଶ ତୁଳନାରେ । ସାରା ଦେଶରେ ବେକାରୀତ୍ୱର ସଂଖ୍ୟା ଶତକଡ଼ା ୭ଭାଗ ଥିବା ବେଳେ ଆମ ରାଜ୍ୟରେ ଶତକଡ଼ା ୧ଭାଗ । ଏହାମାନେ ଆମ ରାଜ୍ୟରେ ପ୍ରାୟ କେହି ବେକାର ନୁହଁନ୍ତି । ଏହା ମୁଁ କହୁନାହିଁ ଏହା ହେଉଛି ବିଶେଷଜ୍ଞମାନଙ୍କ ମତ । କିନ୍ତୁ ସତକଥା କାହାରି ପାଖରେ ନାହିଁ । ଏପରିକି ଆମ ଏପଏଣ୍ଟମେଣ୍ଟ ଅଫିସରେ ମଧ୍ୟ ମିଳିବ ନାହିଁ । ଯଦି ଏହା ସତ ତେବେ ଇଂଜିନିୟରିଂ କଲେଜ ଗୁଡ଼ିକରେ ସିଟ୍ ଏତେ ଫାଙ୍କା କାହିଁକି ? ହଜାର ହଜାର ଇଂଜିନିୟର ଘରେ ବସିଛନ୍ତି ଏବଂ ଯଦି କେହି ଚାକିରି କରୁଛନ୍ତି ମାଲିକଙ୍କ କଥାନୁସାରେ ଦରମା । ଏକମାତ୍ର ଡାକ୍ତରୀ ଚାକିରୀ ଯାହାକୁଯେତେ, କିନ୍ତୁ ସରକାରଙ୍କ ଦୁର୍ଭାଗ୍ୟ ଯେ ୧୨୦୦ରୁ ଅଧିକା ଡାକ୍ତର ତିଆରି କରିବାର କ୍ଷମତା ନାହିଁ । ଯଦି ରାଜ୍ୟରେ ସବୁଠୁ ଖରାପ ଅବସ୍ଥାରେ ଅଛି ସେ ହେଉଛି ସ୍ୱାସ୍ଥ୍ୟ ବିଭାଗ । କୌଣସି ମେଡିକାଲ କଲେଜର ଡାକ୍ତରଙ୍କ ଅଭାବ ପୁରଣ କରି ପାରି ନାହାନ୍ତି ବା ୫-୧୦ବର୍ଷ ମଧ୍ୟ ପାରିବେ ନାହିଁ । ଏହି ବିଭାଗଟି ସରକାରଙ୍କ ଅତି ଦୁର୍ବଳ ବିଭାଗ କାରଣ ଏଥିରେ ଏପଟ ସେପଟ କରିବା କ୍ଷମତାର ବାହାରେ । ମତଦାତା ମାନେ ତାଙ୍କର କାମ ଶେଷ କରିଛନ୍ତି ଏବେ 'ଆପଣମାନେ ଖୁସି ତ!' ଜଣାଉଥିବା ଆମର ମାନନୀୟ ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ କଣ କରୁଛନ୍ତି ଦେଖିବା । କାରଣ ମାତ୍ର ଆଉ ଦୁଇବର୍ଷ ରହିଲା ।






## ଜୀବନ ପଥ

ସୁଧାକର ରାଉତ

ଅପହଞ୍ଚ ଜୀବନ ପଥ
ଅସୁମାରି ଉଠାଣି ଗଡାଣି
କାମନା, ବାସନାର
ଘାତ ପ୍ରତିଘାତ ।
ସୁଖ ଦୁଃଖର ଅନୁପେକ୍ଷିତ
ଶିଳା ରାଶି ।
ସବୁ ମିଥ୍ୟା
ବାହୁଡିବା ବେଳେ ।
ସବୁ ସତ ଆଉ ବାସ୍ତବ
ବଞ୍ଚିଥିବା ଯାଏ।
ଚାଲିବାକୁ ହୁଏ
ନିଃସଙ୍ଗ ପଥରେ ।
ସବୁ ଥାଇ ଜଞ୍ଜାଳ
ଜାଲରେ ଛନ୍ଦି ହୋଇ ।
ପଥ ସବୁ ନିଷ୍ପନ୍ଦ, ନିର୍ବିକାର
ସ୍ଥିତ ପ୍ରଜ୍ଞ ଋଷି ପରି।
ସବୁ ଦେଖେ
ନ ଦେଖିବା ପରି
ସବୁ ବୁଝେ
ନ ବୁଝିବା ପରି ।
ପଥ ଲମ୍ବିଥାଏ
ଦିଗ ବଳୟ ଯାଏ
ଯୁଗରୁ ଯୁଗ ଯାଏ କିଛି ଅଲିଭା
ପାଦଚିହ୍ନ ତା ଛାତିରେ ଧରି ।
ଆଉ ସବୁ ଝାପସା ଚିହ୍ନ
ଅଦିନିଆ କୁହୁଡ଼ି ପରି ।
ସେ ପଥ ମୋହରେ
ସଦା ଜୁଡୁ ସୁଡୁ
ବିନା ଶ୍ରାବଣରେ ।


♥ ପ୍ରତାପ ନଗରୀ,କଟକ
ମୋ: ୮୨୪୯୯୩୨୭୯୨


## ଆପଣ ବିଜୟୀ ତ ?



ସୁଶାନ୍ତ ରଣା

ଆପଣ ବିଜୟୀ ତ
ମନରେ କାଇଁ,
ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ?
ଅନିଚ୍ଛା ସତ୍ତ୍ୱେ
ସନ୍ଦେହ ଘେରକୁ ଟାଣି ହେଇ
ଯାଉଛି ଏ ମନ ।

ଜନତା ଜନାର୍ଦ୍ଦନଙ୍କୁ କାଇଁ,
ମିଛ ପ୍ରତଶ୍ରୁତି ଦେଇ ନାହଁ ତ ?
ଅର୍ଥବଳ, ବାହୁବଳ, ପ୍ରଲୋଭନ,
ଗୁଣ୍ଡାରାଜ୍ ଆପଣେଇ ନାହଁ ତ ?

ଯଦି,
ଏ ସବୁରୁ
ଆପଣ ଦୂରେଇ ଅଛନ୍ତି
ତେବେ, ଦୁନିଆ କହିବ
ଧର୍ମର ହୋଇଛି ବିଜୟ ।

ନଚେତ୍
ଦୁନିଆ କହିବା ପୂର୍ବରୁ
ଠିକ୍ ଆପଣ ବୁଝି ସାରିଥିବେ
ଆପଣଙ୍କ ବିଜୟର
ଓଜନ କେତେ ମୂଲ୍ୟ କେତେ ?
ହୃଦୟରେ ରାଜ୍ କରୁଥିବା
ରାଜା (ବିଜୟୀ ପ୍ରାର୍ଥୀ) ଜାଣିଥିବ
ଏ ତାର ବିଜୟ ନା ପରାଜୟ !!

କ୍ଷମତା ହାସଲ ପାଇଁ
କଳବଳ ଦେଖେଇ
ସିଂହାସନ ଆପଣେଇ ଥିବା
ରାଜାଙ୍କର ହୃଦୟ ଶୀରରେ
ବିଜୟ ମୁକୁଟ
ଶୋଭା ପାଇବ ନାହିଁ ।

ଆଉ
ବାରମ୍ବାର ନିଜକୁ ନିଜେ
ପ୍ରଶ୍ନ କରି ଚାଲିଥିବ ସତରେ,
ଆପଣ ବିଜୟୀ ତ, ଆପଣ ବିଜୟୀ ତ ?


♥ ତେରେସିଂହା, ଜି: କଳାହାଣ୍ଡି
ମୋ: ୭୮୯୪୬୫୮୨୭୪


## ଆତ୍ମୀୟତା

ଦିବାକର ନାୟକ



କହିଦେଲେ କିଛି ଶୁଣିଦେଲେ କେହି
ମନଟା ହାଲୁକା ହୁଏ
ଶୁଣିବା ଲୋକର ନିରୋଳା ହୁଁଉରେ
ଏତେ ମଧୁରତା ଥାଏ ?

ଦେହର ଗହନ କୋଣର ଦରଜ
ବଇଦ ପାରେନା ଚିହ୍ନି
ସେ ଦେବା ମଲମ ହରେନା ଜଳନ
ଦହନକୁ କରେ ବହ୍ନି

ଧନ ସରିବାଟା ସାରହୁଏ ପୁଣି
ପୀଡା ବଢ଼ି ବଢ଼ି ଯାଏ..
କହିଦେଲେ କିଛି ଶୁଣିଦେଲେ କେହି
ମନଟା ହାଲୁକା ହୁଏ ?

ନିଜଠୁ ଅଧିକ ନିଜର ନ ହେଲେ
କହି ହୁଏ କିବା କିଛି
ଶୁଣିବା ଲୋକଟେ ଖୋଜିଲେ ମିଳେନା
ଆପେ ହୋଇଥାଏ ବାଛି

ଦୁହିଁଙ୍କର ସେତେ ଅନୁଭବ ବିନା
କା ପାଖେ ବସେ କି କିଏ..
କହିଦେଲେ କିଛି ଶୁଣିଦେଲେ କେହି
ମନଟା ହାଲୁକା ହୁଏ ?


♥ ପାଟପୁର,
କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧


## ସତ କହିବ କି

ଡଃ ମାଙ୍ଗଳିକା ମହାପାତ୍ର



ବେଳେ ବେଳେ ମୁଁ
ବହୁତ୍ ଆଶ୍ଚର୍ଯ୍ୟ ହୁଏ
ସତରେ ମୁଁ କଣ ତୁମ
ଭିତରେ ଅଛି ... ନା ...
ତୁମେ ମୋ ଭିତରେ...!!!

ମୁଁ ଯଦି ତୁମ ଭିତରେ ଅଛି
ତାହେଲେ କାହିଁକି...
ଅନୁଭବ କରିପାରୁନି...
ତୁମ ଆତ୍ମୀୟତାକୁ...
ତୁମ ଭଲପାଇବାକୁ...
ତୁମ ଅପଣାପଣକୁ...
ତୁମ ନିବିଡ ଆଶ୍ଲେଷକୁ...
ତୁମ ଦେହର ବାସ୍ନାକୁ...
କାହିଁକି...କୁହ...କାହିଁକି..!!!

ଯଦି ତୁମେ ମୋ ଭିତରେ ଅଛ
ତାହେଲେ କାହିଁକି...
ମୁଁ ସେତିକି ଖୁସି ହୋଇପାରୁନି
ମୁଁ ନିଜକୁ ସହଜ କରିପାରୁନି
ଆକାଶର ଅନ୍ଧାରରେ ହଜିଯାଉନି
ଜହ୍ନର ଜୋଛାନାରେ
ମନ ଖୋଲି ହସିପାରୁନି...
ଲାଜକୁଳୀ ଲତାକୁ ଛୁଇଁ ପାରୁନି...
ଲହରୀର ପରଶରେ ଶିହରୀ ଯାଉନି
କାହିଁକି... କୁହ... କାହିଁକି...!!!


♥ ରେଭେନସା ବିଶ୍ୱବିଦ୍ୟାଳୟ

## ମଙ୍କର ଆସିଛି ଫେରି




**ବିଜୟ କୁମାର ପଣ୍ଡା**

ସମ୍ପାଦକ-କନକପ୍ରଭା,
ସବଙ୍ଗ, ସିମୁଳିଆ, ବାଲେଶ୍ୱର,
ମୋ : ୯୭୩୯୫୯୧୮୧୬


କୁସୁମକୁ ସଜବାଜ କରି ପାଉଁଜି ପିନ୍ଧେଇଦିଏ ମା' ସାବି । ତା' ପାଇଁ ରୁପାର ପାଉଁଜିଟିଏ କିଣିବାକୁ କେତେ ସପନ, ହେଲେ..ଏତେ ସପନକୁ ରାତି କାହିଁ !!

କୁନି କୁନି ପାଦରେ ଚପଳଛନ୍ଦା ଠାଣିରେ ଛମ ଛମ ଶବ୍ଦରେ ଅଣ୍ଟା ଭାଙ୍ଗି ଯେବେ ଚାଲିଯାଏ ଘର ଅଗଣା କୁସୁମିତ ହୋଇଯାଏ।

ଜେଜେମା ଓ ବାପା ଷଡ଼ଯନ୍ତ୍ର କରି ଝିଅଟିଏ ବୋଲି ଜନ୍ମ ହେବା କ୍ଷଣି ତାକୁ ଅଲୋଡ଼ା କରି ପାହାଡ଼ ସେପାଖେ ପକେଇ ଦେଇଆସିଥିଲେ। ଏଇ ଦାସିଆ ଅଜା ତାକୁ ଆଦରି ନେଇଥିଲେ, ନାଁ ତାର ରଖିଥିଲେ କୁସୁମ ।

କୁସୁମର ମା' ସାବି ପାଖ ଖଣିରେ ଦିନ ମଜୁରିଆ କାମ କରି ଯାହା କିଛି ରୋଜଗାର କରେ ସେଥିରେ ଘର ଚଳିଯାଏ ।

କୁସୁମ ଏବେ ଅଷ୍ଟମ ଶ୍ରେଣୀରେ । ଫୁଲନ ଆଇ ଏବଂ ଦାସିଆ ଅଜା ପାଇଁ ଗଳାର ହାର, ଅନ୍ଧର ଲଉଡ଼ି ସଦୃଶ । ଫୁଲନ ଆଇ ତାକୁ ଗେହ୍ଲାରେ କୁଶ ବୋଲି ଡାକେ ।

++

ମିନି ଆଉ କୁସୁମ ଦୁହେଁ ଗାଁ ସ୍କୁଲରେ ପଢ଼ନ୍ତି ଅଲଗା ଶ୍ରେଣୀରେ । ମିନିର ପରିବାର ଭଲ ଚଳାଚଳ। ବାପା ଗାଁ ସ୍କୁଲରେ ପିଅନ, ସରକାରୀ ଚାକିରୀ।

ଏଇ ବର୍ଷେ ତଳେ ଦୁହେଁ ମକର ବସିଥିଲେ। ମକର ସଂକ୍ରାନ୍ତି ଦିନ, ଗାଁ ମୁନି ପଡ଼ିଆରେ ମକର ଚାଉଳ ଦେଇ ପ୍ରଭୁଙ୍କୁ ସାକ୍ଷୀ ରଖି ଦୁହେଁ ଦୁହିଁଙ୍କ ସୁଖ ଦୁଃଖର ସାଥିଟିଏ ହେବାପାଇଁ ପ୍ରତିଶୃତି ନେଇଥିଲେ। ସାଥି ହୋଇ ଗୁଡ଼ି ଉଡ଼େଇବା, ମକର ମେଳାରେ ବୁଲିବା, ପାଲା ଦେଖିବା ଆଦି ସବୁଥିରେ ଦୁହେଁ ଏକାଠି ନଜର ଆସନ୍ତି ।

ଅନେକ ସମୟରେ ଦୁଇଜଣ ମିଶି ସକାଳ କିମ୍ବା ସନ୍ଧ୍ୟା ଭୋଜନ କରନ୍ତି। ଭୋଜନ ପୂର୍ବରୁ ହଠାତ ଦୁଇଜଣ ଉଭା ହୋଇ ଯେତେବେଳେ ନିଜର ନିଜର ଭାଗ ଦାବି କରନ୍ତି ଅପ୍ରସ୍ତୁତ ଥିବା ଉଭୟଙ୍କ ମା' ମାନେ ସମସ୍ୟାରେ ପଡ଼ିଯାଆନ୍ତି, କିନ୍ତୁ ଦୁହିଁଙ୍କ ବନ୍ଧୁତା ଆଗରେ ସେ ସବୁ ଫିକା ପଡ଼ିଯାଏ।

ସମୟ ଚକ୍ରରେ କୁସୁମ ଆଉ ମିନି ବଡ଼ ହେଲେ ।

ମିନି ଏ ବର୍ଷ କଲେଜରେ ପଢ଼ିଲା ।

ସକାଳ ବେଳା ମିନି ଟ୍ୟୁସନ ଯାଏ ତାପରେ କଲେଜ। ତେଣୁ କୁସୁମ ସହ ମିନି କେବଳ ସନ୍ଧ୍ୟାରେ ଯାହା ଭେଟ । ବିଗତ ଦୁଇ ବର୍ଷ ହେଲା କୁସୁମକୁ ମିନି ଛଡ଼ା ଆଉ କେହି ସାଙ୍ଗ ନଥିଲେ। ତେଣୁ ଏବେ ସେ ଅନେକ ସମୟରେ ନିସଙ୍ଗତା ଅନୁଭବ କରୁଥିଲା ।

ଧିରେ ଧିରେ କଲେଜରେ ମିନିର ନୂଆ ନୂଆ ଝିଅ, ପୁଅ ସାଙ୍ଗ ହେଲେ । କଲେଜରେ ନୂଆ ସାଙ୍ଗ ମାନଙ୍କ ସହ ମିଶି ପାଠପଢା, ମଜାମସ୍ତି ଏମିତିରେ କୁସୁମ ସହ ବନ୍ଧୁତାର ଦୂରତ୍ୱ ବଢ଼ିବଢ଼ି ଗଲା ।

ସେଦିନ ମକର ସଂକ୍ରାନ୍ତି । ଶୀତ ସକାଳର ସୁନେଲି କିରଣ ବିଛାଡ଼ି ହେଇ ପଡ଼ିଥାଏ ଅଗଣାରେ। ଶିଶିର ବିନ୍ଦୁ ମାନ ମୁକ୍ତାପରି ଝଟକୁଥାନ୍ତି।

ବିଗତ ବର୍ଷ ଭଳି ଏଥର ବି ମକର ମେଳା ପାଇଁ ପଡ଼ିଆ ସଜା ଯାଇଛି । ନାନା ରଙ୍ଗର ପତାକା, ବିଭିନ୍ନ ରକମର ଫୁଲ ମାଳ ସହ ମୁନି ମଣ୍ଡପ ସୁସଜ୍ଜିତ । ମେଳା ପାଇଁ ନାନାଦି ବ୍ୟବସ୍ଥା କରାଯାଇଛି । ଉପର ବେଳା ବାଦୀ ପାଲାର ବନ୍ଦୋବସ୍ତ ହୋଇଛି।

: 'ମା ତୁ ଆଜି ଖଣିକୁ ସଅଳ ଯାଇ ସଅଳ ଫେରି ଆସିବୁ । ଆମେ ଦୁହେଁ ମିଶି ଉପର ବେଳା ମେଳା ଦେଖିବାକୁ ଯିବା । 'କୁସମ ସକାଳଟାରେ ତା ମା' ସାବିକୁ ବଡ଼ ପାଟିରେ କହୁଥିଲା ।

:'ତୁ କେବେଠୁ ମିନିକୁ ଛାଡ଼ି ମୋ ଭଳି ଦରବୁଢ଼ୀକୁ ସାଙ୍ଗ କଲୁଣି ଯେ ମେଳାରେ ବୁଲିବା ପାଇଁ.. !!' ହସି ହସି ସାବି କହୁଥିଲା।

:'ମିନି ବଡ଼ ହେଇଗଲାଣି ମା।

ସେ କଣ ଆଗଭଳି ଆଉ ମୋ ସାଙ୍ଗ ଅଛି !!

ତାର କିଛି କଲେଜ ସାଙ୍ଗ ମାନେ ଆଜି ବଣ ଭୋଜି କରୁଛନ୍ତି ।

ମୋ ସହ ସକାଳୁ ଯାଇ ମକର ପଡ଼ିଆରେ ଟିକେ ବୁଲି ଆସିବା ପାଇଁ ତାକୁ ତ କହିଛି..କିନ୍ତୁ ଯିବ କି ନାହିଁ ଜାଣିନି ।

ସେକଥା ଛାଡ଼ ।

ଉପରବେଳା ତୁ ମୋ ଆସିବୁ ନା କହ । ନହେଲେ ମୁଁ ଆଜି କୁଆଡ଼େ ଯିବିନି, ଏଇ ଘରେ ହିଁ ବସିବି ।' ନାକ କାନ୍ଦୁରି କୁସୁମ ସୁଁ ସୁଁ ହୋଇ କହୁଥିଲା।

:'ହଉ ହେଲା..ମୁଁ ଜଲ୍ଦି ବହାରିଯାଉଛି । ଫେରିଲେ ମେଳାକୁ ଯିବା।' ସାବି ଚା ଆଉ ଟିକେ ମୁଢ଼ି ଖାଉ ଖାଉ କହିଲା।

ଦିନ ଏଗାରଟା ହେବ ।

ଆଜି ଫୁଲନ ଆଇ ଶାଗ, ବଡ଼ି ଚୁରା, ଆଳୁ ବାଇଗଣ ଭରତା କରିଛି।

:'ଏତେ ବେଳ ହେଲାଣି । ତୋ ମା' ଆଜି ସକାଳୁ ଚା ମୁଢ଼ି ଦୁଇଟା ପାଟିରେ ଦେଇ ସକାଳ ଟାରେ ବାହାରିଯାଇଛି। ଖଣିରେ କେତେ କାମ କରୁଥିବ। ପେଟକୁ ଦିଇଟା ଦାନା ନଗଲେ କେମିତି ଦିହ ପା ଖରାପ ହବନି ? ଏଇ ପଖାଳ, ଶାଗ ଭଜା ଆଉ ଭରତା ନେଇ ଟିକେ ଖଣିରେ ତୋ ମା'କୁ ଦେଇ ଆସନ୍ତୁନି କୁଶ' । କୁସୁମକୁ କହିଲା ଫୁଲନ ଆଇ ।

କୁସୁମ ଟିଫିନ୍ ଧରି ଖଣିକୁ ବାହାରିଲା ।

ବସ୍ତିରୁ ଖଣି ତିନି ମାଇଲ ବାଟ ହେବ.. ଗାଡ଼ିରେ ଯିବା ଆସିବାର ସୁବିଧା ନାହିଁ। ପାହାଡିଆ ରାସ୍ତା ନିଛାଟିଆ, କେହି କେହି ଚେରମୁଳି କି ଫଳମୂଳ ଖୋଜା ଖୋଜା କରିବାକୁ କେବେ କେବେ ଉପରକୁ ଯାଏ। ନହେଲେ ସେମିତି ଯା ଆସ ନାହିଁ। କୁସୁମ ବି କବେ କେବେ ଯାଇଛି ସେଇ ରାସ୍ତା ଦେଇ ମା ସହ ଖଣିକୁ।

ଟିଫିନ ବାକ୍ସଟା କୁସୁମ ହାତରୁ ନେବାବେଳେ ସାବି ବିବ୍ରତ ହୋଇ କହୁଥିଲା।

'ଏତେ ଖରାରେ ତୁ ଏଠିକି ଆସିବୁନି ଆଉ ମା' । ମୁଁ ମୋ ଲାଗି କିଛି ଯୋଗାଡ଼ କରିଦେବି। ପିଲାଟା ମୋର ଖରାରେ ଝାଉଁଳି ଯାଉଛି । ତା ଛଡ଼ା ନିଛାଟିଆ ରାସ୍ତା..ସବୁବେଳେ ସମୟ ସମାନ ନାହିଁ ।'

ମା'ର ମମତା ପିଲାର ମୁହଁ ଦେଖି ତାର କୌଣସି ଦୁଃଖ ବା ଆସନ୍ନ ଦୁଃଖର କଳନା କରିପାରେ ।

କୁସୁମ ଖରାରେ ଫେରିଲା ।

କିଛି ସମୟ ପରେ ତାକୁ ମଟର ଗାଡ଼ିର ଶବ୍ଦ ଶୁଭିଲା । କୁସୁମ ତା ବାଟରେ ଚାଲିଲା ଆଗକୁ। କିଛି ବାଟ ଗଲାପରେ କୁସୁମ ଦେଖିଲା ଠିକାଦାର ତା ମଟର ଗାଡ଼ିରେ ଆସୁଛି ।

ତା ମନରେ ପ୍ରଶ୍ନ ଆସୁଥାଏ 'ଏଇଟା ତ ବସ୍ତିକୁ ଯିବା ବାଟ । ଠିକାଦାରଟା ଇଆଡ଼େ କାହିଁକି !! ତା' ଛଡ଼ା ସେ ତ କେବେ ତାକୁ ବସ୍ତିକୁ ଆସିବାର ଦେଖିନି !! କେବଳ ଯେବେ ସେ ଖଣିକୁ ଯାଇଛି ତାକୁ ଦେଖିଛି ।'

ଠିକାଦାର ଟିକେ ଆଗକୁ ଯାଇ ଗାଡ଼ି ରଖି କୁସୁମକୁ କହିଲା 'ମୋ ଗାଡ଼ିରେ ବସ୍। ମୁ ତୋତେ ତୋ ଘରେ ଛାଡ଼ି ଦେଇ ଆସିବି । ବହୁତ ଖରା, ଛୋଟ ପିଲାଟା..ଏତେ ବାଟ ଚାଲିକି କେମିତି ଯିବୁ? ଆସ ମୋ ଗାଡ଼ିରେ ଛାଡ଼ିଦେବି।'

କୁସୁମ ସିଧା ସିଧା ମନା କରିଦେଲା ।

'ଦେଖ ବାବୁ, ଏଇ ଖଣିକୁ ଯିବା ଆସିବା ଆମର ଅଭ୍ୟାସ । ମୋ ମା' କାହିଁ କେତେ ବର୍ଷରୁ ଯାଉଛି। ତମେ ଜମା ବ୍ୟସ୍ତ ହୁଅନି । ତା ଛଡ଼ା.. ମୋର ତମ ସହ ପରିଚୟ କିଛି ନାହିଁ । ମୁଁ ତୁମ ଗାଡ଼ିରେ କାହିଁକି ବସିବି ?' କୁସୁମ ଉତ୍ତର ଦେଲା।

ଠିକାଦାର କହିଲା 'ତୁ ସିନା ମୋତେ ଭଲକି ଚିହ୍ନିନୁ ..ହେଲେ ତୋ ମା' ସହ ମୋର ଅନେକ ଦିନର ପରିଚୟ । ତୁ ଭଲ ପଢୁଛୁ ବୋଲି ମୋତେ ତୋ ମା' କହେ । ସିଏ ପରା ମୋତେ ପଠେଇଛି ତୋତେ ଘରେ ଛାଡ଼ିଦେବା ପାଇଁ !!'

କୁସୁମ ପାଠ ପଢୁଆ ପିଲା, ଜାଣିଗଲା ଇଏ ଡ଼ାହା ମିଛ କହୁଛି ।

'ବାବୁ ଆମେ ତ ଗରିବ ଲୋକ, ଦିନ ମଜୁରିଆ। । ଆମ ପ୍ରତି କାହିଁକି ଏତେ ଦରଦ!! ଆମ ପାଖରେ କଣ ଅଛି !!'

'ଖାଲି ଧନ ନଥିଲେ କଣ ହେବ, ତମ ପାଖେ ମନ ଅଛି ବାକି ବହୁତ କିଛି ଅଛି । ତୁ ଛୋଟପିଲା ସେ କଥା ବୁଝିବୁନି। ଆସ ମୋ ଗାଡ଼ିରେ।' ଠିକାଦାର କୁସୁମର ହାତ ଧରି ତାକୁ ଧିରେ ତା ଆଡ଼କୁ ଟାଣି ଆଣିଲା ।

କୁସୁମ ଠିକାଦାରର ଏମିତି ବ୍ୟବହାରକୁ ଠିକ ବୁଝିପାରୁଥିଲା । ତା ହାତଟା ଛାଟି ଦେଇ ଜୋରରେ ପାଦ ଉଠେଇ ଚାଲିବାକୁ ଲାଗିଲା ।

ଆଗକୁ ଛୋଟିଆ ବଣଟିଏ ଥାଏ ଯାହାକୁ ପାର ହେଲେ ବସ୍ତି ଆସେ । ନାନା ପ୍ରକାର ଗଛ, ଝାଡ଼ି ଇତ୍ୟାଦି ବଣକୁ ଟିକେ ଘଞ୍ଚ କରି ଦେଇଥାଏ। ହେଲେ ଏବେ ସେତେ ସବୁଜିମା ନାହିଁ, ବଣରେ ଲୁଚିବାକୁ ଚେଷ୍ଟାକଲେ ଧରାପଡ଼ିଯିବାର ଭୟ । ସେ କିନ୍ତୁ ଜାଣିଥିଲା ଠିକାଦାରକୁ ଏ ଜାଗା ନୂଆ।

କୁସୁମ ସାହସ ଜୁଟାଇ ବଣ ଆଡକୁ ଦଉଡ଼ିଲା । ପାଦ ଉଠାଇଲା ବେଳେ ଶୁଖିଲା ପତ୍ରର ଖସ୍ ଖସ୍ ଶବ୍ଦ । କାଠହଣା ଚଢ଼େଇର ଠକ ଠକ ଶବ୍ଦ ସବୁ ଯେମିତି ତା ପାଦ ଶବ୍ଦ ସହ ମିଶିଯାଇ ତାର ଅବସ୍ଥିତିକୁ ଆକଳନ କରିବାରେ ସାହାଯ୍ୟ କରୁଥିଲେ। ହେଲେ ବି ସାହସ ହାରିଲାନି ସେ । ଗୋଟିଏ ଝାଡ଼ି ପଛରେ ଲୁଚିଗଲା।



ଠିକାଦାର ବି ସେଇ ଶବ୍ଦ ସବୁକୁ ଆକଳନ କରି ବଣ ଭିତରକୁ ପଶୁଥାଏ କୁସୁମର ଅନୁସନ୍ଧାନରେ ।

ଏତେ ସବୁ ଦୌଡ଼ା ଦୌଡ଼ିରେ କୁସୁମ ଥକି ଯାଇଥିଲା । ଏ ଖରାଟା ବି ଜୋରରେ ହେଉଛି। ଶୋଷ ହେଲାଣି, ଭୋକ ବି ଲାଗିଲାଣି । ହାଲିଆ ମାରି ବସିଯାଇଥିଲା । ଗୋଡ଼ ଆଉ ଉଠୁନଥିଲା ।

ଏଇ ସମୟରେ ମନେ ପଡ଼ିଲା ମିନି ଆଉ ତା ସାଙ୍ଗ ମାନେ ବଣଭୋଜି ଯିବା କହୁଥିଲେ।

: 'ମିନି ମିନି.. ବଞ୍ଚା ମୋତେ..ମିନି ..ମିନି..'ରଡ଼ି ଛାଡୁଥିଲା କୁସୁମ ।

ମନରେ ଡର ଘାରୁଥାଏ..ତାର ଚିତ୍କାର ଶୁଣି କାଳେ ସେ ଠିକାଦାରଟା ତାକୁ ଧରିପକେଇବ କି !!

ତା ଡର ସତ ହେଲା । ଠିକ ପାଞ୍ଚ ମିନିଟ ଭିତରେ ଠିକାଦାର ତା ପିଛାକରି ତା ପାଖେ ପହଂଚି ଯାଇଥିଲା।

ଠିକାଦାରର ଲମ୍ବା ହାତଟା ତା ଦେହ ଆଡ଼କୁ ଲମ୍ବି ଆସୁଥିଲା। କଞ୍ଚା ମାଂସର ଭୋକରେ ଠିକାଦାରଟା ଘାଇଲା ବାଘ ଶିକାର ଉପରକୁ ଝାମ୍ପି ପଡିଲା କୁସୁମ ଉପରକୁ ।

କୁସୁମ କୌଶଳରେ ଖସିଯାଇ, ପାଖରେ ଥିବା ଝାଡ଼ିରୁ ଶୁଖିଲା କାଠ ଖଣ୍ଡେ ଟାଣିଆଣି କ୍ରିକେଟ ବ୍ୟାଟ ଭଳି ବୁଲେଇ ଠିକାଦାରକୁ ପାହାରେ ଦେଲା । ଠିକାଦାରଟା ତଳେ ପଡ଼ି ପୁଣି ଉଠିଲା ।

ବଞ୍ଚାଅ ବଞ୍ଚାଅ ଚିତ୍କାରରେ ବଣଟା ଫାଟି ପଡୁଥିଲା ।

ଚିତ୍କାର ଶୁଣି ମିନି ଆଉ ତାର ସାଙ୍ଗ ଆସି ପହଞ୍ଚିଲେ । ମିନିର ସାଙ୍ଗମାନେ ଠିକାଦାରକୁ ନିର୍ଧୁମ ମାଡ଼ ଦେଲେ । ମାଡ଼ ଖାଇ ଠିକାଦାରଟା ସେଠୁ ପଳେଇଲା।

:'ମୋତେ କ୍ଷମା କରିଦେ ସାଙ୍ଗ । ଆଜି ମୁଁ ତୋ ସାଙ୍ଗରେ ଥିଲେ ହୁଏତ ଏମିତି କିଛି ଘଟି ନଥାନ୍ତା।'

ମିନି ଆଉ କୁସୁମ ପରସ୍ପରକୁ ଆଲିଙ୍ଗନ କରି କାନ୍ଦୁଥିଲେ ।

କୁସୁମକୁ ନେଇ ମିନି ଘରକୁ ଗଲା ।

ମିନି କୁସୁମକୁ ପ୍ରତିଶ୍ରୁତି ଦେଲା ଆମେ ଦୁହିଁଙ୍କ ମକର ବଉଳ ସମ୍ପର୍କ ଆହୁରି ସୁଦୃଢ ହେବ। ଆମେ ଗତ ଥର ଭଳି ସାଥିହୋଇ ମେଳା କୁ ଯିବା ।

ଏ ମକର ସଂକ୍ରାନ୍ତି ରେ ତା ମକରକୁ ଫେରି ପାଇଛି ବୋଲି କୁସୁମ ଖୁସିରେ ବିଭୋର ହେଉଥିଲା।

## ନିଆରା ମଣିଷ ନନାବାପା


**ଅବିନାଶ ସାମଲ**

କ୍ରିକେଟ ଭାଷ୍ୟକାର
ଓଡିଶା କ୍ରିକେଟ ଆସୋସିଏସନ
ମୋ: ୯୪୩୯୭୩୯୬୪୪


କେଶବ ଚନ୍ଦ୍ର ସାମଲ। ସେ ଜଣେ ସ୍ୱାଭିମାନି ଆଉ ହୃଦୟବାନ ମଣିଷ ଅଟନ୍ତି। ଆମ ଘର ପାଖରୁ ମାତ୍ର କୋଡିଏ ମିଟର ଦୂରରେ ତାଙ୍କର ଘର। ପଡୋଶୀ ହେଲେ ବି ନିଜ ଘର ପରି ଲାଗେ। ତାଙ୍କ ବଡ଼ ପୁଅଙ୍କୁ ସମସ୍ତେ ନନା ବୋଲି ଡାକନ୍ତି, ସେ ନନାଙ୍କର ବାପା ହେଇଥିବାରୁ ସମସ୍ତେ ତାଙ୍କୁ ନନାବାପା ବୋଲି ଡାକନ୍ତି। ଜଣେ କ୍ରିକେଟ ଭାଷ୍ୟକାର ଭାବରେ ଆଜି କ୍ରିକେଟ ଉପରେ ନୁହେଁ , ସେହି ନନାବାପାଙ୍କର ଗୋଟିଏ ସୁନ୍ଦର କଥା ଆଜି ମୁଁ ଆପଣମାନଙ୍କୁ କହିବାକୁ ଚିନ୍ତା କରିଛି।

ନନାବାପା କଟକରେ ଚାକିରୀ କରନ୍ତି। ପିଲାଦିନେ ମୁଁ ତାଙ୍କୁ ବେଶି ଦେଖିନଥିଲି କାରଣ ସେ କଟକରେ ଜଣେ ସରକାରୀ ଅମିନ ଭାବରେ କାର୍ଯ୍ୟ କରୁଥିଲେ। ଆଉ ଛୁଟି ସମୟରେ ଯେତେବେଳେ ବି ଘରକୁ ଆସନ୍ତି ମୁଁ ଦେଖିପାରେନି, ଆଉ ଦେଖିଲେ ବି ଭଲଭାବରେ ଜାଣିପାରେନି। ନନାବାପା ଚାକିରିରୁ ଯେତେବେଳେ ଅବସର ଗ୍ରହଣ କରି ଘରେ ରହିଲେ ସେତେବେଳେ ମୁଁ ତାଙ୍କୁ ଭଲ ଭାବରେ ଜାଣିଲି। ସରକାରୀ ଚାକିରୀ କରିଥିଲେ ବି ତାଙ୍କ ମନ ଭିତରେ ମୁଁ କେବେ ଗର୍ବ ଆଉ ଅହଂକାର ଦେଖିନାହିଁ। ସେତେବେଳେ ତାଙ୍କର ଚାଳ ଘରଥିଲା, ତାଙ୍କ ପୁଅ ମାନେ ବଡ଼ ହେଇ ଏବେ ଚାକିରୀ କରି କୋଠା କରିଛନ୍ତି। କିନ୍ତୁ ନନାବାପାଙ୍କର ଚାଳ ଘରହେଉ କି କୋଠାଘର ତାଙ୍କର କିନ୍ତୁ କିଛି ମତଲବ ନାହିଁ। ଘର ବାରଣ୍ଡାରେ ଥିବା ଖଟ ହେଉଛି ତାଙ୍କର ସବୁକିଛି। ରାତି ପାହି ସକାଳ ହେଲେ ଗୋଟେ କଟୁରି କିମ୍ବା ଦା ଧରି ବାହାରି ପଡନ୍ତି ନିଜ ବାଡିକୁ। ବାସ କାମ ସାରି ଘରକୁ ଆସି ଗାଧୋଇ ପାଧୋଇ ଖାଇ ପୁଣି ଖଟ ଧରନ୍ତି ନନାବାପା। କାହାରି ବିରୁଦ୍ଧରେ ନନାବାପା କିଛି କୁହନ୍ତି ନାହିଁ କିମ୍ବା କାହାରି ବିରୁଦ୍ଧରେ କେହି କଥା ହେଉଥିଲେ ନନାବାପା ସେଠାରେ ରୁହନ୍ତି ନାହିଁ। ନନାବାପାଙ୍କର ଖଟ ଉପରେ ଗୋଟିଏ ବାକ୍ସ ଥାଏ। ଆଉ ସେଇ ବାକ୍ସ ଭିତରେ ତାଙ୍କର ସବୁ କିଛି ଥାଏ । ମତେ ଲାଗେ ସେ ବାକ୍ସ ହେଉଛି ତାଙ୍କର ଜୀବନ। ସେଇ ବାକ୍ସ ଚାବିକୁ ନନାବାପା ସବୁବେଳେ ପଇତାରେ ଝୁଲେଇ ରଖିଥାନ୍ତି। କିନ୍ତୁ ବାକ୍ସ ଚାବି କାହାରିକୁ ଦିଅନ୍ତି ନାହିଁ ଏମିତିକି ନନାବୋଉକୁ ମଧ୍ୟ ଦିଅନ୍ତି ନାହିଁ। ଯଦି ତାଙ୍କ ଘରେ କାହାର କିଛି ଦରକାର ପଡେ ତେବେ ନିଜେ ବାକ୍ସ ଚାବି ଖୋଲି ଜିନିଷ ଦିଅନ୍ତି ଆଉ ପୁଣି ପଇତାରେ ଚାବି ବାନ୍ଧି ରଖି ଦିଅନ୍ତି। ଖରା ହେଉ, ବର୍ଷା ହେଉ କିମ୍ବା ଶୀତହେଉ, ସେଇ ଖଟ ଉପରେ ତାଙ୍କର ପୁରା ଜୀବନ ମୁଁ ଦେଖିଛି। ତାଙ୍କ ପୁଅ ବୋହୂ ଯେତେ ବାଧ କଲେ ବି ଘର ଭିତରେ ଶୋଇବାକୁ ସେ ନାରାଜ। ଜଣେ କ୍ରିକେଟ ଭାଷ୍ୟକର ଭାବରେ ମୁଁ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ସହ ମିଶିଛି ଆଉ କଥା ବି ହେଇଛି, କିନ୍ତୁ ନନାବାପା ପରି ବ୍ୟକ୍ତି ମତେ ବହୁତ କମ ମିଳିଛନ୍ତି। ମତେ ଲାଗେ ନନାବାପା କୋଟିଏରେ ଗୋଟିଏ ଅଟନ୍ତି। ହିଂସା, ଈର୍ଷା ଆଉ କପଟର ବହୁତ ଦୂରରେ ରୁହନ୍ତି ନନାବାପା। କାହା ବିଷୟରେ ଗପିବା ତ ଦୂରର କଥା କେବେହେଲେ କାହା ବିଷୟରେ ନିନ୍ଦା କରିବାର ନନାବାପାଙ୍କ ପାଖରୁ ମୁଁ ଶୁଣିନାହିଁ। ଯଦି ତାଙ୍କ ସ୍ତ୍ରୀ ମାନେ ନନାବୋଉ କାହା ବିଷୟରେ କେବେ ଗପୁଥିବେ କି କହୁଥିବେ ତେବେ ନନାବାପା ସଂଗେ ସଂଗେ ନନାବୋଉଙ୍କୁ ତାଗିଦ କରିବାର ମୁଁ ଅନେକ ଥର ଦେଖିଛି। ସତ କହିବାକୁ ଗଲେ ନନାବାପା ଥିଲେ ଜଣେ ସ୍ୱାଭିମାନି ଆଉ ସରଳ ମଣିଷ।

ଘରପାଖରୁ ଶହେ ମିଟର ଦୂରରେ ଥିବା ଗୋଟିଏ ବରଗଛ ପାଖରେ ପ୍ରାୟ ମୋର ନନାବାପାଙ୍କ ସହିତ ଭେଟ ହୁଏ। କାରଣ ବରଗଛ ପାଖରେ ଥିବା ଚାନ୍ଦିନୀ ଉପରେ ମୁଁ ପ୍ରାୟ ବସିଥାଏ ଆଉ ନନାବାପା ବି ସେଠାକୁ ଆସନ୍ତି, ସେଇଠି ଦେଖା ବି ହୁଏ ଅଳ୍ପ କଥାବାର୍ତ୍ତା ବି ହୁଏ । ମତେ ବି ନନାବାପା ବହୁତ ଭଲ ପାଆନ୍ତି। ଥରେ ନନାବାପା ତାଙ୍କ ନାତି ରୁଦ୍ରକୁ ସାଙ୍ଗରେ ଧରି ଆସିଥାନ୍ତି ସେଇ ବରଗଛ ପାଖକୁ। ମୁଁ ବି ଘରୁ ଖାଇଦେଇ ସେଇ ବରଗଛ ପାଖରେ ବସିଥାଏ। ପ୍ରବଳ ଖରା ହେଉଥାଏ। ବରଗଛ ଛାଇ ତଳେ ମୁଁ ବସିଥାଏ, ନନାବାପା ବି ତାଙ୍କ ନାତିକୁ ଧରି ଖେଳଉଥାନ୍ତି । ଏମିତି ଆମେ ଦୁଇଜଣ କଥାବାର୍ତ୍ତା ହେଉଥାଉ। ହଠାତ ସେଇ ସମୟରେ ପାଞ୍ଚ ଛଅଟି ବରଫଳ ମୋ ଉପରେ ପଡ଼ିଲା। ମୁଁ ଟିକେ ବିରକ୍ତ ହୋଇଗଲି ଆଉ ନନାବାପାଙ୍କୁ କହିଲି ଚାଲ ଘରକୁ ପଳେଇବା, ଆଉ ଏଠି ବସି ହେବନି ଖାଲି ବରଫଳ ଗୁଡାକ ଉପରେ ପଡୁଛି। ନନାବାପା କିନ୍ତୁ କହିଲେ ନାଁ ଟିକେ ବସ ଗୋଟେ ଭଲ କାହାଣୀ କହୁଛି, ତା ପରେ ଯିବା। ମତେ ବି କାହାଣୀ ଶୁଣିବାକୁ ଭଲ ଲାଗେ। ତା ପରେ ନନାବାପା ଗୋଟେ ସୁନ୍ଦର କାହାଣୀ କହିବା ଆରମ୍ଭ କଲେ।

ଥରେ ଜଣେ ବାଟୋଇ ରାସ୍ତାରେ ଯାଉଥାଏ। ନିଛାଟିଆ ରାସ୍ତା ଆଉ ପ୍ରବଳ ଖରା ବି ହେଉଥାଏ। ପ୍ରବଳ ଖରା ହେଉଥିବାରୁ ବାଟୋଇକୁ ବହୁତ ଶୋଷ ହେଲା। କିନ୍ତୁ ନିଛାଟିଆ ରାସ୍ତା ଥିବାରୁ କୋଉଠି ପାଣି ପାଇଲା ନାହିଁ। ବହୁତ କଷ୍ଟରେ ବାଟୋଇ ଚାଲି ଚାଲି ଫେରୁଥାଏ। ବାଟୋଇ ଭାବୁଥାଏ ଆଜି ବୋଧେ ପାଣି ଲାଗି ତା ଜୀବନ ଚାଲିଯିବ । ବାଟୋଇ ଦେଖିଲା କିଛି ଦୂରରେ କିଛି ଲୋକ ଜମା ହେଇଛନ୍ତି, ବାଟୋଇଟିର କିଛି ଲୋକ ଦେଖି ତାର ସାହସ ପାଇଲା ଆଉ ଭାବିଲା ସେଠାକୁ ଗଲେ ତାକୁ ପାଣି ମିଳିଯିବ। କିଛି ସମୟ ପରେ ବାଟୋଇ ଚାଲି ଚାଲି ସେଠାରେ ପହଁଚିଲା। ବାଟୋଇ ଦେଖିଲା ସେଠାରେ ଜଣେ ତରଭୁଜ ବିକାଳୀ ତରଭୁଜ ବିକୁଛି, ଆଉ ଲୋକମାନେ ତରଭୁଜ କିଣୁଛନ୍ତି। ବାଟୋଇକୁ ତ ବହୁତ ଶୋଷ କରୁଥାଏ, ତେଣୁ ସେ ଗୋଟେ ତରଭୁଜ କିଣି ଖାଇଲା ଆଉ ତାର ଶୋଷ ମେଣ୍ଟାଇଲା ଆଉ ସାଙ୍ଗରେ ଗୋଟିଏ ତରଭୁଜ ତାର ପୁଅ ଝିଅ ଲାଗି ନେଇକି ଗଲା। ବାଟୋଇ ଖରାରେ ଚାଲିଚାଲି ଆସିଥିବାରୁ ଥକି ଯାଇଥିଲା। ଦେଖିଲା ପାଖରେ ଗୋଟେ ବରଗଛ ଅଛି, ତେଣୁ ସେ ଭାବିଲା ସେଇ ବରଗଛ ତଳେ କିଛି ସମୟ ବିଶ୍ରାମ ନେବ ଆଉ ଖରା କମିଲେ ଘରକୁ ଯିବ। ତା ପରେ ବଳଟୋଇଟି ବରଗଛ ପାଖରେ ପହଂଚି ତଳେ ଗାମୁଛା ପକେଇ ସେଠାରେ ବସିଲା, ସାଙ୍ଗରେ ନେଇଥିବା ତରଭୁଜ ସେଇଠି ରଖିଦେଇ ବିଶ୍ରାମ ନେଲା। ବାଟୋଇ ଦେଖିଲା ତରଭୁଜ ପାଖରେ ବହୁତ ଗୁଡାକ ବରଫଳ ପଡିଛି। ତରଭୁଜ ଆଉ ବରଫଳକୁ ଦେଖି ବାଟୋଇ ଭାବିଲା ଭଗବାନ ଏ ଦୁନିଆକୁ ଠିକ ଭାବରେ ଗଢିପାରିନାହାନ୍ତି, ଭଗବାନ ବହୁତ ବଡ଼ ଅନ୍ୟାୟ କରିଛନ୍ତି। ବାଟୋଇ କହିଲା ଗୋଟେ ଲଟା ଗଛରେ ଏତେ ବଡ଼ ବଡ଼ ଫଳ ହେଉଛି, ଆଉ ବରଗଛ ପରି ଏତେ ବଡ଼ଗଛରେ ଏତେ ଛୋଟ ଛୋଟ ଫଳ ତିଆରି କରି ଭଗବାନ ବହୁତ ବଡ଼ ଭୁଲ କରିଛନ୍ତି। ପ୍ରକୃତରେ ସୃଷ୍ଟି ତିଆରି କରିବା ଭଗବାନ ଜାଣି ନାହାଁନ୍ତି, ଏମିତି ଅନେକ କଥା କହି ଭଗବାନଙ୍କୁ ବାଟୋଇ ଗାଳି କଲା ଆଉ ଧିକ୍କାର କଲା, ଆଉ କହିଲା ଯଦି କେବେ ଭଗବାନ ଦେଖା ହୁଅନ୍ତି ତେବେ ନିଶ୍ଚିତ ପଚାରିବି ଭଗବାନ କାହିଁକି ବରଗଛରେ ଛୋଟଛୋଟ ଫଳ ଦେଇ ଅନ୍ୟାୟ କରିଛନ୍ତି। ବରଗଛ ତଳେ ସୁଲୁସୁଲୁଆ ପବନ ଦେଉଥିବାରୁ ବାଟୋଇକୁ ନିଦ ଆସିଗଲା, ତା ପରେ ସେଇ ଗାମୁଛା ଉପରେ ମୁଣ୍ଡ ରଖି ବାଟୋଇଟି ଶୋଇପଡ଼ିଲା। ହଠାତ କିଛି ସମୟ ପରେ ଆକାଶରେ କଳା ବାଦଲ ଘୋଟି ଆସିଲା, ଜୋରରେ ପବନ ବହିବାକୁ ଲାଗିଲା। ପବନ ଦେବାରୁ ବରଫଳ ଗୁଡିକ ବାଟୋଇ ଉପରେ ପଡିବାରୁ ବାଟୋଇର ନିଦ ଭାଙ୍ଗିଗଲା। ବାଟୋଇ ଉଠିପଡି ଦେଖିଲା ତା ଉପରେ କୋଡିଏ ପଚିଶଟି ବରଫଳ ପଡିଛି, ବାଟୋଇ ଝାଡ଼ିଝୁଡ଼ି ହେଇ ବରଫଳକୁ ଫୋପାଡ଼ିଦେଲା। ଠିକ ସେଇ ସମୟରେ ବାଟୋଇର ମନେ ପଡିଗଲା ଶୋଇଲା ପୂର୍ବରୁ ସେ ଭଗବାନଙ୍କୁ ସୃଷ୍ଟି ତିଆରି କରି ଜାଣି ନାହାନ୍ତି ବୋଲି କହି ବହୁତ ଧିକ୍କାର ଆଉ ଗାଳି କରିଥିଲା। ଏବେ ବାଟୋଇ ବୁଝିଲା ସତରେ ଭଗବାନଙ୍କ ସୃଷ୍ଟି କେବେ ଭୁଲ ହେବନାହିଁ। ବରଗଛରେ ଯଦି ବଡ଼ବଡ଼ ଫଳ ହେଇଥାନ୍ତା ତେବେ ମଣିଷ ହେଉ କି ପଶୁପକ୍ଷୀ, ବରଗଛ ତଳେ ବିଶ୍ରାମ କେମିତି ନେଇଥାନ୍ତେ, ବଡ଼ବଡ଼ ଫଳ ଉପରେ ପଡ଼ିଥିଲେ ସମସ୍ତେ ଆହତ ହେଇଥାନ୍ତେ। ତେଣୁ ବାଟୋଇ ତାର ଭୁଲ ବୁଝି ଭଗବାନଙ୍କୁ କ୍ଷମା ପ୍ରାର୍ଥନା କଲା। ନନାବାପା କାହାଣୀ କହି ସାରି କହିଲେ ଚାଲ ଏଥର ଘରକୁ ଯିବା।



ନନାବାପାଙ୍କର ସେଦିନର ସେଇ କାହାଣୀ ମୋ ହୃଦୟକୁ ଛୁଇଁ ଯାଇଥିଲା। ଆଜି ନନାବାପା ଏ ଦୁନିଆରେ ନାହାନ୍ତି,କିନ୍ତୁ ତାଙ୍କର ସେଇ କାହାଣୀ ମୁଁ ଅନେକ ଲୋକଙ୍କୁ କହିଛି, କ୍ରିକେଟ କମେଣ୍ଟ୍ରି କଲାବେଳେ ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ନନାବାପାଙ୍କର ସେଦିନର ସେଇ କାହାଣୀ ମୁଁ ଲୋକଙ୍କ ପାଖରେ ପହଞ୍ଚାଇଛି। ଲୋକମାନେ ମଧ୍ୟ ଏହି କାହାଣୀକୁ ବହୁତ ପସନ୍ଦ କରିଛନ୍ତି। ସତରେ ଏହି ପୃଥିବୀ ପୃଷ୍ଠରେ ହେଉଥିବା ପ୍ରତ୍ୟେକ ଘଟଣା ଭଗବାନଙ୍କ ଭଲ ଉଦେଶ୍ୟରେ ହେଉଛି। ସେଥିପାଇଁ ତ ପ୍ରାୟ ସମସ୍ତେ କୁହନ୍ତି ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। କିନ୍ତୁ ଯେତେବେଳେ ଆମର ଦୁଃଖ ପଡେ ଭଗବାନ ଭୁଲ କରୁଛନ୍ତି ବୋଲି ଆମେ ଭଗବାନଙ୍କୁ ଗାଳି ଦେଇଥାଉ ଆଉ ଭଗବାନଙ୍କ ଉପରେ ଅଭିମାନ କରିଥାଉ। ପ୍ରକୃତରେ ଭଗବାନଙ୍କ ବିନା ଏ ଦୁନିଆରେ ପତ୍ର ବି ହଲିବା ସମ୍ଭବ ନୁହେଁ। ଏ ପୃଥିବୀରେ ଯାହା ହେଉଛି ଭଲ ହେଉଛି ଯାହା ହେବ ମଧ୍ୟ ଭଲ ହେବ। ସୁଖ ଆଉ ଦୁଃଖ ପ୍ରତ୍ୟେକ ମଣିଷ ଜୀବନରେ ଆସିବ ଆଉ ଚାଲିଯିବ। ନା ଦୁଃଖ ସବୁଦିନ ପାଇଁ ରହିଛି ନା ସୁଖ ସବୁଦିନ ପାଇଁ ରହିବ। ଆମେ ସାଧାରଣ ମଣିଷ ସତ ଚେଷ୍ଟା କଲେ ମଧ୍ୟ ଆମେ କିଛି ବି ପରିବର୍ତ୍ତନ କରିପାରିବା ନାହିଁ। ନନାବାପା ଆଜି ଏ ଦୁନିଆରେ ନାହାଁନ୍ତି, ଦିନ ଆସିବ ଆମେ ମଧ୍ୟ ଏ ଦୁନିଆରୁ ଚାଲିଯିବା। କେହି ରହିନାହିଁ କିମ୍ବା କେହି ରହିବେ ନାହିଁ କିନ୍ତୁ ଭଗବାନଙ୍କ ଏ ସୁନ୍ଦର ସୃଷ୍ଟି ଚାଲିଥିବ। ଆମେ ସବୁ ପୃଥିବୀପୃଷ୍ଠରେ କିଛି ଦିନର କୁଣିଆ ଅଟନ୍ତି। ଚଳଚିତ୍ରର ତିନି ଘଣ୍ଟା ସୋ ପରି ଆମ ଜୀବନ ମଧ୍ୟ ଗୋଟିଏ ଚଳଚିତ୍ର ଶୋ ପରି ଅଟେ । ତେବେ ଚାଲନ୍ତୁ ଶପଥ କରିବା ଶତ୍ରୁ ନୁହେଁ ମିତ୍ର ସୃଷ୍ଟି କରିବା, ଘୃଣା ନୁହେଁ ସମସ୍ତଙ୍କୁ ଭଲପାଇବାକୁ ଚେଷ୍ଟା କରିବା। କାହାରି ମୁଁହରେ ଲୁହ ନୁହେଁ ହସ ଫୁଟାଇବାକୁ ଚେଷ୍ଟା କରିବା। ଯେତିକି ଦିନ ବଞ୍ଚିବା ନିଜେ ହସିବା ସହିତ ଅନ୍ୟ ମୁଁହରେ ହସ ଭରିବାକୁ ଚେଷ୍ଟା କରିବା। ଆଶା କରିବି ନନାବାପାଙ୍କର ଏହି ପ୍ରେରଣାଦାୟକ କାହାଣୀ ପଢି ଆପଣମାନେ ନିଶ୍ଚିତ କିଛି ଶିକ୍ଷା ଅର୍ଜନ କରିଥିବେ।

# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଭୁବନେଶ୍ୱର,୨୭/୦୩ (ନି.ପ୍ର): ଭାଷା ଓ ସାହିତ୍ୟର ବିକାଶ ପାଇଁ ସରକାରୀ ଉଦ୍ୟମର ଯଥେଷ୍ଟ ଆବଶ୍ୟକତା ରହିଛି । ମା', ମାଟି ଓ ମାତୃଭାଷା ହେଉଛି ସଂପର୍କର ଭିତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ପାଶ୍ଚାତ୍ୟ ପ୍ରଭାବ ହେତୁ ମାତୃଭାଷା ଉନ୍ନତିରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ । ସେଥିପାଇଁ ଭାଷା ଓ ସାହିତ୍ୟର ଉନ୍ନତି ନିମନ୍ତେ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ତତ୍ପରତା ତଥା ନିଷ୍ଠା ପ୍ରକାଶ ପାଇବା ଦରକାର ବୋଲି ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଶନିବାର ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ କରି ଡ. ପଟ୍ଟନାୟକ ଉପରୋକ୍ତ ମର୍ମରେ ସମସ୍ତ ଶିକ୍ଷିତ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି ।

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ଭାଷାର କ୍ରିୟାଶୀଳତା ଓ ସାଧାରଣ ବ୍ୟବହାରିକତା ଉପରେ ଗୁରୁତ୍ୱ ଦେଇଥିଲେ । କେବଳ ମାର୍ଗଦର୍ଶିକା ନୁହେଁ ବରଂ କଡ଼ାକଡ଼ି ଆଇନ ବଳରେ ଭାଷା ସୁରକ୍ଷା ସମ୍ଭବ ବୋଲି ସେ କହିଥିଲେ । ସମାଜସେବୀ ଡ. ସୌମ୍ୟରଞ୍ଜନ ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସାହିତ୍ୟକୁ ସମାଜ ଓ ଜୀବନର ପଥପ୍ରଦର୍ଶକ ବୋଲି ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଡ. ତୁହିନାଂଶୁ ରଥଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ଶିଳ୍ପୀ ପଂଚାନନ ସାମଲଙ୍କୁ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା । ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି କବି ରକ୍ଷକ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଧୁଭୂଷଣ ତ୍ରିପାଠୀ, ସରୋଜିନୀ ମିଶ୍ର ଓ ମିନତି ଦାଶଙ୍କ ଲିଖିତ କବିତା ଗ୍ରନ୍ଥ 'ଜୀବାଶ୍ମ', 'ଆତ୍ମଗୀତି' ଓ 'ସେ' ସମେତ ଅନୁଷ୍ଠାନର ବାର୍ଷିକ କବିତା ମୁଖପତ୍ର ଏବଂ ଭୁବନେଶ୍ୱର ସାହିତ୍ୟ ପର୍ବର ସ୍ମରଣିକା ଲୋକାର୍ପିତ ହୋଇଥିଲା । ସଂପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ ।

'ଓଡ଼ିଆ ଭାଷା : ସ୍ଥିତି ଓ ସମୀକ୍ଷା' ଶୀର୍ଷକ ଆଲୋଚନା ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତିଡ. ହୃଷୀକେଶ ମଲ୍ଲିକ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଓ ବିଶିଷ୍ଟ ସ୍ତମ୍ଭକାର ଅସିତ ମହାନ୍ତି ଯୋଗ ଦେଇଥିବାବେଳେ କବି ଡ. ଶୁଭଶ୍ରୀ ଲେଙ୍କା ଏହା ସଂଚାଳନ କରିଥିଲେ । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ସହିତ ଜଣାଶୁଣା ମଂଚ ଅଭିନେତ୍ରୀ ଭାସ୍ୱତୀ ବସୁଙ୍କ କଥାବାର୍ତ୍ତା କାର୍ଯ୍ୟକ୍ରମ 'ଆମ ମଂଚ, ଆମ ନାଟକ' ଉପରେ ପର୍ଯ୍ୟବସିତ ଥିଲା । ଅପରାହ୍ଣରେ 'କିନ୍ନରଙ୍କ ସୃଜନ ପୃଥିବୀ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଡ. ହିରଣ୍ମୟୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ମୀରା ପରିଡ଼ା, ସାଧନା ମିଶ୍ର ଓ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ ଅଂଶଗ୍ରହଣ କରି ସେମାନଙ୍କ ଜୀବନର ଅଭିଜ୍ଞତା, ଅନୁଭବ ଓ ସୃଜନଶୀଳ କାର୍ଯ୍ୟଗୁଡ଼ିକ ଉପରେ ମତାମତ ରଖିଥିଲେ । ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ମନମୋହନ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ ତାଙ୍କ ନିର୍ଦ୍ଦେଶିତ ଶେଷ ଓଡ଼ିଆ ଚିତ୍ର 'ଭିଜା ମାଟିର ସ୍ୱର୍ଗ' ପ୍ରଦର୍ଶିତ ହୋଇଥିଲା । ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଯୋଗଦେଇ ଏହି ସିନେମା ନିର୍ମାଣ ପଛରେ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପୂର୍ବାହ୍ଣରେ ମହିଳା ଶିଳ୍ପୀମାନଙ୍କ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା । ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ତାରାକାନ୍ତ ପରିଡ଼ା ଓ ରବିନାରାୟଣ ରଥ ମିଳିତ ଭାବରେ ଏହା ଉଦ୍‌ଘାଟନ କରିଥିଲେ । ୧୪ ଜଣ ମହିଳା ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଛି । ଏହା ସହିତ ଏକ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି ।

# ମାନବାଧିକାର କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : 'ସରକାରୀ ଅଫିସ୍‌ରେ ୬ ମାସ ମଧ୍ୟରେ କ୍ରେଚ୍ ତିଆରି କର'

ଭୁବନେଶ୍ୱର ,୨୭/୦୩(ନି.ପ୍ର): ସରକାରୀ ସଂସ୍ଥାରେ ୫୦ ବା ତଦୂର୍ଦ୍ଧ୍ୱ ମହିଳା କର୍ମଚାରୀ କାର୍ଯ୍ୟରତ ଥିଲେ, ସେଠାରେ ଶିଶୁମାନଙ୍କ ପାଇଁ କ୍ରେଚ୍ ବ୍ୟବସ୍ଥା କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି । ହେଲେ ଅଧିକାଂଶ ସରକାରୀ ଅଫିସ୍‌ରେ ଏହି ସୁବିଧା ନାହିଁ । ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆରସି) । ଆଜି କମିସନ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବିଜୟକୃଷ୍ଣ ପଟେଲ, ସଦସ୍ୟ ଜଷ୍ଟିସ୍ ରଘୁବୀର ଦାଶ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ଆସନ୍ତା ୬ ମାସ ମଧ୍ୟରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କ୍ରେଚ୍ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଜୟ କୁମାର ପଣ୍ଡା, ଗୋଲେଖ ପ୍ରସାଦ ନାୟକ, ଶୁଭାଶିଷ ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସ ଓ ବିଶ୍ୱପ୍ରିୟ କାନୁନ୍‌ଗୋ ପ୍ରମୁଖ ଆଇନଜୀବୀମାନଙ୍କ ପକ୍ଷରୁ ଆଗତ ଏକ ପିଟିସନ୍‌ର ଶୁଣାଣି କରି କମିସନ ଏହି ରାୟ ଶୁଣାଇଛନ୍ତି । ଉଲ୍ଲେଖଯୋଗ୍ୟ, ସଂଶୋଧିତ ମାତୃତ୍ୱ ସୁବିଧା ଆଇନ (ମାଟରନିଟି ବେନିଫିଟ୍ ଲ') ଧାରା ୧୧(କ) ଅନୁସାରେ, ଯଦି କୌଣସି ଅଫିସ୍‌ରେ ୫୦ରୁ ଊର୍ଦ୍ଧ୍ୱ ମହିଳା କର୍ମଚାରୀ କାମ କରୁଛନ୍ତି, ତେବେ ସେମାନଙ୍କ ଶିଶୁମାନଙ୍କର ଯତ୍ନ ନେବା ପାଇଁ ଅଫିସ୍‌ରେ କ୍ରେଚ୍ ସୁବିଧା ଉପଲବ୍ଧ କରାଯିବ । ଏଭଳି ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ଲୋକସେବା ଭବନଠାରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଅନୁଷ୍ଠାନରେ ଶହଶହ ମହିଳା କର୍ମଚାରୀ କାମ କରୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କ୍ରେଚ୍‌ର



ସୁବିଧା କରାଯାଇନାହିଁ । ଏହାକୁ ଭିତ୍ତି କରି ଉପରୋକ୍ତ ଆବେଦନକାରୀମାନେ ଗତ ୨୦୧୯ ଅକ୍ଟୋବରରେ ଓଏଚ୍‌ଆରସିଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ କମିସନ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ନୋଟିସ୍ କରିଥିଲେ । ଏହି ପ୍ରସଙ୍ଗରେ ସରକାର କି' ବ୍ୟବସ୍ଥା କରିଛନ୍ତି, ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ୨୦୨୧ ମସିହା ନଭେମ୍ବର ମାସରେ କମିସନଙ୍କୁ ଉତ୍ତର ଦେଇଥିଲେ । ସେଥିରେ ଉଲ୍ଲେଖ ଥିଲା ଯେ ବିଭିନ୍ନ ସଂସ୍ଥାକୁ ବିଭାଗ ପକ୍ଷରୁ ଗତ ୨୦୨୦ ମସିହା ଜୁଲାଇ ୨୨ ତାରିଖରେ ଚିଠି ଲେଖାଯିବା ସହ ଆଇନ ଅନୁସାରେ କ୍ରେଚ୍ ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । କିନ୍ତୁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ କମିସନ୍ ଏହାକୁ ଗୁରୁତ୍ୱର ସହ ନେଇ ଆଜି ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

# ଗତ ୨୪ ଘଣ୍ଟା ମଧ୍ୟରେ ୪୮ କରୋନା ପଜିଟିଭ ଚିହ୍ନଟ : ୧୬ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୭/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ବଲାଙ୍ଗୀର ଜିଲ୍ଲାରୁ ସର୍ବାଧିକ ୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ରାଜ୍ୟରେ ୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।



ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୪ ଜଣ, ଭଦ୍ରକରୁ ୧ ଜଣ, ବଲାଙ୍ଗୀରରୁ ୯ ଜଣ, କଟକରୁ ୧ ଜଣ, ଗଜପତିରୁ ୭ ଜଣ, ଯାଜପୁରରୁ ୨ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୬ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ, ଖୋର୍ଦ୍ଧାରୁ ୬ ଜଣ, ସମ୍ବଲପୁର ଜିଲ୍ଲାରୁ ୩ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୮ ଜଣ ଓ ଷ୍ଟେଟପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୪୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୭, ୮୭୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୪୧୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଡରାଇଲାଣି ନକଲି ମଦ : ୩୭୦୦ ଲିଟର ନକଲି ବିଦେଶୀ ମଦ ଜବତ

ଭୁବନେଶ୍ୱର,୨୭/୦୩ (ନି.ପ୍ର): ଚାରିଆଡ଼େ ନକଲି ମଦର କାରଖାନା । କୋଲକାତାରୁ ସ୍ପିରିଟ୍, ଜାଲ୍ ସରକାରୀ ଲେବଲ୍ ଓ ରଙ୍ଗ ଆସି ତିଆରି ହେଉଛି ନକଲି ବିଦେଶୀ ମଦ । ଗତ ୩ ମାସ ହେଲା ନିର୍ବାଚନ ଋତୁ ଚାଲିଥିବାରୁ ମଦ ମାଫିଆଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା ଓ ସେମାନେ ନକଲି ମଦର ବନ୍ୟା ସୃଷ୍ଟି କରିଥିଲେ । ଭୁବନେଶ୍ୱର, ଖୋର୍ଦ୍ଧା, ବାଲେଶ୍ୱର ସମେତ ଏକାଧିକ ଅଞ୍ଚଳରେ ଚାଲିଛି ଏହି ବେଆଇନ କାରବାର । ମାଫିଆମାନେ କୋଟି କୋଟି ଟଙ୍କାର ମୁନାଫା ପାଉଥିବା ବେଳେ ମଦ ମୃତ୍ୟୁର ଆଶଙ୍କା ଦେଖାଦେଇଛି ।

ଏବେ ରାଜ୍ୟରେ ବିପୁଳ ନକଲି ମଦ କାରବାର ନେଇ ଅବକାରୀ ବିଭାଗ ହାତରେ ତଥ୍ୟ ଲାଗିଛି । ପଞ୍ଚାୟତ ନିର୍ବାଚନ ଠାରୁ ପୌର ନିର୍ବାଚନ ସରିବା ପର୍ଯ୍ୟନ୍ତ ସାରା ରାଜ୍ୟରେ ଅବକାରୀ ବିଭାଗ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ଡ୍ରାଇଭ୍‌ରେ ୩୭୦୦ ଲିଟର ନକଲି ମଦ ଜବତ ହୋଇଛି । ଯାହାକି ସରକାରଙ୍କ ପାଇଁ ଏକ ସତର୍କ ଘଣ୍ଟ ଭଳି ହୋଇଛି । ବିଗତ ଦିନରେ ଖୋର୍ଦ୍ଧା, କଟକ, ପୁରୀ ଜିଲ୍ଲାରେ ବିଭିନ୍ନ ମଦ ମୃତ୍ୟୁ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ମିଳିଥିବା ସୂଚନା ଅନୁସାରେ, ପଞ୍ଚାୟତ ନିର୍ବାଚନ ବେଳେ ଦେଢ଼ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୬୬୩ ଲିଟର ନକଲି ବିଦେଶୀ ମଦ ଜବତ ହୋଇଥିଲା । ସେହିପରି ମଦ ତିଆରି ପାଇଁ ମହଜୁଦ୍ ରହିଥିବା ବିପୁଳ ପରିମାଣର ସ୍ପିରିଟ୍ ମଧ୍ୟ ଜବତ ହୋଇଥିଲା । ପୌର ନିର୍ବାଚନ ପାଇଁ ଫେବ୍ରୁଆରି ୨୫ରୁ ମାର୍ଚ୍ଚ ୨୪ ତାରିଖ ପ୍ରାୟ ମାସେ ଧରି ଚାଲିଥିଲା ସ୍ୱତନ୍ତ୍ର ଡ୍ରାଇଭ୍ । ଏଥିରେ ୧୦୩୭ ଲିଟର ବିଦେଶୀ ମଦ ଜବତ କରାଯାଇଛି । ନକଲି ମଦ



ବୋତଲରେ ଲଗା ହେବାକୁ ଆସିଥିବା ୨୭ ହଜାର ୨୩୨ ଲେବୁଲ, ବିଭିନ୍ନ କମ୍ପାନିର ୭୨୬୦ଟି ଷ୍ଟିକର୍ ଜବତ କରାଯାଇଛି ।

ସେହିପରି ଏହି ମାସକ ମଧ୍ୟରେ ଲକ୍ଷେ ୧୨ ହଜାର ୨୬୩ ଲିଟର ଦେଶୀ ମଦ, ୯ ଲକ୍ଷ ୯ ହଜାର ୩୯୫ ଲିଟର ପୋଚ, ୨୯ କ୍ୱିଣ୍ଟାଲ ଗଞ୍ଜେଇ, ୫୨୭ ଲିଟର ସ୍ପିରିଟ୍, ୬୩୭.୬ ଗ୍ରାମ ବ୍ରାଉନ୍‌ସୁଗାର, ୨୫୩୨ ଲିଟର ବିଦେଶୀ ମଦ, ୨୮୧୦ ଲିଟର ବିଅର, ୭୮୬.୬ ଲିଟର ଆସ୍କା-୪୦, ୧୪୪ ଗାଡ଼ି ଜବତ କରାଯାଇଛି । ଏହି ଘଟଣାରେ ୩୮୯୫ ମାମଲା ରୁଜୁ ହୋଇଥିବା ବେଳେ ୩୧୯୫ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ଜବତ ସାମଗ୍ରୀର ମୂଲ୍ୟ ୧୧ କୋଟି ୬୫ ଲକ୍ଷ ଲକ୍ଷ ଟଙ୍କା ହେବ ବୋଲି ଆକଳନ କର ଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ପ୍ରେସ ବୃବତିରେ କୁହାଯାଇଛି । ସବୁଠୁ ବଡ଼ କଥା ହେଲା ଟିକସ ଫାଙ୍କି ବିକ୍ରି ହେବାକୁ ଆସିଥିବା ୯୩୪୧ ଲିଟର ବିଦେଶୀ ମଦ ମଧ୍ୟ ଜବତ ହୋଇଛି ।

# ଓଡ଼ିଶାର ଗୋବିନ୍ଦ ଚନ୍ଦ୍ର ମହାନ୍ତ ହେଲେ ବିଦ୍ୟାଭାରତୀର ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ

ଭୁବନେଶ୍ୱର,୨୭/୦୩ (ନି.ପ୍ର): ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ବିଦ୍ୟାଭାରତୀର ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ଭାବେ ଓଡ଼ିଶାର ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ଦାୟିତ୍ୱ ମିଳିଛି । ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ସାଧାରଣ ସଭାରେ ନୂତନ ଭାବେ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ମହାନ୍ତ ପୂର୍ବରୁ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଂଗଠନ ମନ୍ତ୍ରୀ ଓ ପୂର୍ବ କ୍ଷେତ୍ରର ସଂଗଠନ ମନ୍ତ୍ରୀ ଦାୟିତ୍ୱ ଦକ୍ଷତାର ନିର୍ବାହ କରିବା ସହିତ ଅଖିଳ ଭାରତୀୟ ସ୍ତରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏବେ ସେ ବିଦ୍ୟାଭାରତୀର ଅଖିଳ ଭାରତୀୟ ସହ ସଂଗଠନ ମନ୍ତ୍ରୀ ଭାବରେ କାର୍ଯ୍ୟରତ ଅଛନ୍ତି । ବାଲ୍ୟକାଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ନିଷ୍ଠାପର ସଦସ୍ୟ ଭାବେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ପ୍ରଚାରକ ଜୀବନ ଆରମ୍ଭ କରି ମୟୂରଭଞ୍ଜ, ଗଞ୍ଜାମ ଓ କଟକ ଆଦିରେ ବିଭାଗ ପ୍ରଚାରକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି ।

ଅପରପକ୍ଷରେ ଓଡ଼ିଶାର ସ୍ୱନାମଧନ୍ୟ ଶିକ୍ଷାବିତ୍ ତଥା ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଓଡ଼ିଆ ବିଭାଗୀୟ ମୁଖ୍ୟ ଡକ୍ଟର ବସନ୍ତ କୁମାର ପଣ୍ଡାଙ୍କୁ ନୂତନ ଭାବେ ବିଦ୍ୟାଭାରତୀର ଉପାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ଡକ୍ଟର ପଣ୍ଡା ଶିକ୍ଷା ବିକାଶ ସମିତି ଓଡ଼ିଶାର ଉପସଭାପତି ଥିଲେ । ଅଧୁନା ଶିକ୍ଷା ବିକାଶ ସମିତି ଓଡ଼ିଶାର ମୁଖପତ୍ର ଶିକ୍ଷା ସୃଜନୀ ପତ୍ରିକାର ସଭାପତି ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଓଡ଼ିଶାରୁ ଏହି ଦୁଇଜଣ ପ୍ରମୁଖ କାର୍ଯ୍ୟକର୍ତ୍ତା ବିଦ୍ୟାଭାରତୀ ପକ୍ଷରୁ ଏହି ନୂତନ ଦାୟିତ୍ୱ ଦିଆଯାଇଥିବାରୁ ଶିକ୍ଷା ବିକାଶ ସମିତି ପକ୍ଷରୁ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଓଡ଼ିଆ ଜାତିକୁ ବିଶ୍ୱରେ ସମୃଦ୍ଧ କରିବାକୁ ସଂକଳ୍ପ ନେବା ଜରୁରୀ : ମନ୍ତ୍ରୀ

ଭୁବନେଶ୍ୱର,୨୭/୦୩ (ନି.ପ୍ର): ଓଡ଼ିଆ ଜାତିକୁ ବିଶ୍ୱରେ ଶକ୍ତିଶାଳୀ, ସମୃଦ୍ଧ ଓ ଭବ୍ୟ କରିବା ପାଇଁ ସଂକଳ୍ପ ନେବା ଜରୁରୀ ବୋଲି ଶନିବାର ନୂଆଦିଲ୍ଲୀ ଠାରେ ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ 'ଓଡ଼ିଶା ପର୍ବ – ୨୦୨୨'କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଦୁଇଦିନିଆ ସାଂସ୍କୃତିକ ମହାକୁମ୍ଭରେ ପଦ୍ମଭୂଷଣ ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମନ୍ତ୍ରୀ । ସେ କହିଛନ୍ତି ଯେ ୨୦୩୬ରେ ଆଉ ମାତ୍ର ୧୪ ବର୍ଷ ପରେ ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ ସୁଦ୍ଧା ୨୬ ବର୍ଷ ପରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ । ଓଡ଼ିଆ ଜାତିକୁ ଶକ୍ତିଶାଳୀ, ସମୃଦ୍ଧ ଓ ଭବ୍ୟ କରିବା ପାଇଁ ସଂକଳ୍ପ ନେବାକୁ ପଡ଼ିବ । ମହାପ୍ରଭୁ ଶ୍ରୀଜଗନ୍ନାଥ, ପଟ୍ଟଚିତ୍ର, ପଖାଳ, ହସ୍ତତନ୍ତ, ସମ୍ବଲପୁରୀ ଶାଢ଼ୀ ଓଡ଼ିଆଙ୍କ ପରିଚୟ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ଓଡ଼ିଆ ସାରସ୍ୱତ ସାଧନା ବଳରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ଓଡ଼ିଆର ଚରିତ୍ରରେ ସନ୍ଧି ଶବ୍ଦ ନାହିଁ, ସଂଘର୍ଷ କରିବା ହିଁ ଓଡ଼ିଆର ଚରିତ୍ର । ଅତୀତରେ ନୌବାଣିଜ୍ୟ କଳା, ଅନନ୍ୟ କୀର୍ତ୍ତିରାଜି ଓ ସୂକ୍ଷ୍ମ କାରିଗରୀ ଏହାର ବଳିଷ୍ଠ ପ୍ରମାଣ । ମହିମା ଧର୍ମର ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ ବିଚାର ଆଦର୍ଶକୁ ୟୁଜିସି ଦ୍ୱାରା ଏକ ପାଠ୍ୟକ୍ରମ ଭାବରେ ସ୍ୱୀକୃତି ଦିଆଯାଇଛି । ଏହା ଉପରେ ଅଧିକ ଅନୁସନ୍ଧାନ ପାଇଁ ଗବେଷଣା ଚେୟାର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏହିପରି ଓଡ଼ିଆ ପରମ୍ପରା ଏବଂ ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି ।




କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଇତିହାସରେ ଘଟିଥିବା ସଂଗ୍ରାମକୁ ସ୍ୱୀକୃତି ଦେବା ପାଇଁ ତଥ୍ୟ ଆଧାରିତ ହୋଇଥିବା ଦରକାର । ଏ ସବୁ ବିଷୟକୁ ଆମେ ଓଡ଼ିଆ ଭାବରେ ଆତ୍ମବିଶ୍ଳେଷଣ କରିବା ଜରୁରୀ । ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ମାଧୋ ସିଂହ, ଶହୀଦ ଲକ୍ଷ୍ମଣ ନାଏକ, ବାଜି ରାଉତଙ୍କ ଭଳି ଓଡ଼ିଆ ଜାତି ପାଇଁ ସମର୍ପିତ ତଥା ଇତିହାସ ପୃଷ୍ଠାରେ ଅନାଲୋଚିତ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ପରାକ୍ରମର ବିଷୟ ଉପରେ ଗବେଷଣା କରିବା ପାଇଁ ଆଇସିଏଚଆର ପକ୍ଷରୁ ଉଦ୍ୟମ କରାଯାଉଛ ।

ଓଡିଶାର 'ପାଇକ ବିଦ୍ରୋହ' ର ବୀରତ୍ୱପୂର୍ଣ୍ଣ ଘଟଣାକୁ ଜାତୀୟ ସ୍ତରରେ ଧାରାବାହିକ 'ବିଦ୍ରୋହୀ' ନାମରେ ପ୍ରସାରିତ ହେଉଛି । ଏକ ବୀରତ୍ୱପୂର୍ଣ୍ଣ ଏବଂ ଶୌର୍ଯ୍ୟମୟ ଜାତିର ଉତ୍ତର ପିଢି ଭାବେ ପୂର୍ବପୁରୁଷଙ୍କ ଅଦମ୍ୟ ସାହସର ଗାଥାକୁ ନେଇ ଓଡ଼ିଆ ଜାତି ଏଥିପାଇଁ ନିଶ୍ଚୟ ଗୌରବାନ୍ୱିତ ଅନୁଭବ କରିବ । 'ବିଦ୍ରୋହୀ' ଭଳି ଉଚ୍ଚକୋଟିର ଧାରାବାହୀକୁ ଜାତୀୟ ସ୍ତରରେ ପ୍ରଦର୍ଶିତ କରୁଥିବାରୁ ପ୍ରଯୋଜକ ସୁବ୍ରତ ସିହ୍ନା, କଳାକାର ଓ ସମସ୍ତ ସମସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

ରାଜ୍ୟ ଓ ଦେଶ ବାହାରେ ରହୁଥିବା ଏକାଧିକ ପ୍ରବାସୀ ଓଡ଼ିଆଙ୍କୁ ଏକତ୍ର କରିବା ସହ ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଓଡ଼ିଆ ରାନ୍ଧଣା, ଗୌରବମୟ ଇତିହାସର ପ୍ରସାର ପାଇଁ ଓଡ଼ିଆ ସମାଜର ଏହି ସାଂସ୍କୃତିକ ମହାକୁମ୍ଭ ସାଧୁ ଉଦ୍ୟମ । ଏଥିପାଇଁ ଓଡ଼ିଆ ସମାଜର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

# ୨.୪୫ କୋଟି ଟଙ୍କା ଠକେଇ ଅଭିଯୋଗ : ରାଜ୍ୟ ବାହାରରୁ ଦୁଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭/୦୩(ନି.ପ୍ର): ୨.୪୫ କୋଟି ଟଙ୍କା ଠକେଇ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଉଭୟ ରାଜ୍ୟ ବାହାରର ବୋଲି ଜଣାଯାଇଛି । ଏମାନଙ୍କ ଭିତରୁ ସୁବାସ ଘିସିଙ୍ଗ ଗିରିଙ୍କୁ ପଶ୍ଚିମବଙ୍ଗ ବାରାକପୁରରୁ ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଥିବା ବେଳେ ଆର ଅଭିଯୁକ୍ତ ସୟଦ ଶାହବାଜ ନକଭିଙ୍କୁ ଛତିଶଗଡ଼ରୁ ଗିରଫ କରାଯାଇଛି । ସରକାରୀ ଅର୍ଥ ହେରଫେର କରିବା ଅଭିଯୋଗରେ ବଡ଼ବିଲ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇଛି । ଉଭୟେ ବଡ଼ବିଲ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନକଲି ଚେକ ଦେଇ ଓ ଜାଲ ଦସ୍ତଖତ କରି ବେଆଇନ ଭାବେ ୨ କୋଟି ୪୪ ଲକ୍ଷ ୬୦ ହଜାର ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଛନ୍ତି । କେନ୍ଦୁଝର ପୁଲିସ ଓ ପଶ୍ଚିମବଙ୍ଗ ବାରକ ପୁଲିସର ସହାୟତାରେ ଦୁଇ ଅଭିଯିକ୍ତଙ୍କୁ ଗିରଫ କରାଯାଇଛି । ଅର୍ଥନୈତିକ ଅପରାଧ ଶାଖା ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିବ ବୋଲି ଜଣାଯାଇଛି ।



# ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ 'କାୟାକଳ୍ପ' ପୁରସ୍କାର

ଭୁବନେଶ୍ୱର ,୨୭/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୨୦୨୧-୨୨ବର୍ଷ ପାଇଁ 'କାୟାକଳ୍ପ' ପୁରସ୍କାରରେ ପ୍ରଥମ ସ୍ଥାନ ହାସଲ କରିଛି । ଏହାସହ ସୁନ୍ଦରଗଡ଼ ଦ୍ୱିତୀୟ ସ୍ଥାନରେ ରହିଛି । କେବଳ କାୟାକଳ୍ପ ନୁହେଁ, ଇକୋ-ଫ୍ରେଣ୍ଡଲି ହସ୍ପିଟାଲ ଓ 'ଲକ୍ଷ୍ୟ' ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଥିବା ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୧/୨୨ ମସିହା ପାଇଁ ସମୁଦାୟ ୮୮୭ ହସ୍ପିଟାଲ 'କାୟାକଳ୍ପ' ପୁରସ୍କାର ପାଇଛନ୍ତି । ଏଥିରେ ୨୨ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୧୭୩ଟି ଉପଖଣ୍ଡ, ୭୩ ୟୁପିଏଚ୍‌ସି, ୪୨୩ ପିଏଚ୍‌ସି ଓ ୧୯୬ ଏଚ୍‌ଡବ୍ଲୁସି-ଏସ୍‌ସି ରହିଛନ୍ତି । ୨୦୨୦ ମସିହାରେ ୫୮୬ ହସ୍ପିଟାଲ ଏହି ପୁରସ୍କାର ପାଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବାଦ୍ ଦେଲେ ଉପଖଣ୍ଡ/ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବର୍ଗରେ କେନ୍ଦୁଝରସ୍ଥିତ ଭଣ୍ଡା ସିଏଚ୍‌ସି, ମାଲକାନଗିରିସ୍ଥିତ କୁଦୁମୁଲଗୁମା ମିଳିତଭାବେ ପ୍ରଥମ ହୋଇଥିବା କନ୍ଧମାଳସ୍ଥିତ ଟିକାବାଲି ସିଏଚ୍‌ସି ଦ୍ୱିତୀୟ ସ୍ଥାନ ପାଇଛି । ସେହିପରି ୟୁପିଏଚ୍‌ସି ବର୍ଗରେ ଢେଙ୍କାନାଳର କାଠଗଡ଼ସାହି, କଳାହାଣ୍ଡିର ଭବାନୀପାଟଣା ୟୁପିଏଚ୍‌ସି ମିଳିତ ପ୍ରଥମ ହୋଇଥିବା ବେଳେ ବରଗଡ଼ସ୍ଥିତ ଏମ୍‌ଏମ୍‌ସି ୟୁପିଏଚ୍‌ସି, କୋରାପୁଟସ୍ଥିତ ଗାନ୍ଧୀନଗର ମିଳିତ ପ୍ରଥମ ହୋଇଥିବା ବେଳେ ବୈକୁଣ୍ଠନଗର ୟୁପିଏଚ୍‌ସି ଦ୍ୱିତୀୟ ସ୍ଥାନରେ ରହିଛି । ଇକୋ-ଫ୍ରେଣ୍ଡଲି ବର୍ଗରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ ହୋଇଥିବା ଚନ୍ଦ୍ରଗିରି ସିଏଚ୍‌ସି, କେନ୍ଦୁଝରସ୍ଥିତ ଭଣ୍ଡା, ଘଟଗାଁ, ମାଲକାନଗିରି କୁଦୁମୁଲଗୁମା ସିଏଚ୍‌ସି ମିଳିତଭାବେ ବିଜୟୀ ହୋଇଛି ।

# ସର୍ବଭାରତୀୟ ଶ୍ରମିକ ଧର୍ମଘଟକୁ ଫରୱାର୍ଡ଼ ବ୍ଲକର ସମର୍ଥନ ଘୋଷଣା

ଭୁବନେଶ୍ୱର,୨୭/୦୩(ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକର ଘରୋଇକରଣ, ଶ୍ରମ ଆଇନରେ ସଂଶୋଧନ ଆଦି ପ୍ରତିବାଦରେ ଏବଂ ସର୍ବନିମ୍ନ ମଜୁରୀ ବୃଦ୍ଧି ସମେତ ସ୍କିମ୍ ୱାର୍କରମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ଦୁଇଦିନ ଧରି ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ସର୍ବଭାରତୀୟ ଧର୍ମଘଟର ଡ଼ାକରା ଦେଇଛନ୍ତି । ଏହି ଧର୍ମଘଟକୁ ଅନ୍ୟାନ୍ୟ ସ୍ୱାଧୀନ ଫେଡ଼େରେସନ ଏବଂ ବ୍ୟାଙ୍କ ଓ ବୀମା କର୍ମଚ୍ରରୀ ସଂଗଠନଗୁଡ଼ିକ ମଧ୍ୟ ସମର୍ଥନ ଘୋଷଣା କରିଛନ୍ତି । ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥରେ ସଂଗଠିତ ହେଉଥିବା ଏହି ସର୍ବଭାରତୀୟ ଧର୍ମଘଟକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ', ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି ।

# କୋଷ୍ଟ କେନାଲର ସଂସ୍କାର କେବେ ?



ଲଙ୍ଗଳେଶ୍ୱର,୨୭/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଦେଇ ଯାଇଥିବା ଓଡ଼ିଶା କୋଷ୍ଟ କେନାଲ ର ପୁନରୁଦ୍ଧାର ହେବ ହେବ ବୋଲି ବର୍ଷ ପରେ ବର୍ଷ ବିତିଯାଉଥିଲେ ହେଁ କିଛି ସୁଫଳ ମିଳୁନି ।ତେବେ ଏଇ କେନାଲ ର ସଂସ୍କାର ହେଲେ ବହୁ ଲାଭଦାୟକ ହେବା ସହ ଲକ୍ଷ ଲକ୍ଷ ଲୋକ ଉପକୃତ ହୁଅନ୍ତେ ।ନଅଙ୍କ ଦୁର୍ଭିକ୍ଷ ପରେ ଖାଦ୍ୟ ପାଇଁ କାମ ହିସାବରେ ଏଇ କେନାଲ ବ୍ରିଟିଶ ମାନେ ୧୮ ଶହ ୬୫ ମସିହାରେ ଖୋଳି ଥିଲେ ।ତିନୋଟି କାର୍ଯ୍ୟ ସାଧନ ପାଇଁ ବ୍ରିଟିଶ ମାଷ୍ଟର ପ୍ଲାନ କରି କେନାଲ ଟି ଖୋଳିଥିଲେ ।ସେତେବେଳେ ସଡକ ପଥ ନଥିବାରୁ ଏହା ପଶ୍ଚିମବଙ୍ଗ ଓ ଓଡିଶା କୁ ସଂଯୋଗ କରୁଥିବା ଏହା ଥିଲା ମୁଖ୍ୟ ଜଳପଥ ।ହୁଗୁଳିନଦୀରୁ ଠାରୁ ସାତ ମାଇଲ ଦେଇ ଓଡ଼ିଶାର ଭୋଗରାଇ ଦେଇ ସୁବର୍ଣ୍ଣରେଖା ନଦୀରେ ସଂଯୋଗ ହୋଇ ଜାମକୁଣ୍ଡା, ମଧୁପୁରା, ମହାବଳା ଭରେଶ୍ୱର କୁଣ୍ଡୁଲିର ମହାପଦା ଦେଇ ପଂଚୁପଡା ନଦୀରେ ସଂଯୋଗ ହୋଇ ଭଦ୍ରକ ପର୍ଯ୍ୟନ୍ତ ଯାଇଛି । କେନାଲଟି ମୁଖ୍ୟ ଜଳପଥ ସହିତ ଜଳସେଚନ କରି ଚାଷ କରିବା ପାଇଁ କରାଯାଇଥିଲା । ଯାତାୟାତ ବାବଦରେ ମାନଧାତା ଠାରେ ଟୁଲ ସଂଗ୍ରହ ପାଇଁ ଟୁଲ ଅଫିସ ମଧ ଥିଲା । ସଡକପଥ ହେବାରୁ କେନାଲ ପୋତି ହୋଇ ଅକାମି ହୋଇଯିବାରୁ ଟୁଲ ଅଫିସ ବନ୍ଦ ହୋଇଯାଇଛି । ତେବେ ଏଇ କେନାଲ ପୁନରୁଦ୍ଧାର ହେଲେ ସିଧା ସଳଖ ପଶ୍ଚିମବଙ୍ଗ ସହିତ ବ୍ୟବସାୟ ହେବା ସହିତ ବଳିଆପଳର ଷୋଳସା ପାଣ୍ଡ ରେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରନ୍ତା । ୨୦୦୮ ମସିହାରେ ସେତେବେଳର ସାଂସଦ ଖାରବେଳ ସ୍ୱାଇଁ ଏଇ କୋଷ୍ଟ କେନାଲ ସଂସ୍କାର ପାଇଁ ଲୋକ ସଭାରେ ଉପସ୍ଥାପନ କରିବାପରେ କାର୍ଯ୍ୟକାରୀ ଏବଂ ମାଷ୍ଟର ପ୍ଲାନ କରିବାପାଇଁ କେନ୍ଦ୍ର ସରକାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦେଇଥିଲେ ।କିନ୍ତୁ ଏହା ଶୀତଳ ଭଣ୍ଡାର ରେ ରହିଗଲା ।ତେବେ କେନାଲ ସଂସ୍କାର କରିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ସରକାରୀ ଅଧିକାରୀଙ୍କ ଖମଖିଆଲି ନୀତି ଯୋଗୁଁ ସମ୍ଭବ ହୋଇପାରୁନାହିଁ । ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ଜୟକୃଷ୍ଣ ବେହେରାଙ୍କୁ ପଚାରିବାରୁ କୋଷ୍ଟ କେନାଲ ସଂସ୍କାର ପାଇଁ କୌଣସି ଅର୍ଥ ବରାଦ ହୋଇନାହିଁ ।

## ଆଉ ୨ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏସନ କଲା ପୋଲିସ

ପୁରୀ, ୨୭/୦୩ (ନି.ପ୍ର): ଶ୍ରୀମନ୍ଦିରର ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ଗୁଳି କରି ହତ୍ୟା ମାମଲାରେ ଆଜି ଆଉ ୨ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏସନ କରିଛି ପୋଲିସ । ଆଜି ଆଉ ଦୁଇ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରିକ୍ରିଏସନ କରିଛି ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହରି ପଣ୍ଡା ଓ ବାବା ମହାପାତ୍ର । ଗତକାଲି ପ୍ରଫୁଲ୍ଲ ଓ କୁନମୁନଙ୍କୁ ନେଇ କ୍ରାଇମ ରିକ୍ରିଏସନ କରିଥିଲା ପୋଲିସ । ପ୍ରକାଶ ଥାଉକି, ମାମଲାରେ ଟାଉନ ଥାନା ପୋଲିସ ପୂର୍ବରୁ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାନସ ସ୍ୱାଇଁ ହତ୍ୟା ମାମଲା....

କଏଦ ହେଉଛି । କୁହାଯାଉଛି ଏହି ବାଡିରେ ପିଟି ପିଟି ମାନସଙ୍କୁ ହତ୍ୟା କରାଯାଇଥିଲା । ସେପଟେ ଆଶ୍ରମର ଭିଜିଟର ଡାଏରୀରୁ କିଛି ପୃଷ୍ଠା ଚିରି ଫୋପାଡି ଦିଆଯାଇଥିବାରୁ ଆଶ୍ରମ ପଛପଟେ ଯାଇ ଖୋଜାଖୋଜି କରିଥିଲେ ତଦନ୍ତକାରୀ ଦଳ । ହେଲେ ଡାଏରୀରୁ ଚିରା କାଗଜ ମିଳିନାହିଁ । ମାନସ ହତ୍ୟା ମାମଲାରେ ମୁଖ୍ୟ ଷଡଯନ୍ତ୍ରକାରୀ ଅବସରପ୍ରାପ୍ତ ସରକାରୀ ବାବୁ ନିରଞ୍ଜନ ସେଠୀଙ୍କ ସମେତ ୬ ଜଣ ଗିରଫ ହୋଇଛନ୍ତି । ହେଲେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଏବେ ବି ଫେରାର ଅଛନ୍ତି । ସେପଟେ ଦୟାଲ ଆଶ୍ରମରେ କ୍ରାଇମବ୍ରାଂଚ ଟିମ୍, ଯାଂଚ କରିବା ଖବର ଶୁଣି ଦରକାର ହେଲେ ନ୍ୟାୟ ପାଇଁ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି ମାନସଙ୍କ ମାଆ । ମାନସଙ୍କୁ ଅପହରଣ କରି ଏହି ଦୟାଲ ଆଶ୍ରମକୁ ଆଣି ହତ୍ୟା କରାଯାଇଥିବା ପୁଲିସ କହିଛି । ଏବେ ତଦନ୍ତ ଭାର ନେବା ପରେ କ୍ରାଇମସିନର ଯାଂଚ କରି କ୍ରାଇମବ୍ରାଂଚ ଟିମ୍ ବହୁ ପ୍ରମାଣ ପାଇଥିବା ସୂଚନା ମିଳିଛି । ଆଜି କ୍ରାଇମବ୍ରାଞ୍ଚ ଦୟାଲ ଆଶ୍ରମ ସିଲ୍ କରିବା ପରେ ସେଠାରୁ ଏକ ଠେଙ୍ଗା ମିଳିଛି । ଏହି ଠେଙ୍ଗାରେ ମାନସଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଜଣାପଡ଼ିଛି । ଆଉ ଏହା ଜାଣିବା ପରେ ମାନସଙ୍କ ମାଆ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସେ କହିଛନ୍ତି, ମୁଁ ନିଜେ ବିକ୍ରି ହୋଇଯିବି ପଛେ, ମାନସକୁ ନ୍ୟାୟ ଦେବା ପାଇଁ ସୁପ୍ରିମକୋର୍ଟ ଯିବି । ଏପଟେ ଭୁବନେଶ୍ୱରର ଦୟାଲ ଆଶ୍ରମରେ ଛାନଭିନ ପରେ ସିଲ କରିଛି କ୍ରାଇମବ୍ରାଞ୍ଚ ।

### ଇମ୍ରାନଙ୍କୁ ବଡ ଝଟ୍କା....

ଦେଶର ଗୃହମନ୍ତ୍ରୀ ଶେଖ ରସିଦ। ଇମ୍ରାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରଠାରୁ ତାଙ୍କ ଲୋକପ୍ରିୟତା ବଢ଼ିଛି ବୋଲି କହିଛନ୍ତି ଶେଖ ରସିଦ। ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ଙ୍କୁ ହଟାଇବା ଲାଗି ତାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ତାଙ୍କ ଦଳ ପିଟିଆଇର ବହୁ ସାଂସଦ ମଧ ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ସେପଟେ ନିଜର ଗାଦି ଟଳମଳ ହେଉଥିବା ବେଳେ ଇମ୍ରାନ ରବିବାର ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ଇମ୍ରାନଙ୍କ ବିରୋଧରେ ଗତକାଲି (ଶୁକ୍ରବାର) ସଂସଦରେ ଅନାସ୍ଥା ପ୍ରସ୍ତାବ ଆସିବାର ଥିଲା। କିନ୍ତୁ ତାଙ୍କ ଦଳ ପିଟିଆଇର ଜଣେ ସାଂସଦଙ୍କ ଅକାଳ ମୃତ୍ୟୁ ଯୋଗୁ ସଂସଦକୁ ମୁଲତବୀ ରଖିବାକୁ ପଡିଥିଲା। ଆସନ୍ତାକାଲି ସଂସଦରେ ଇମ୍ରାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବ। ଏହି ପ୍ରସ୍ତାବ ଉପରେ ଆସନ୍ତା ୩ କିମ୍ବା ୪ ଏପ୍ରିଲରେ ମତଦାନ ହେବ।

### ଏ ଲଢ଼େଇ ଲମ୍ବା ଚାଲିବ....

ଦକ୍ଷିଣ ଭାଗକୁ ଛାରଖାର କରିବା ସହ ଉତ୍ତର ୟୁକ୍ରେନର ପ୍ରମୁଖ ସହର ଚେର୍ନିହିବକୁ ମାଟିରେ ମିଶାଇ ଦେଇଛନ୍ତି। ୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ସହର ପୂରା ନଷ୍ଟ ହୋଇଯାଇଛି। ଚେର୍ନିହିବରେ ମାରିୟୁପୋଲ ଠାରୁ ବି ସାଂଘାତିକ ସ୍ଥିତି ଉପୁଜିଛି। ସହର ୯୫ ପ୍ରତିଶତ ଖାଲି ହୋଇଯାଇଥିବା ବେଳେ ଯେଉଁମାନେ ଅଛନ୍ତି ସେମାନଙ୍କ ପାଇଁ ଖାଦ୍ୟ, ପାଣି, ବିଦ୍ୟୁତ ଓ ଅନ୍ୟ ଅତ୍ୟାବଶ୍ୟକ ସୁବିଧା ନାହିଁ। ରୁଷ୍ ସୈନିକ ଦେସନା ନଦୀ ଉପରେ ଥିବା ଚେର୍ନିହିବର ମୁଖ୍ୟ ବ୍ରିଜ୍ ଭାଙ୍ଗି ଦେଇଛନ୍ତି। ଫଳରେ ଚେର୍ନିହିବରେ ରହିଯାଇଥିବା ଲୋକେ ବାହାରକୁ ଯିବା ଜଟିଳ ହୋଇଯାଇଛି ଏବଂ ସେମାନଙ୍କ ନିକଟରେ ମାନବୀୟ ସହାୟତା ବି ପହଞ୍ଚିପାରୁନି। ବର୍ତ୍ତମାନ ପୂର୍ବ ଡୋନବାସର ସୁରକ୍ଷା ଉପରେ ଅଧିକ ଫୋକସ କରାଯିବ ବୋଲି ସେନା ସ୍ପଷ୍ଟ କରିଛି। ରୁଷ ପକ୍ଷରୁ ଆକ୍ରମଣ ଜୋରଦାର ହେଉଥିବା ବେଳେ ରାଜଧାନୀ କିଭ୍ ?ରେ ଗତକାଲି ଠାରୁ ସୋମବାର ସକାଳ ଯାଏଁ କର୍ଫ୍ୟୁ ଲଗାଯାଇଛି।

## ଓକିଲ ସଂଘ ନିର୍ବାଚନ ପଦ୍ଧତିକୁ ସଭାପତି ପ୍ରାର୍ଥୀଙ୍କ ବିରୋଧ କରି ସମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୨୭/୩ (ନି.ପ୍ର) : ସଦ୍ୟ ଶେଷ ହୋଇଥିବା ଜଳେଶ୍ୱର ଓକିଲ ସଂଘର ନିର୍ବାଚନରେ କେତେକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ କରି ସଭାପତି ପ୍ରାର୍ଥି ପତିତପାବନ ପ୍ରଧାନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଗତ ଶନିବାର ଦିନ ହୋଇଥିବା ନିର୍ବାଚନରେ କେତେକ ଓକିଲ ବନ୍ଧୁ ଭୋଟ ଦେବା କାର୍ଯ୍ୟରୁ ବିରତ ରହିଥିଲେ । ପ୍ରକାଶଯୋଗ୍ୟ ଗଣତନ୍ତ୍ର ରାଷ୍ଟ୍ରରେ ଭୋଟ ଦେବା ଅଧିକାର ଥିଲେ ମଧ୍ୟ ତାହା ଗୁପ୍ତ ରହିବାର ବିଧେୟ । କିନ୍ତୁ ଚଳିତ ଓକିଲ ସଂଘ ନିର୍ବାଚନରେ କେତେକ ନୂତନ ପଦ୍ଧତି ଓ ନିୟମ ଅବଲମ୍ବନ କରାଯାଇଛି । ବେଲେଟ ପେପରର ମୁଣ୍ଡିଚେକ୍ ଫଲିଓରେ ଥିବା କ୍ରମିକ ନମ୍ବର ସହିତ ବେଲେଟ ପେପରର କ୍ରମିକ ନମ୍ବର ସମାନ ରହିଥିବାରୁ ଭୋଟ ପରେ ଭୋଟରର ଗୋପନୀୟତା ପ୍ରକାଶିତ ହେଉଥିବା ସମ୍ପର୍କରେ ଶ୍ରୀ ପ୍ରଧାନ ଅଭିଯୋଗ ଆଣିଛନ୍ତି। ଏହି ଗୋପନୀୟତା ପ୍ରକାଶ ପାଇଯାଉଥିବାରୁ ୧୪୮ ଜଣ ଭୋଟର ମଧ୍ୟରୁ ୯ଜଣ ଭୋଟ ଦାନରୁ ବିରତ ରହିଥିଲେ । ତେଣୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ ସେ ଓ ଅନ୍ୟ କେତେକ ଓକିଲ ଅଭିଯୋଗ କରିଥିଲେ ମଧ୍ୟ ଏହାକୁ କେହି କର୍ଣ୍ଣପାତ କରିନଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି ।

## ବାରିପଦାରେ ବିଜେଡିକୁ ବିଜୟ ମୁକୁଟ



ବାରିପଦା, ୨୭/୦୩ (ନି.ପ୍ର): ଦୀର୍ଘ ୮ ବର୍ଷପରେ ଅନୁଷ୍ଠିତ ଚଳିତ ପୌର ନିର୍ବାଚନରେ ବାରିପଦା ପୌର ପରିଷଦରେ ମୋଟ ୧୬ ଜଣ ଚେୟାରମେନ ପ୍ରାର୍ଥୀ ମଇଦାନରେ ରହିଥିବା ବେଳେ, ଆଜି ଭୋଟ ଗଣତି ପରେ ବିଜେଡି ପ୍ରାର୍ଥୀ କୃଷ୍ଣାନନ୍ଦ ମହାନ୍ତି ସର୍ବାଧିକ ୨୧୩୦୬ ଭୋଟ ପାଇଥିବା ବେଳେ, ବିଜେପି ପ୍ରାର୍ଥୀ କବି ବିଷ୍ଣୁ ଶତପଥି ୧୨୬୬୨ ଏବଂ କଂଗ୍ରେସ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲା ୧୨୬୩୨ ଖଣ୍ଡ ଭୋଟ ପାଇଥିବାର ଜଣାଯାଇଛି । ବାରିପଦାର ଜନତା ବିଜେଡିକୁ ବିଜୟ ମୁକୁଟ ପିନ୍ଧାଇଛନ୍ତି । କୃଷ୍ଣାନନ୍ଦ ମହାନ୍ତି ପୂର୍ବରୁ ୨୦୦୪ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଜେଏମଏମରୁ ପୋରାଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ତେବେ ଆଜି କୃଷ୍ଣାନନ୍ଦ ବିଜୟ ତିଳକ ପିନ୍ଧିବା ପରେ ତାଙ୍କର ଏହି ବିଜୟ ପାଇଁ ବାରିପଦା ବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡିର ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡିକୁ ନିର୍ବାଚିତ କରିଥିବାରୁ ବାରିପଦା ବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଗାମୀଦିନରେ ବାରିପଦାର ସର୍ବାଙ୍ଗୀନ ଉନ୍ନତି ପାଇଁ ପୌରବାସୀଙ୍କୁ ଦିଆଯାଇଥିବା ପ୍ରତିଶୃତି ପୁରଣ କରାଯିବ ବୋଲି କହିଛନ୍ତି । ସେହିପରି ବାରିପଦା ପୌର ପାଳିକାରେ ମୋଟ ୨୮ ଟି ୱାର୍ଡ ଥିବା ବେଳେ, ବିଜେଡି ୨୨ଟି ୱାର୍ଡରେ ବିଜୟ ଲାଭ କରିଥିବା ବେଳେ, ୩ଟିୱାର୍ଡରେ ବିଜେପି ଓ ୩ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ତେବେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ୱାର୍ଡ ୧୭ ନମ୍ବର ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ କରୁଣାକର ହେମ୍ବ୍ରମ ବିଜେଡି ପ୍ରାର୍ଥୀ ବୀଣାପାଣି ସାହୁଙ୍କୁ ବହୁ ଭୋଟ ବ୍ୟବଧାନରେ ପରାସ୍ତ କରିଥିବାରୁ ଘଟଣାକୁ ନେଇ ବାରିପଦାରେ ଚର୍ଚ୍ଚା ଲାଗି ରହିଛି । ବିଜୟ ପରେ ଆଜି ସଂଧ୍ୟାରେ ବିଜେଡି ପକ୍ଷରୁ ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ, ବିଜୟୀ ପ୍ରାର୍ଥୀଙ୍କ ସହିତ ପୂର୍ବତନ ମନ୍ତ୍ରୀ ତ ଥା ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଏସ.ଡି.ସି. ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା କର୍ମୀ ଶୋଭାଯାତ୍ରାରେ ଯୋଗ ଦେଇଥିବାର ଦେଖା ଯାଇଛି ।

## ଗୋଟିଏ ଦିନରେ ୪୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୪୬୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୮୭୯ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୧୯ ରହିଛି । ଆଜି ଚିହ୍ନଟ ହୋଇଥିବା ୪୮ ଜଣଙ୍କ ମଧରୁ ୨୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲାରୁ ସବୁଠାରୁ ଅଧିକ ୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରୁ ୧. ବଲାଙ୍ଗୀର ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୭ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ୍ କଳାହାଣ୍ଡି ଜିଲ୍ଲାରୁ ଓ କନ୍ଧମାଳ ଜିଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଜଳେଶ୍ୱର ୨୭/୩ (ନି.ପ୍ର) : ଜଳେଶ୍ୱରର ସୀମାନ୍ତ ନଛିମପୁର ଗ୍ରାମ ପଂଚାୟତ ହାଇସ୍କୁଲର ଜନୈକ କର୍ମଚାରୀ କମଳ ଲୋଚନ ପାତ୍ରଙ୍କ ଅବସରରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ ଓ ମୁଖ୍ୟ ବକ୍ତାଭାବେ ସରପଂଚ ରାଜେଶ କୁମାର ଜେନା ଉପାନ୍ତ ଅଂଚଳରେ ଏହି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଅନନ୍ତ କୁମାର ଗିରି, ରବିନ୍ଦ୍ର ନାଥ ଗିରି, ଆଶିଷ କୁମାର ଦେ, ପୂର୍ଣ୍ଣଚନ୍ଦ୍ର ଦାସ, ଦୀନବନ୍ଧୁ ପ୍ରଧାନ, ଦିଲ୍ଲିପ ଗିରି, ପ୍ରଣବ ଦାସ, ରଘୁନାଥ ମହାନ୍ତି, ସମ୍ମାନୀତ ଅତିଥିଭାବେ ସୌରନ୍ଦ୍ର ନାରାୟଣ ଦେ, ବ୍ରଜେଶ୍ୱରୀ ଗିରି, ରାଜିବ ପ୍ରଧାନ, ଶିକ୍ଷକ କର୍ମଚାରୀ ଅଜୟ ଜେନା, ପ୍ରଫୁଲ୍ଲ ଗିରି, ପ୍ରଦୀପ ବାରିକ ଓ ବେଣୁଧର ପ୍ରଧାନ ପ୍ରମୁଖ ଯୋଗ ଦେଇ ଅବସର ଗ୍ରହଣ କରୁଥିବା କମଳ ଲୋଚନ ପାତ୍ରଙ୍କ ବହୁମୁଖୀ ପ୍ରତିଭା ଓ ଗୁଣାବଳି ସମ୍ପର୍କରେ ବଖାଣି ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ତରୀୟ, ଉପଢୌକନ ଦେଇ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୨ ଜଣ କରୋନାରୁ ସୁସ୍ଥ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୪୨ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏହା ସହ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ବଢ଼ି ୧୨୭୭୯୨୧ ହୋଇ ଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ସବୁଠାରୁ ଅଧିକ ୯ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରୁ ୭. ବାଲେଶ୍ୱର ଓ ଖୋର୍ଧା ଜିଲ୍ଲାରୁ ୫-୫ ଜଣ ସୁସ୍ଥ ହୋଇଛନ୍ତି । ଯାଜପୁର ଓ ମୟୂରଭଂଜ ଜିଲ୍ଲାରୁ ୪-୪ ଜଣ, ବରଗଡ ଓ କୋରାପୁଟ ଜିଲ୍ଲାରୁ ୨-୨ ଜଣ ସୁସ୍ଥ ହୋଇଛନ୍ତି । ସେହିପରି କଟକ, ଝାରସୁଗୁଡା, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବାଲେଶ୍ୱର,୨୭/୦୩ (ନି.ପ୍ର): ଯୋଗ ମହାବିଦ୍ୟାଳୟ 'ହେଲଦି ଲାଇଫ ନେଚର କିୟର ଏଣ୍ଡ ଯୌଗିକ ସାଇନ୍ସ'ର ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ସୁଶାନ୍ତ କୁମାର ସାହୁ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନିରୋଗ ସ୍ୱାସ୍ଥ୍ୟ ଓ ସୁସ୍ଥ ଶରୀର ଗଠନରେ ଯୋଗ ଓ ପ୍ରାଣାୟମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଏଥିରେ ଯୋଗ ରହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଏହି କର୍ମଶାଳାରେ ପୌରହିତ୍ୱ କରିବା ସହିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ୨ବର୍ଷିଆ ଯୋଗ ସ୍ନାତକୋତ୍ତର ପାଠ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।ଏହି ଅବସରରେ ଛାତ୍ରଛାତ୍ରୀମାନେ ମଣିଷର ଶରୀର ଓ ମନ ଉପରେ ଯୋଗର ପ୍ରଭାବକୁ ନେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ମମତା ମହାରଣା, ଶୀତଳା ଦାସ, ଅଧ୍ୟାପକ ମାଷ୍ଟର ଅଭିଷେକ ଦାସ ପ୍ରମୁଖ ଏହି କର୍ମଶାଳା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ବାଲିଆପାଳ ବଜାଜ ସୋରୁମ ପକ୍ଷରୁ ମେଗା ରକ୍ତଦାନ ଶିବିର



ବାଲିଆପାଳ, ୨୭/୦୩ (ନି.ପ୍ର): ବାଲିଆପାଳ ସିମୁଳିଆଛକ ଠାରେ ଅବସ୍ଥିତ ବଜାଜ ର ସୁଦ୍ଧୃତି ଅଟୋ ମୋବାଇଲ୍ସ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବଜାଜ ସୋରୁମ, ବାଲିଆପାଳ ହେଲଥ ସେ ର,ବି.ଏସ ମିଡିଆ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିର ରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଅଧିକାରୀ ସୁନୀଲ କୁମାର ପିଳା ଯୋଗଦେଇ ଶିବିରକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ ।ଅତିଥି ଭାବରେ ବାଲେଶ୍ୱର ରକ୍ତ ଭଣ୍ଡାର ଡାକ୍ତର ମହେଶ ଚନ୍ଦ୍ର ବିଶ୍ୱାଳ, ସୁବର୍ଣ୍ଣରେଖା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା, ସୁଦ୍ଧୃତି ଅଟୋ ମୋବାଇଲ୍ସ ର ପ୍ରପାଇଟର ସ୍ୱସ୍ତି ସୁନ୍ଦର ପିଳା, ବିଏସ ମିଡିଆର ନିର୍ଦ୍ଦେଶକ କୃଷ୍ଣ ବତ୍ସଳ ସାହୁ, ହେଲଥ ସେ ର ମୁଖ୍ୟ ଶ୍ରୀ ହରି ପ୍ରଧାନ, ସମାଜସେବୀ ମାତଙ୍ଗିନୀ ପିଳା, ଦେଉଳା ପ ।ୟତ ସରପ ସରୋଜ କୁମାର ପିଳା, ଏମ୍ପ୍ୟୁଟର ନିର୍ଦ୍ଦେଶକ ସାଗର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରିରରେ ମୋଟ ୧୦୩ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ଡାକ୍ତର ଶ୍ରୀ ବିଶ୍ୱାଳ ରକ୍ତଦାତା ମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିଥିବା ବେଳେ ଟେକନିସିଆନ ବସନ୍ତ ଜେନା, ରାଜେଶ ମିଶ୍ର , ସବନମ ଦାସ, ବିନୋଦ ବିହାରୀ ଦାସ, ବିଦ୍ୟାଧର ସାହୁ ପ୍ରମୁଖ ରକ୍ତସଂଗ୍ରହ କରିଥିଲେ । ସମାଜସେବୀ ବ୍ୟୋମକେଶ ସାହୁ, ସାମ୍ବାଦିକ ଉମାକାନ୍ତ ନାୟକ, ପଙ୍କଜ କୁମାର ସାହୁ, ତପନ ଦାସଙ୍କ ପ୍ରତକ୍ଷ ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ, ବଜାଜ ସୋରୁମର ଏସ କେ କମରୁଲ, ଅରୁଣ କୁମାର ସାହୁ, ସୁଜୟ କୁମାର ସାହୁ, ରାଜେଶ ହେମ୍ବ୍ରମ,ଚି ରଞ୍ଜନ ବାରିକ, ହରେନ୍ଦ୍ର ଦାସ, ହେଲଥ ସେ ର ର ସନାତନ ସିଂ, ସୁନୀଲ ପ୍ରଧାନ, ରୁବିନା କନ୍ଦେଇ, ସ୍ନିଗ୍ଧା ରଣଜିତ, ଦେବେନ୍ଦ୍ର ନନ୍ଦୀ, ପ୍ରମିଳା ଗିରି, ଗୀତାଞ୍ଜଳୀ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ସାହୁ, ନମିତା ବାରିକ, ହରିଶଙ୍କର ରଣା, ବିଶ୍ୱେଶ୍ୱର ଗିରି, ବିଏସମିଡିଆର କାଶୀନାଥ ମୁଖୀ, ଶଙ୍କର ମାଝୀ, ଫାଲ୍ଗୁନି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଭଦ୍ରକରେ ଟାଇକୋଣ୍ଡୋ କଲର ବେଲ୍ଟ ଓ ବ୍ଲାକ ବେଲ୍ଟ ଟେଷ୍ଟ




ଭଦ୍ରକ, ୨୭/୦୩ (ନି.ପ୍ର): ଟାଇକୋଣ୍ଡୋ ଆସୋସିଏସନ ଅଫ୍ ଭଦ୍ରକ(ଟାବ୍) ଆନୁକୂଲ୍ୟରେ ଏକ କଲର ବେଲ୍ଟ ଟେଷ୍ଟ ଓ ବ୍ଲାକ ବେଲ୍ଟ ଟେଷ୍ଟ କାରମେଲ ସ୍କୁଲ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। କରୋନା ହେତୁ ବିଗତ ୩ଟି ଋତୁରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ବନ୍ଦ ରହିଥିବାବେଳେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲା ଟାଇକୋଣ୍ଡୋ ପରିବାରରେ ଖୁସିର ଲହରି ଥିଲା। ମୋଟ ୧୧୦ଜଣ ଶିକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ ଓ ଏମାନଙ୍କ ମଧ୍ୟରୁ ୭୧ଜଣ ସଫଳତା ପାଇଥିଲେ। ପରୀକ୍ଷା ପରିଚାଳନା କରିଥିଲେ ଟାଇକୋଣ୍ଡୋ ଆସୋସିଏସନର ସାଧାରଣ ସଂପାଦକ ରବିନାରାୟଣ ପାଣିଗ୍ରାହୀ ଏବଂ ସହଯୋଗ କରିଥିଲେ କଟକ ଟାଇକୋଣ୍ଡୋର ସଂପାଦକ ସୁଧାକର ଜେନା, ଢ଼େଙ୍କାନାଳର ସଂପାଦକ ସୌମ୍ୟକାନ୍ତ ବେଉରା, ପ୍ରଶିକ୍ଷକ ରାଜେନ୍ଦ୍ର ବେହେରା, ବିଶ୍ୱନାଥ ବରାଳ ଓ ବାଲେଶ୍ୱରର ଟାଇକୋଣ୍ଡୋ ପ୍ରଶିକ୍ଷକ ଆଦ୍ୟାଶା ଦାସ ଓ ପଦ୍ମଲୋଚନ ସିଂ। ମଧାହ୍ନରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ଟାଇକୋଣ୍ଡୋ ଆସୋସିଏସନ ଓଡିଶାର କାର୍ଯ୍ୟକାରୀ ସଭାପତି ଅଧାପକ ବିଜୟ କୁମାର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବରିଷ୍ଠ ଆଇନ୍‌ଜୀବୀ ଯତିକାନ୍ତ ନାୟକ ଯୋଗଦେଇଥିବାବେଳେ ଓଡିଶା ବାର୍‌କାଉନ୍‌ସିଲ ସଦସ୍ୟ ପବନ ଶର୍ମା, ବେଦାନ୍ତ ଫେକର ର ଚିଫ୍ ଫାଇନାନ୍ସ ଅଫିସର ଆନନ୍ଦ ଦୁବେ, କାରମେଲ ସ୍କୁଲ ଅଧକ୍ଷା ସିଷ୍ଟର ବିନିତା, ଜ୍ୟୋତି କନ୍‌ଭେଣ୍ଟ ଅଧକ୍ଷ ଫାଦର ଆଲେକ୍ସ, ତାଓ ଯୁଗ୍ମ ସଂପାଦକ ପ୍ରଫେସର ଯୋଗେଶ୍ୱର ମହନ୍ତ, କୋଷାଧକ୍ଷା ସଂଘମିତ୍ରା ଦାସ, ତାଓ ସଦସ୍ୟ ବିଦ୍ୟାଧର ବାରିକ, ମାରୱାଡି ଯୁବାମଞ୍ଚ ସଦସ୍ୟ ବିଶାଳ ଗୋପାଲ ଲଖାନୀ ଓ ଇଂ. ଅନୁପମ ଜେନା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଟାବ୍ ର ସାଧାରଣ ସଂପାଦକ ସଂଗ୍ରାମ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକର ଟାଇକୋଣ୍ଡୋ ପ୍ରଶିକ୍ଷକ ଧନେଶ୍ୱର ଜେନା, ତାରିଣୀ ସାହୁ ଓ ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଟାଇକୋଣ୍ଡୋ ଆସୋସିଏସନ ଅଫ୍ ଓଡିଶାର ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କାର୍ଯ୍ୟକାରି ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଅଧକ୍ଷତା କରିଥିବାବେଳେ ବିଭିନ୍ନ ଜିଲ୍ଲାର ସଂପାଦକ ମାନେ ଯୋଗଦେଇଥିଲେ। ଡିସେମ୍ବର ମାସରେ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଭଦ୍ରକରେ ଆୟୋଜନ କରିବାପାଇଁ ଏବଂ ଭାରତୀୟ ଟାଇକୋଣ୍ଡୋର ଜନକ ତଥା ଟାଇକୋଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆର ସେକ୍ରେଟାରି ଜେନେରାଲ ଜିମ୍ମୀ ଜାଗତିଆନୀଙ୍କୁ ଅତିଥି ରୂପେ ନିମନ୍ତ୍ରିତ କରିବାପାଇଁ ସାଧାରଣ ସଂପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରସ୍ତାବ ଦେଇଥିଲେ ଏବଂ ଏହାକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଯୁଗ୍ମ ସଂପାଦକ ପ୍ରଫେସର ଯୋଗେଶ୍ୱର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ନମ୍ବର ୱାର୍ଡରେ ପୁରୁଖା ବିଜେଡି ନେତାଙ୍କୁ ହରାଇଲେ ସାମ୍ବାଦିକ



ବାରିପଦା, ୨୭/୦୩ (ନି.ପ୍ର): ବାରିପଦା ପୌର ନିର୍ବାଚନରେ ୱାର୍ଡନଂ ୩ରୁ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ କାଉନସିଲର ବିଶିକେଶନ ପଟ୍ଟନାୟକ ନିର୍ବାଚନ ଲଢୁଥିବା ବେଳେ, ତାଙ୍କୁ ଟକ୍କର ଦେଇ ବିଜୟ ଲାଭ କରିଛନ୍ତି ବିଜେପି ଦଳକର ନବାଗତ ପ୍ରାର୍ଥୀ ଯୁବ ସାମ୍ବାଦିକ ରାଜ ଗୁପ୍ତା । ତେବେ ଏକାକୁ ନେଇ ବାରିପଦାରେ ଚର୍ଚ୍ଚା ଲାଗିରହିଥିବା ବେଳେ, ବିଜୟୀ ପ୍ରାର୍ଥୀ ରାଜ ଗୁପ୍ତା ଜଣେ ସାମ୍ବାଦିକ ଭାରେ କାର୍ଯ୍ୟ କରୁଛନ୍ତି । ତେବେ ରାଜନିତିରେ ନବାଗତ ରାଜ ୱାର୍ଡରେ ବିଜୟ ଶୋଭାଯାତ୍ରାରେ ଯାଇ ୱାର୍ଡବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବାଲେଶ୍ୱର, ସୋମବାର, ୨୮ ମାର୍ଚ୍ଚ, ୨୦୨୨
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ବିଶ୍ୱ ନାଟ୍ୟ ଦିବସରେ 'ଶୋଭା' ପକ୍ଷରୁ ମଞ୍ଚସ୍ଥ 'ଭଲ ମଣିଷ'

ବାଲେଶ୍ୱର,୨୭/୦୩ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଶୋଭା' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ପାଳିତ ହୋଇଯାଇଛି ।ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପରିବେଶିତ ହୋଇଥିଲା ନାଟକ 'ଭଲ ମଣିଷ'। ଏକ ବସ୍ତୁବାଦୀ ସମାଜରେ ଭଲ ମଣିଷଟିଏ ଖୋଜି ବାହାର କରିବା କଷ୍ଟସାଧ ବ୍ୟାପାର ହୋଇଥିବା ବେଳେ ଭଲ ମଣିଷର ଜୀବନ ଯେ କେତେ ଦୁର୍ବିସହ ତାହା କଳ୍ପନାର ବାହାରେ। ଅତ୍ୟାଚାର ଓ ଶୋଷଣରେ ଜର୍ଜରିତ ସେହି ଭଲ ମଣିଷଟି ସମାଜରେ ନିଜକୁ ଅସହାୟ ମନେକରେ। ପରିବାରଠାରୁ ସମାଜ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଏହି ଭଲ ମଣିଷଟି ସମସ୍ତଙ୍କ ପାଖରେ ହୋଇଥାଏ ଅବହେଳିତ। ତଥାପି ତା'ର ନଥାଏ ଦ୍ୱଧା ବା ଆବିଳତା। ବଦଳିନଥାଏ ତା'ର ଦୃଷ୍ଟିଭଙ୍ଗୀ। ପରକୁ ଆପଣାର କରିବାରେ ସେ ଥାଏ ସର୍ବଦା ଚେଷ୍ଟିତ। ଏହିଭଳି ଏକ ପାରିବାରିକ କାହାଣୀକୁ ନେଇ 'ଶୋଭା' ପକ୍ଷରୁ ମଞ୍ଚସ୍ଥ ହୋଇଛି ନାଟକ 'ଭଲ ମଣିଷ'। ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସିଦ୍ଧାର୍ଥ ସାରଥି ଦାସ ସଭାପତିତ୍ୱ କରିଥିବା ବେଳେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ଓ ନାଟ୍ୟାନୁଷ୍ଠାନ 'କଳାକାର'ର ମୁଖ୍ୟ ସୁରଞ୍ଜନ ଦାସମହାପାତ୍ର ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱନାଟକ ଦିବସର ଆଭିମୁଖ୍ୟ ଓ 'ଶୋଭା'ର ନାଟ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଲକ୍ଷ୍ମୀ ଘୋଷ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଗୁରୁ ନନ୍ଦ କିଶୋର ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ନାଟକ 'ଭଲ ମଣିଷ'ରେ ନିର୍ଦ୍ଦେଶନା ଦେଇଥିଲେ ଅର୍ଣ୍ଣବ କୁମାର କର। ରମାକାନ୍ତ ଦାସ ଗୀତ ରଚନା କରିଥିଲେ ଓ ଗୁରୁ ନନ୍ଦ କିଶୋର ଦାସ ସଂଗୀତ ନିର୍ଦ୍ଦେଶନା ସହ ସଂଗୀତ ପରିଚାଳନା ମଧ୍ୟ କରିଥିଲେ। ଅଜୟ କୁମାର ଆଚାର୍ଯ୍ୟ ଆଲୋକ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ମହାପାତ୍ର ଓ ଲକ୍ଷ୍ମୀ ଘୋଷ ମଞ୍ଚ ପରିଚାଳନା କରିଥିଲେ।

## ୩ ବଗି ଛାଡି ଚାଲିଗଲା ଫଲକନାମା ଏକ୍ସପ୍ରେସ୍ : ଯାତ୍ରୀ ଭୟଭୀତ

ଜଳେଶ୍ୱର, ୨୭/୩ (ନି.ପ୍ର) : ରେଳବାଇ ବିଭାଗର ଉଦାସୀନତା ଯୋଗୁଁ କେତେକ ତ୍ରୁଟି ପରିଲକ୍ଷିତ ହେଉଛି। ଫଳରେ ଯାତ୍ରୀମାନେ ରେଳ ଯାତ୍ରାକୁ ସୁରକ୍ଷିତ ମନେ କରୁ ନାହାନ୍ତି । ଆତଙ୍କିତ ଅବସ୍ଥାରେ ଆଜି କେତେକ ଯାତ୍ରୀ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଘଟଣାରୁ ପ୍ରକାଶ ହାଓ୍ୱଡାରୁ-ସିକନ୍ଦରାବାଦ ଫଲକନାମା ଏକ୍ସପ୍ରେସ୍ ଅନ୍ୟଦିନ ପରି ନିର୍ଦ୍ଦିଷ୍ଟ ସମୟରେ ହାଓଡାରୁ ଯାତ୍ରା କରିଥିଲା । କିନ୍ତୁ ଏହି ଟ୍ରେନ୍‌ଟି ଉପାନ୍ତ ପଶ୍ଚିମବଂଗର ବେଲଦା ଷ୍ଟେସନଠାରେ ଛିଡା ହୋଇଥିଲା । ପରେ ଗାଡି ଯାତ୍ରା ଆରମ୍ଭ କଲା ବେଳକୁ ଏହାର ଗୋଟିଏ ଶୀତତାପ ନିୟନ୍ତ୍ରଣ ଓ ଅନ୍ୟ ୨ଟି ସାଧାରଣ ବଗି ବିଚ୍ଛିନ୍ନ ହୋଇଥିଲା । ପରେ ୩ଟି ବଗି ଆସ୍ତେ ଆସ୍ତେ ରେଳ ଧାରଣାରେ ଗଡୁଥିବା ବେଳେ ଇଞ୍ଜିନ ସହିତ ଅନ୍ୟ ବଗି ଗୁଡିକ ପ୍ରାୟ ୨ କି.ମି. ଗଡି ଯାଇଥିଲା । ପରେ ରେଳ ଚାଳକ ଏହା ଜାଣିପାରି ଗଡିକୁ ଅଟକାଇ ରେଳ ଗାଡ ସହିତ ଯୋଗାଯୋଗ କରିଥିଲେ। ରେଳ କଣ୍ଟ୍ରୋଲର ନିର୍ଦ୍ଦେଶ କ୍ରମେ ଏହି ଗାଡିଟି ପୁଣି ବେଲଦା ଷ୍ଟେସନ ପର୍ଯ୍ୟନ୍ତ ଫେରିଆସି ଛାଡିଯାଇଥିବା ୩ଟି ବଗି ସହିତ ପୁଣି ସିକନ୍ଦରାବାଦ ଅଭିମୁଖେ ଯାତ୍ରା କରିଥିଲା। ବିଛିନ୍ନ ହୋଇଥିବା ୩ଟି ବଗିର ଯାତ୍ରୀମାନେ ଓ ଗାଡି ସାହେବ ଭୟଭିତ ହୋଇଥିଲେ।

## ଜିଲ୍ଲା ଓକିଲ ସଂଘର ନିର୍ବାଚନ : ପ୍ରଦୀପ ରଥ ସଭାପତି ଓ ବିପ୍ଳବ ବାରିକ ସମ୍ପାଦକ ନିର୍ବାଚିତ

ବାରିପଦା, ୨୭/୦୩ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇ ଥିବା ବେଳେ ସଂଘର ସଭାପତି, ଉପ-ସଭାପତି, ସମ୍ପାଦକ, ଯୁଗ୍ମ-ସମ୍ପାଦକ ପ୍ରଶାସନିକ, ଯୁଗ୍ମ-ସମ୍ପାଦକ ପାଠାଗାର ଏବଂ କୋଷାଧକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇଛି । ତେବେ ଫଳାଫଳ ଅନୁଯାୟୀ ନୂତନ ଭାବେ ପ୍ରଦୀପ କୁମାର ରଥ ୩୫୦ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ଉପ-



ସଭାପତି ଭାବରେ ସତ୍ୟବ୍ରତ ମହାନ୍ତି, ସମ୍ପାଦକ ଭାବରେ ବିପ୍ଳବ କୁମାର ବାରିକ, ଯୁଗ୍ମ-ସମ୍ପାଦକ ପ୍ରଶାସନିକ ଆସନରେ କୃଷ୍ଣଚନ୍ଦ୍ର ମହାନ୍ତି ଏବଂ ଯୁଗ୍ମ-ସମ୍ପାଦକ ପାଠାଗାର ଆସନରେ ମୃତ୍ୟୁଞ୍ଜୟ ସିଂହ, କୋଷାଧକ୍ଷ ଭାବରେ ଅରବିନ୍ଦ ସାହୁ ନିର୍ବାଚିତ ହୋଇ ଥିବାର ଜଣା ଯାଇଛି । ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

## ନାମ୍ପୋ ଉଚ୍ଚ ବିଦ୍ୟାଳୟରୁ ବେଆଇନ୍ ଗଛକଟା : ଅଭିଭାବକଙ୍କ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର ୨୭/୩ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରୁ ବେଆଇନ୍‌ଭାବେ ଗଛକଟା, ଭଂଗା ଇଟା ବିକ୍ରିକରିବା ଇତ୍ୟାଦି ଅଭିଯୋଗରେ ଆଜି କେତେକ ଅଭିଭାବକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି । ଏବେ ବିଦ୍ୟାଳୟରେ ୫ଟି ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସ୍କୁଲ ପରିସରରୁ ଗଛକଟା ସଂପର୍କରେ ପୂର୍ବତନ ଛାତ୍ରସଂଘ ବିଭିନ୍ନ ଅଭିଯୋଗ ଆଣିଛନ୍ତି । ଏଥିରେ ଉପସ୍ଥିତ ଗୋପାଳ କୃଷ୍ଣ ଜେନା, ବିଦ୍ୟୁଭୂଷଣ ଦାସ, ଅକ୍ଷୟ କୁମାର ଜେନା, ସେକ୍ ଅବଦୁଲ ସାଦ୍ଦିକ, ଜୟଶ୍ରୀ ଜେନା, ନିର୍ମଳ ଲୋଚନ ଭୂୟାଁ, ପ୍ରଫୁଲ୍ଲ କୁମାର



ଦାସ, ପ୍ରଶାନ୍ତ କୁମାର ହେମ୍ବ୍ରମ, କନ୍ଦା ମାରାଣ୍ଡି, କାଜଲ ହେମ୍ବ୍ରମ, କାହ୍ନୁଚରଣ ଦାସ, ସୁଶାନ୍ତ ଦାସ ଅଧିକାରୀ, ତାରାକାନ୍ତ ଦାସ, ଆନୁଆର୍ ସାହା ପ୍ରମୁଖ ଉପସ୍ଥିତ ରହି ଭଂଗା ଯାଇଥିବା ବିଦ୍ୟାଳୟ କୋଠରୀର ଘରତିଆରୀ ସାମଗ୍ରୀ ବିକ୍ରି ଓ ବିଭିନ୍ନ ଗଛ କଟାଯାଇଥିବା ବେଆଇନ୍ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସେମାନେ ଜଂଗଲ ବିଭାଗ, ଶିକ୍ଷା ବିଭାଗ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଥିଲେ। ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆସନ୍ତା ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଓଡ଼ିଶା ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନିୟର୍ସ ସଂଘର ସାଧାରଣ ସମ୍ମେଳନ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଓଡ଼ିଶା ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନ୍ୟର୍ସ ସଂଘର ବାର୍ଷିକ ଅଧିବେଶନ ସଂଘର ସଭାପତି ଲାୟନ ଇଂ. ବିପିନ ବିହାରୀ ନାୟକଙ୍କ ଅଧକ୍ଷତାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଅଭାବ ଅସୁବିଧା ସାଙ୍ଗକୁ ପ୍ରାକୃତିକ ଦୁର୍ବିପାକ ଏବଂ ସର୍ବୋପରି ମହାମାରୀ କରୋନା ରାଜ୍ୟକୁ ଆଉଟୁ ପାଉଟୁ କରିଛି, ଫଳରେ ରାଜ୍ୟ କୁଖ୍ୟାତି ଅର୍ଜନ କରିଛି। ଦରଦାମ ବୃଦ୍ଧି ଯୋଗୁ ମିଳୁନି ପର୍ଯ୍ୟାପ୍ତ କାମ। କାମ ନ ମିଳିବାରୁ ଶ୍ରମିକମାନେ ନିଜର ଜୀବିକା ହରାଇ ବସିଛନ୍ତି ଯାହାକୁ ନେଇ ସଂଘ ତରଫରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା ଏବଂ ମେହେନତୀ ମଣିଷର ରୋଜଗାର ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ୨୦୨୨-୨୩ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତା ନିର୍ବାଚନ କରାଯାଇଥିଲା। ସଂଘର ନୂତନ ବର୍ଷର କର୍ମକର୍ତା ଭାବରେ ପୃଷ୍ଠପୋଷକ ସର୍ବଶ୍ରୀ ଇଂ ସାରଦା ପ୍ରସାଦ ମହାନ୍ତି, ଉପଦେଷ୍ଟା ଦର୍ପନାରାୟଣ ଦାସ, ସଭାପତି ଲାୟନ ଇଂ ବିପିନ ବିହାରୀ ନାୟକ, ଉପସଭାପତି ଶିବ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଡ଼ମ୍ବରୁଧର କବି, ଅର୍ଥ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ସଂଗଠନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ସଂଘ ମୁଖପତ୍ରର ସମ୍ପାଦକ ଭାବେ ପ୍ରଭାତ କୁମାର ମହାପାତ୍ର ଏବଂ ସହ ସମ୍ପାଦକ ଭାବେ ସମୀର ପାଣି ନିର୍ବାଚିତ ହୋଇଥିଲେ।

## ଆଣବିକ ଶକ୍ତି ବିଭାଗର ଜନସମ୍ପର୍କ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାରିପଦା, ୨୭/୦୩ (ନି.ପ୍ର): ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଆଣବିକ ବିଜ୍ଞାନ ଗବେଷଣା ପରିଷଦ ଦ୍ୱାରା 'ଆଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ସାମାଜିକ ଆବେଦନ' ଶୀର୍ଷକ ଜନସମ୍ପର୍କ କାର୍ଯ୍ୟକ୍ରମ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ସମାରୋହରେ ଭାବା ପରମାଣୁ ଗବେଷଣା କେନ୍ଦ୍ରର ତରଙ୍ଗ ରସାୟନ ବିଭାଗର ନିର୍ଦ୍ଦେଶକ ତଥା ଭାରତୀୟ ଆଣବିକ ରସାୟନ ବିଜ୍ଞାନୀ ଓ ସହଯୋଗୀ ବୈଜ୍ଞାନିକ ସଂଗଠନର ସଭାପତି ଡ. ପି.କେ. ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ଅଧକ୍ଷତା କରିଥିଲେ । ଭାବା ପରମାଣୁ ଗବେଷଣା କେନ୍ଦ୍ର, ଆଣବିକ ବିଜ୍ଞାନ ଗବେଷଣା ପରିଷଦ, ପଦାର୍ଥ ବିଜ୍ଞାନ ଅନୁଷ୍ଠାନ, ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନର ଆଣବିକ ବିଜ୍ଞାନୀଗଣ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଡ. ପି. କେ. ପୂଜାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ରର ଆନ୍ତରୀଣ ବିତ୍ତୀୟ ପରାମର୍ଶଦାତା ଶ୍ରୀ ଶୈଳେଶ କୁମାର ଜାଖୋଟିଆ, ଆଣବିକ ବିଜ୍ଞାନ ଗବେଷଣା ପରିଷଦର ବୈଜ୍ଞାନିକ ସଚିବ ଶ୍ରୀ ଏମ୍. କେ. ସାପ୍ରା, ପଦାର୍ଥ ବିଜ୍ଞାନ ଅନୁଷ୍ଠାନର କୁଳସଚିବ ଶ୍ରୀ ରଷି କୁମାର ରଥ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି, ଭାବା ପରମାଣୁ ଗବେଷଣା କେନ୍ଦ୍ରର ତରଙ୍ଗ ରସାୟନ ବିଭାଗର ବୈଜ୍ଞାନିକ ଅଧିକାରୀ ଡ. ରଘୁନାଥ ଆଚାର୍ଯ୍ୟ, ସ୍ଥାନୀୟ କାର୍ଯ୍ୟକାରୀ ସମ୍ପାଦକ ଡ. ଆଶିଷ କୁମାର ଜେନା ପ୍ରମୁଖ ଭାଗନେଇଥିଲେ । ଏହି ଆଲୋଚନା ଚକ୍ରରେ ବକ୍ତାମାନେ ଆଣବିକ ଗବେଷଣାକୁ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧିକରୁ ଅଧିକ ଗୁରୁତ୍ୱଦେବା ସହ ଧାରଣକ୍ଷମ କରିବା ଉପରେ ମତପ୍ରକାଶ କରିଥିଲେ । ଦୁଇଦିନ ଧରି ଚାଲିଥିବା ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ଶୁକ୍ରବାର ଦିନ ମୟୂରଭଞ୍ଜ ଜିଲ୍ଲାର କୃଷକ ମାନଙ୍କ ସହ ଡ. ଅଜିତ କୁମାର ମହାନ୍ତି ଓ ଅନ୍ୟ ବୈଜ୍ଞାନିକଗଣ କୃଷି କ୍ଷେତ୍ରରେ ଆଣବିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗାତ୍ମକ ଦିଗଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଏହି ବୈଜ୍ଞାନିକ ପ୍ରତିନିଧି ମଣ୍ଡଳୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପରିଦର୍ଶନ କରି ଅଧ୍ୟାପକ ଅଧ୍ୟାପିକା ତଥା ଗବେଷକ ଛାତ୍ରଛାତ୍ରୀଙ୍କ ସହିତ ମତ ବିନିମୟ କରିଥିଲେ ।

## ରାଜ୍ୟର ୭ ସ୍ଥାନରେ ୪୦ ଡିଗ୍ରୀ ଉପରେ ତାପମାତ୍ରା, ସମ୍ବଲପୁର ସବୁଠାରୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ରବିବାର ଦିନ ରାଜ୍ୟର ୭ଟି ସହରର ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ବା ତା'ଠୁ ଅଧିକ ରେକର୍ଡ କରାଯାଇଛି। ସମ୍ବଲପୁରରେ ସବୁଠୁ ଅଧିକ ତାପମାତ୍ରା ୪୦.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନର ତାପମାତ୍ରାରେ ବିଶେଷ ପରିବର୍ତନ ହେବାର ସମ୍ଭାବନା ନାହିଁ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଉମାଶଙ୍କର ଦାସ । ତେବେ ଆଗାମୀ ୨୪ ଘଂଟାରେ ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷାର ସମ୍ଭାବନା ରହିଥିବା ସେ କହିଛନ୍ତି । । ଆସନ୍ତାକାଲି ଅର୍ଥାତ୍ ୨୮ ତାରିଖରୁ ମାର୍ଚ୍ଚ ୩୧ ତାରିଖ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ସମ୍ବଲପୁର ପରେ ବୌଦ୍ଧଠାରେ ୪୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗିରରେ ୪୦.୪, ଝାରସୁଗୁଡ଼ାରେ ୪୦.୪ ଓ ହୀରାକୁଦରେ ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ବାରିପଦା ଓ ତାଳଚେରରେ ଆଜି ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି ।

## ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ କବିତା ଗ୍ରନ୍ଥ ଲୋକାର୍ପିତ

ବାଲେଶ୍ୱର, ୨୭/୦୩ (ନି.ପ୍ର): କବିତା କେତେବେଳେ ବ୍ୟଞ୍ଜନାଧର୍ମୀ ହୋଇ ସାଧାରଣ ଅର୍ଥ ବ୍ୟତିରେକେ ଭିନ୍ନ ଅର୍ଥଟିଏ ସୃଷ୍ଟି କରିଥାଏ ତ କେତେବେଳେ ସମାଜ ଜୀବନ ସହିତ ଜଡ଼ିତ ହୋଇ ସାମାଜିକ ବାସ୍ତବତାକୁ ବିଷୟବସ୍ତୁରେ ସଂଲଗ୍ନ କରିଥାଏ। କବିତା କେତେବେଳେ ତାର ବର୍ଣ୍ଣନାଚାତୁରୀରେ ପାଠକଙ୍କ ମନ ମୋହିବାକୁ ଚେଷ୍ଟା କରିଥାଏ ତ କେତେବେଳେ ଛନ୍ଦ ଓ ଲଳିତ ପଣରେ ସମସ୍ତଙ୍କୁ ବିଭୋର କରିଦିଏ। କବିତାର ଏହି ସମସ୍ତ ବିଭବ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କର 'କେଉଁଠି ଖୋଜିବି ତାକୁ' କବିତା ଗ୍ରନ୍ଥକୁ ଆବୋରି ବସିଛି ବୋଲି ଗ୍ରନ୍ଥର ଲୋକାର୍ପଣ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ।



ଫକୀରମୋହନ ସାହତ୍ୟ ପରିଷଦ ତରଫରୁ ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ପାଲାଗାୟକ ଭୋଳାନାଥ ତ୍ରିପାଠୀ ଗ୍ରନ୍ଥଟିକୁ ଉନ୍ମୋଚନ କରିବା ସହ ପ୍ରାଚୀନ ଓ ସାମ୍ପ୍ରତିକ କବିତା ମଧ୍ୟରେ ଥିବା ସାମଞ୍ଜସ୍ୟକୁ ପ୍ରଦର୍ଶନ କରି ଡ.ତ୍ରିପାଠୀଙ୍କର କବିତାକୁ ଉନ୍ନତ ମାନର ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଦେବକାନ୍ତ ଗଙ୍ଗାବାରଣ ଦାସ ଅତିଥି ଭାବରେ ଯୋଗଦାନ କରିଥିଲେ। କବି ଶ୍ରୀଦେବ ଆଧୁନିକ ଇଂରାଜୀ ଓ ଓଡ଼ିଆ କବିତାର ସାମ୍ପ୍ରତିକ ପରିପ୍ରେକ୍ଷୀରେ ପ୍ରଯୁକ୍ତ ଶୈଳୀ ସମ୍ପର୍କୀୟ ଆଲୋଚନା କରିଥିବାବେଳେ ନିବାରଣ ଜେନା ପାଠକଙ୍କ ମନକୁ ଛୁଇଁ ପାରୁଥିବା କବିତାମାନ ଉଦ୍ଧାର କରିଥିଲେ। କବି ଗଙ୍ଗାଧର ବିଶ୍ୱାଳ କବିଙ୍କ ରଚନାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଓ ପ୍ରତିଭାଶ୍ରୀ ମୁଖ୍ୟ ପ୍ରଶାନ୍ତ ଦାସ ଗ୍ରନ୍ଥଟିର କାବ୍ୟ ସୌନ୍ଦର୍ଯ୍ୟକୁ ଚମତ୍କାର ବୋଲି ବର୍ଣ୍ଣନା କରିଥିଲେ। ଗ୍ରନ୍ଥର ରଚୟିତା ଡ.ତ୍ରିପାଠୀ କବିତା ଗୁଡ଼ିକର ସୃଷ୍ଟି କୌଶଳ ଓ ରଚନାର ଉଦ୍ଦେଶ୍ୟକୁ ପ୍ରକାଶ କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ, ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡ.ହେମମାଳା ଦାଶ ଧନ୍ୟବାନ ଅର୍ପଣ କରିଥିଲେ।

## ୩୦ରୁ ଭୁଜାଖିଆ ପୀର ବାବାଙ୍କ ୩ଦିନିଆ 'ଉର୍ଷ'

ବାଲେଶ୍ୱର,୨୭/୦୩ (ନି.ପ୍ର): ବାଲେଶ୍ୱରର ଭାଇଚାରାର ପ୍ରତୀକ ବାବା ଭୁଜାଖିଆ ପୀରବାବାଙ୍କ ୭୮ତମ ବାର୍ଷିକ ଉତ୍ସବ 'ଉର୍ସ' ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୁନହଟସ୍ଥିତ ବାବାଙ୍କ ଆସ୍ଥାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ସାହିରୁଲ ହକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ଜିଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଟାଉନଥାନା ଅଧିକାରୀ ଗୋପାଳକୃଷ୍ଣ କର୍ଣ୍ଣ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଯୁବ ସଂଗଠକ ଭାଗବତ ସାହୁ, ବାଲେଶ୍ୱର ପୌର ପରିଷଦର ନବ ନିର୍ବାଚିତ କାଉନସିଲର ଶେଖ ଆୟୁବ, ରୋଜାଲିନ ପାଣି, ଅମିତ କୁମାର ନାୟକ, ଭୁଜାଖିଆ ପୀର ପରିଚାଳନା କମିଟି ସଭାପତି ଶେଖ ଅବଦୁଲ ରଫିକ, ଇକ୍ତେଖାବ୍ ଅଲ୍ଲି ଖାନ, ଶେଖ ଅନସର ଅଲ୍ଲି, ବିଶ୍ୱନାଥ ଦାସ, ଶେଖ ଅବଦୁଲ ବୁରହାନ ପ୍ରମୁଖ ଏଥିରେ ଯୋଗଦେଇ ବାବାଙ୍କ ଉର୍ସର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇବର୍ଷର କରୋନା କଟକଣା ପରେ ଚଳିତ ବର୍ଷ ଉର୍ସକୁ ବିଶେଷ ଆକର୍ଷଣୀୟ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା। ଭାଇଚାରାର ପ୍ରତୀକ ଭାବେ ଭୁଜାଖିଆ ବାବାଙ୍କର ବାର୍ଷିକ ଉତ୍ସବ ବାଲେଶ୍ୱର ସହର ପାଇଁ ବେଶ ଗୁରୁତ୍ୱ ବହନ କରି ଆସୁଥିବା ବେଳେ ଏହାକୁ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାରେ ପାଳନ ଉପରେ ସମସ୍ତ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୩୦ ତାରିଖରୁ ଅପ୍ରେଲ ୧ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବରେ ପ୍ରଥମ ଦିନ ଗୋସଲ କାର୍ଯ୍ୟକ୍ରମ, ଚନ୍ଦନ ଶୋଭାଯାତ୍ରା, ସଂଧ୍ୟାରେ ମିଲାଦି ସରିଫ ସହ ରାତିସାରା ଶବିନା କାର୍ଯ୍ୟକ୍ରମ ଜାରି ରହିବ। ସେହିପରି ୨ୟ ଦିବସରେ ସାମୂହିକ କୋରାନ୍ ପାଠ ସାଙ୍ଗକୁ ବାବାଙ୍କ ଆସ୍ତାନରେ ଚଦର ଚଢ଼ାଇବା କାର୍ଯ୍ୟକ୍ରମ ରାତି ପର୍ଯ୍ୟନ୍ତ ଜାରି ରହିବ। ଏଥି ସହିତ ଫାତେହା ଓ ଶିରଣୀ ବିତରଣ, ଲଙ୍ଗର ଆଦି ଅନୁଷ୍ଠିତ ହେବ। ରାତି ୯ଟାରୁ ବିଶିଷ୍ଟ ମୌଲବୀଙ୍କ ଦ୍ୱାରା ଧର୍ମ ଆଲୋଚନା କାର୍ଯ୍ୟକ୍ରମ ମଧ୍ୟ ରହିଛି। ତୃତୀୟ ଦିବସରେ ସକାଳଠାରୁ ରାତିସାରା ବାବାଙ୍କ ଆସ୍ତାନରେ ଚାଦର ଚଢ଼ା, ଫତେହା ଓ ଶିରଣୀ ବିତରଣ ଓ ମୌଲବୀଙ୍କ ଦ୍ୱାରା ବକ୍ତୃତା କାର୍ଯ୍ୟକ୍ରମ ଓ କବିତା ପାଠ ପର୍ବ ଅନୁଷ୍ଠିତ ହେବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଗୋଚର ଜାଗାରେ ମିଶନଶକ୍ତି ଗୃହନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାଲିଆପାଳ, ୨୭/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଂଚାୟତ ଦେଉଳା ହାଟପଡିଆରେ ବେଆଇନ ଭାବେ ନିର୍ମାଣ ହେଉଥିବା ଏକ ମିଶନ ଶକ୍ତି ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧକରି ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଛନ୍ତି । ତେବେ ଏହି ମାମଲା କୋର୍ଟରେ ବିଚରାଧୀନଥିବା ବେଳେ କନିଷ୍ଠଯନ୍ତ୍ରୀ କିଛି ମୁଷ୍ଟିମେୟ ଲୋକଙ୍କୁ ଲଗାଇ ଜୋରଜବରଦସ୍ତ ଏହାର କାମକରୁଛନ୍ତି ।ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହ କୋର୍ଟ ଫଇସଲା ନହେବା ପର୍ଯ୍ୟନ୍ତ କାମ ବନ୍ଦ କରାନଗଲେ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗ ମୁତାବକ ଦେଉଳା ଗ୍ରାମର ୮୨୩ ଖାତା ପ୍ଲଟ ନମ୍ବର ୨୧୯୨ ଗୋଚର ଜାଗାରେ ଦୀର୍ଘ ବର୍ଷ ହେଲା ଗ୍ରାମର ସାପ୍ତାହିକ ହାଟ ସାଙ୍ଗକୁ ସ୍ଥାନୀୟ ଚାରୋଟି ଗ୍ରାମର ଲୋକଙ୍କର ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଆସୁଅଛି। ସେହିପରି ପଡିଆକୁ ଲାଗିଥିବା ଆବାସିକ ସେବା ଶ୍ରମ ଓ ଦେଉଳା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖେଳପଡିଆ ଭାବରେ ବ୍ୟବହାର କରିଆସୁଛନ୍ତି । ମାତ୍ର ଏହି ପ୍ଲଟ ଉପରେ ବ୍ଲକ ତରଫରୁ ଗତ ୨୦୨୦ ମସିହା ଅକ୍ଟୋବର ମାସରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ ଆରମ୍ଭ ହୋଇଛି। ଏହି ଘର ନିର୍ମାଣ ଆରମ୍ଭ ପରେ ଗ୍ରାମବାସୀ ବିଡିଓ,ତହସିଲଦାର ଏବଂ ଜିଲାପାଳ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ବାଲିଆପାଳ ତହସିଲ ପକ୍ଷରୁ ଗତ ୨୦୨୦ରେ ସ୍ଥାନୀୟ ଆରଆଇ ଶରତ ବେହେରାଙ୍କ ଉପସ୍ଥିତିରେ ମାପ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇଥିଲା। ସେହିପରି ଗ୍ରାମବାସୀଙ୍କ ପକ୍ଷରୁ ମାନ୍ୟବର ଉଚ୍ଚନ୍ୟାଳୟରେ ଡବ୍ଲୁପିସି କେଶ ନଂ ୪୧୪୨/୨୧ରେ ମାମଲା ରୁଜୁକରାଯାଇଥିଲା। ଉଚ୍ଚ ନ୍ୟାଳୟ ପକ୍ଷରୁ ଏହାର ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କେଶ ବର୍ତମାନ ସୁଦ୍ଧା ବିଚାରଧୀନ ରହିଛି। ଏହା ଭିତରେ ଏହି ଘର ଛାତ ପକାଯାଇ ଘର ସଂପୂର୍ଣ୍ଣ ହୋଇ ନ ଥିଲେ ମଧ ଏହାର ୯୦ ପ୍ରତିଶତ ବିଲ ଉଠାଇ ନିଆଯାଇଥିବା ଜଣାଯାଇଛି । କାମ ସଂପର୍କରେ କୌଣସି ସୂଚନ ଫଳକ ଲଗାଯାଉନାହିଁ । ବର୍ତମାନ ଏହି ଦୁର୍ନିତିକୁ ଚପାଇବା ପାଇଁ ତରବରିଆ ଭାବରେ ପୁନଃବାର କାମ କରାଯାଉଛି । ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋପାଳ ଚନ୍ଦ୍ର ମାରାଣ୍ଡି,ରଘୁନାଥ ମୁର୍ମୁ, ପଦ୍ମଲୋଚନ ସେଠୀ, ଶ୍ୟାମସୁନ୍ଦର ହାଁସଦା,ଭୀମ ମାରାଣ୍ଡି, ତପନ ଧଳ, ଦୁଃଖୀରାମ ଟୁଡୁ, ଝାଡେଶ୍ୱର ମଲ୍ଲିକ, ଉମାକାନ୍ତ ରାଉଳ, ଆଦିତ୍ୟ ବେହେରା, ସନ୍ୟାସୀ ମଲ୍ଲିକ, ରଞ୍ଜିତ ବିନ୍ଧାଣୀ, ରବି ସରେନ, ବିରାମ ମୁର୍ମୁ,ପ୍ରଶାନ୍ତ କିସ୍କୁ, ସୁଜିତ ଜେନା, ସମ୍ବିତ ଜେନା, କଟିନ ସେଠୀ, ସେକ ୱାଇଥ ମହମ୍ମଦ,ନର ହାଁସଦା, ନିରଞ୍ଜନ ହାଁସଦା, ଚୈତନ୍ୟ ବାସ୍କେ, କନ୍ଦା ହେମ୍ବରମ,କନ୍ଦା କିସ୍କୁ,ଚନ୍ଦା କିସ୍କୁ,ଚନ୍ଦ୍ର ମୋହନ ମାରାଣ୍ଡି ପ୍ରମୁଖ ଦାବି କରିଛନ୍ତି ।

## ମାଳିପାଳ 'ବାବା ରାମେଶ୍ୱର କ୍ରିକେଟ୍ କ୍ଲବ୍' ପକ୍ଷରୁ ଦୁଇଦିନିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜଳେଶ୍ୱର, ୨୭/୦୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ମାଳିପାଳସ୍ଥିତ ଶ୍ରୀ ଶ୍ରୀ ବାବା ରାମେଶ୍ୱର କ୍ରିକେଟ ଟିମ୍ ଆନୁକୂଲ୍ୟରେ ଅନ୍ୟବର୍ଷପରି ଚଳିତବର୍ଷ ମଧ୍ୟ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟ୍ ଦୁଇଦିନ ଧରି ପଶ୍ଚିମବଂଗ ଓ ଓଡିଶାର ୮ଟି ଦଳକୁ ନେଇ ଏହା ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ଉକ୍ତ ଖେଳକୁ ଉଦ୍‌ଘାଟନ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜକାନ୍ତ ଦାସ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ, ଶିକ୍ଷକ ପଦ୍ମଲୋଚନ ରାଉତ, ସମାଜସେବୀ ଜୟନ୍ତ ଦାସଅଧିକାରୀ ଏବଂ ଡି.ପି.ପୁର ସମିତିସଭ୍ୟା ମୁକୁନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀରାମପୁର ପଂଚାୟତର ସରପଂଚ ଆଲୋକ



କୁମାର ଗିରି ସଭାପତିତ୍ୱ କରି ଏହି ଖେଳ ସୁବର୍ଣ୍ଣରେଖା ନଦୀକୂଳ ଅଂଚଳରେ ଅବସର ବିନୋଦନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି କହିଥିଲେ । ସେହିପରି ଦ୍ୱିତୀୟ ଦିନରେ ଟୁର୍ନାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ବ୍ଲକ ଅଧକ୍ଷ ମାନସ ଯେନା, ସଭାପତି ଆଲୋକ ଗିରି, ମୁଖ୍ୟ ଅଥିତି ବ୍ଲକ୍ ଉପାଧକ୍ଷା ସଞ୍ଜିତା ସେନାପତି, ସମ୍ମାନିତ ଅଥିତି ଅବସରପ୍ରାପ୍ତ ଏବିଓ ରଜତ ଦାସ, ଲକ୍ଷ୍ମଣନାଥ ସମିତି ସଭ୍ୟ ଜିତେନ୍ଦ୍ର ଦାସ, ଗ୍ରାମ ମୁଖ୍ୟ ରାମ ଚନ୍ଦ୍ର ଘୋଷ, ସୁମିତ ରାଉତ, ବିଜୟ ଘୋଷ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲାବେଳେ ପ୍ରଥମ ଦିନରେ ଉପସ୍ଥିତ ଥିବା ସମସ୍ତ ଅତିଥି ଦ୍ୱିତୀୟ ଦିନରେ ମଧ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳରୁ ଆସିଥିବା ଟିମ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଉପାନ୍ତ ଅଂଚଳରେ ଏପରି ଖେଳ ଓ ମେଳି ଭାଇଚାରା ସୃଷ୍ଟି କରିବାରେ ସମର୍ଥ ହୋଇଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଆଜି ଫାଇନେଲ ଟୁର୍ନାମେଣ୍ଟରେ ବାଲିଆପାଳ କ୍ରିକେଟ ଟିମ୍ ସହିତ ବାଇପାଟଣା ଟିମ୍‌ର ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଇପାଟଣା ବିଜୟୀ ହୋଇ କପ୍ ନେଇଥିଲେ ଏବଂ ୧୭ ହଜାର ୫୦୦ ଅର୍ଥ ପ୍ରଦାନ କରାଯାଇଥିଲା ବେଳେ ରନର୍ସ ଅଫ୍ ବାଲିଆପାଳକୁ ୧୪ହଜାର ୫୦୦ ଅର୍ଥ ପ୍ରଦାନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo